ଧରିତ୍ରୀ DHARITRI
49 ୪୯
ଭୁବନେଶ୍ୱର, ବୁଧବାର, ନଭେମ୍ବର ୩୦/୨୦୨୨ (୧୬ ପୃଷ୍ଠା) | Bhubaneswar, Wednesday, November 30/2022 | Page 16 | ₹ 7.00 | ★★★★
୪୯ଶ ଭାଗ ୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 49 ISSUE 7 | ମୂଲ୍ୟ ₹୭/-

DSPL-312

ODISHA NEW OPPORTUNITIES



*Odisha's 3rd flagship Investors' Summit*

# MAKE IN ODISHA CONCLAVE'22

**BHUBANESWAR | 30 NOV-04 DEC | 2022**

*Come & explore the vast investment opportunities in Odisha.*

## Inauguration by
# Shri Naveen Patnaik
Hon'ble Chief Minister, Odisha

5:30 PM | 30th Nov. 2022

Janta Maidan, Bhubaneswar

- Anamorphic Display
- Exhibition
- Drone & Laser Show
- Cultural Program

## COME, JOIN THE JUGGERNAUT

**Gate 1** Entry for Invitee & General Public | **Gate 2** Entry for Special Invitee | **Gate 3** Entry for Media

**Public Timing** 1st-3rd Dec. 2022, 4PM-8PM | 4th Dec. 2022, 11AM-8PM

Industry Partner FICCI | Investment Promotion Advisor pwc | Country Partners Germany Japan Norway




**Live Streaming on Youtube**
https://youtu.be/sYAsXeNuLMs

SCAN ME

Scan to See Live

OIPR-14005/13/0031/2223




# MBBS

NO CAPITATION / NO BANK GUARANTEE

APPROVED FOR 150 INTAKE
FOR ACADEMIC YEAR 2022-23

## Admission Session 2022-23

**SANAKA HOSPITALS** — MALANDIGHI DURGAPUR | SHRI RAMKRISHNA INSTITUTE OF MEDICAL SCIENCES | A UNIT OF SANAKA EDUCATIONAL TRUST

- 700 BEDDED IN CAMPUS SUPER SPECIALITY HOSPITAL
- 100 BEDDED INTENSIVE CRITICAL CARE UNIT
- STATE OF ART INFRASTRUCTURE & LATEST EQUIPMENTS
- 14 YEARS — MORE THAN A DECADE OF EXCELLENCE IN EDUCATION
- 51 ACRES LUSH GREEN COLLEGE CAMPUS

SH IS BEING UPGRADED TO 1000 BEDED HOSPITAL WITH DEDICATED CANCER HOSPITAL & RESEARCH CENTRE



INTRODUCING FOR THE 1ST TIME IN EASTERN INDIA -DIGITAL 160 SLICE PET-CT - FOR RADIOTHERAPY CANCER TREATMENT*



INTRODUCING FOR THE 1ST TIME IN REST OF BENGAL - VARIAN HALCYON 3.0 LINEAR ACCELERATOR FOR RADIOTHERAPY CANCER TREATMENT*

| FACILITIES AT SANAKA HOSPITALS | AVAILABILITY |
|---|---|
| Radiology including MRI (GE - 1.5 TESLA DIGITAL), CT Scan -(TOSHIBA - 64 Slice), USG (GE Vivid IQ), Echo cardiography(GE Vivid IQ ), Digital X-Ray | ✓ |
| Interventional Cardiology with CATH - LAB (GE - Flat Panel),TMT, Holter | ✓ |
| ICU with Cardiac Monitors, High end Ventilators, EMG, NCV, BERA | ✓ |
| NICU & PICU with Neonatal Ventilator & Bubble CPAP | ✓ |
| Nephrology with Dialysis Machine (B.Braun & Fresenius) | ✓ |
| Urology with Cystoscope, Urethral sound, Ureteric balloon catheter, Laser | ✓ |
| Neuro & Spine Surgery with Microscope (Carl Zeiss) & Neuro Drill (Medtronics) | ✓ |
| Orthopaedics including Joint replacement & Arthroscopy | ✓ |
| Pulmonology including Bronchoscopy | ✓ |
| Gastroenterology with GI Endoscope, Colonoscope, ERCP | ✓ |
| General Medicine & Tropical Medicine with infectious disease | ✓ |
| General & Minimally Invasive Surgeries with C- Arm & Modular OTs - laminar flow | ✓ |
| Automated Central Laboratory & Blood Bank (Whole Blood & Component) | ✓ |
| COVID ward with automatic RT-PCR (Robotic) lab | ✓ |
| Oncology / Cancer research centre | To be commissioned* |

THE SKILL TO HEAL
THE SPIRIT TO CARE

## SANAKA HOSPITAL HIGHLIGHTS IN THE LAST 7 YEARS

| | |
|---|---|
| 10,00,000+ | SATISFIED OPD PATIENTS |
| 52,000+ | SATISFIED INDOOR PATIENTS TREATED SUCCESSFULLY |
| 25,000+ | SUCCESSFUL SURGERIES |
| 3500+ | SUCCESSFUL EYE SURGERIES |

### COVID-19 HIGHLIGHTS

**RT-PCR LAB**

| | |
|---|---|
| 100% QUALITY CONTROL CONCORDANCE — ICMR APPROVED, NABL ACCREDITED, MENTORED BY AIIMS BHUBANESWAR | 2,00,000+ COVID 19 RT-PCR TESTS CONDUCTED |

**GOVT. REQUISITIONED COVID HOSPITAL**

| | |
|---|---|
| 5000+ COVID 19 PATIENTS SUCCESSFULLY TREATED | 96.8% HIGHEST RECOVERY RATE |

## SANAKA HOSPITALS IS EMPANELLED WITH

COAL INDIA • ESI • SwasthyaSathi • West Bengal Health Scheme • Eastern Railway • Bridge & Roof (I) Co. Ltd. • DSP ex-employee • All leading Corporate TPAs.

OUR OTHER COURSES: BSC & GNM NURSING | PARAMEDICAL | B. TECH | B. ARCH | B. PHARM | DIPLOMA

APPROVED BY — Ministry of Health and Family Welfare, Government of India — Council of Architecture — AFFILIATED TO

**01.12.2022 | MEET US AT HOTEL PAL HEIGHTS, JAYADEV BIHAR, BHUBANESWAR BETWEEN 9 AM TO 6 PM**

ADMISSION HELPLINE | FOR MBBS 7676 75 0000 | OTHER COURSES 8444 03 0010

Campus: VILL.+P.O.: Malandighi, P.S.: Kanksa, Durgapur-713212, West Bengal | E-mail: sanakaeducationaltrust@gmail.com | SUNDAY OPEN SanakaEducationalTrust setgoi srims.durgapur

# ଧରିତ୍ରୀ DHARITRI

49 ୪୯

ବୁଧବାର, ନଭେମ୍ବର ୩୦/୨୦୨୨ | Wednesday, November 30/2022 | ପୃଷ୍ଠା-୧




**'ଚନ୍ଦ୍ରମୁଖୀ ୨'ରେ କଙ୍ଗନା**

ତାମିଲ ମେଗା ଫିଲ୍ମ 'ଚନ୍ଦ୍ରମୁଖୀ ୨'ରେ ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ମୁଖ୍ୟ ଭୂମିକାରେ ଅଭିନୟ କରିବେ।

୧୩

୧୪

**ଗାକ୍‌ପୋଙ୍କ କୃତିତ୍ୱ**

ନେଦରଲାଣ୍ଡର ଚତୁର୍ଥ ଖେଳାଳିଭାବେ କୋଡି ଗାକ୍‌ପୋ କ୍ରମାଗତ ୩ଟି ବିଶ୍ୱକପ ମ୍ୟାଚରେ ଗୋଲ ଦେବାର କୃତିତ୍ୱ ଅର୍ଜନ କରିଛନ୍ତି।



# ଶିକ୍ଷକ ଆନ୍ଦୋଳନ: ଅଡୁଆରେ ସରକାର

## ବିରୋଧୀଙ୍କ ହୋହଲ୍ଲାରେ ବିଧାନସଭା ଅଚଳ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ଶିକ୍ଷକ ଆନ୍ଦୋଳନ ସରକାରଙ୍କ ଅଡୁଆ ବଢ଼ାଇ ଦେଇଛି। ଦାବି ପୂରଣ ନେଇ ସଚିବ ଓ ମୁଖ୍ୟ ଶାସନ ସଚିବ ସ୍ତରରେ ଆଲୋଚନା ଜାରି ରହିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ପଦ୍ମପୁର ଉପନିର୍ବାଚନ ପାଖେଇ ଆସୁଥିବାବେଳେ ଶିକ୍ଷକଙ୍କ ଆନ୍ଦୋଳନ ସରକାରଙ୍କୁ ହରଡ଼ଘଣାରେ ପକାଇଛି। ଗତ ୩ ଦିନ ହେବ ପ୍ରାଥମିକ ଶିକ୍ଷକମାନେ ଦାବି ପୂରଣ ନେଇ ଗାନ୍ଧୀ ମାର୍ଗକୁ ଅଚଳ କରି ରଖିଛନ୍ତି। ରାତିଦିନ ଧାରଣାରେ ବସି ରହିଛନ୍ତି। ଦାବି ପୂରଣ ନ ହେବାଯାଏ ଆନ୍ଦୋଳନରୁ ନ ଓହରିବାକୁ ଧମକ ଦେଇଛନ୍ତି। ଏଭଳିସ୍ଥଳେ ଶିକ୍ଷକଙ୍କ ପ୍ରସଙ୍ଗକୁ ନେଇ ବିଧାନସଭା ଅଚଳ ହୋଇଛି। ସରକାରଙ୍କୁ ଘେରିବାକୁ ବିରୋଧୀ ଭାଜପା ଏବଂ କଂଗ୍ରେସ ସଦସ୍ୟମାନେ ଶିକ୍ଷକଙ୍କୁ ଅସ୍ତ୍ର କରିଛନ୍ତି। ବିରୋଧୀଙ୍କ ହୋହଲ୍ଲାରେ ବିଧାନସଭା ପ୍ରଶ୍ନକାଳ, ଶୂନ୍ୟକାଳ, ମୁଲତବୀ ଆଲୋଚନା ଉଡ଼ିଯାଇଛି। ଶିକ୍ଷକଙ୍କ ସମସ୍ୟା ସମ୍ପର୍କରେ ସରକାରଙ୍କ ଆଲୋଚନା ବିଷୟରେ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ପଣ୍ଡା ଗୃହରେ ବିବୃତି ଦେଇଥିଲେ। ଏହା ସତ୍ତ୍ୱେ ବିରୋଧୀ ଶାନ୍ତ ପଡ଼ିନାହାନ୍ତି। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ବିଧାନସଭା ବାରମ୍ବାର ମୁଲତବୀ ହୋଇଛି।

ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହେବାମାତ୍ରେ ଶିକ୍ଷକଙ୍କ ସମସ୍ୟାକୁ ନେଇ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ପ୍ରଶ୍ନୋତ୍ତର ବାତିଲ କରି ଶିକ୍ଷକଙ୍କ ସମସ୍ୟା ଉପରେ ସରକାର କି ପଦକ୍ଷେପ ନେଇଛନ୍ତି ତୁରନ୍ତ ଗୃହକୁ ଜଣାନ୍ତୁ ଦାବି କରି ହୋ ହଲ୍ଲା କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଅନୁରୋଧ କରିଥିଲେ ମଧ୍ୟ ବିରୋଧୀ ସଦସ୍ୟ ମାନି ନ ଥିଲେ। ଫଳରେ ବାଚସ୍ପତି ଗୃହକୁ ପୂର୍ବାହ୍ନ ୧୦ଟା ୩୩ ମିନିଟରୁ ୧୧ଟା ୩୦ ମିନିଟଯାଏ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ ମିନିଟରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ପୁଣି ହଟ୍ଟଗୋଳ ଆରମ୍ଭ ହୋଇ ଯାଇଥିଲା। ବାଚସ୍ପତି ଅଚଳାବସ୍ଥାକୁ ଦୂର କରିବାକୁ ସର୍ବଦଳୀୟ ବୈଠକ ☞ପୃଷ୍ଠା-୨

## ସରକାର-ଶିକ୍ଷକ ସଂଘ ଆଲୋଚନା ବିଫଳ



ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆନ୍ଦୋଳନ ଚଳାଇଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନେ।

### ୫୫ ହଜାର ସ୍କୁଲରେ ପାଠପଢ଼ା ବ୍ୟାହତ

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

୩ ପ୍ରମୁଖ ଦଫା ଦାବି ନେଇ ରାଜଧାନୀରେ ପ୍ରାଥମିକ ଶିକ୍ଷକମାନେ ଚଳାଇଥିବା ଆନ୍ଦୋଳନ ମଙ୍ଗଳବାର ତୃତୀୟ ଦିନରେ ପହଞ୍ଚିଛି। ତୃତୀୟ ଦିନରେ ସରକାରଙ୍କ ସହିତ ଶିକ୍ଷକ ସଂଘର ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଆଲୋଚନା ବିଫଳ ହୋଇଥିବାରୁ ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଅନ୍ୟପଟେ ଏହି ଆନ୍ଦୋଳନ ଯୋଗୁ ରାଜ୍ୟରେ ଥିବା ୫୫ ହଜାର ପ୍ରାଥମିକ ସ୍କୁଲରେ ପାଠପଢ଼ା ବାଧାପ୍ରାପ୍ତ ହୋଇଛି।

ସୂଚନାନୁସାରେ, ମଙ୍ଗଳବାର ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଏକ ୧୬ଜଣିଆ ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ। ଠିକା ନିଯୁକ୍ତି ସମ୍ପୂର୍ଣ୍ଣ ପ୍ରତ୍ୟାହାର, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଏବଂ ପୂର୍ବରୁ ଥିବା ପେନ୍‌ସନ ବ୍ୟବସ୍ଥା ପ୍ରଚଳନ ଆଦି ବ୍ୟବସ୍ଥା ନେଇ ପ୍ରାଥମିକ ଶିକ୍ଷକ ସଂଘ ଦାବି କରିଆସୁଛି। ୨୦୧୭ରେ ଉକ୍ତ ଦାବିଗୁଡ଼ିକ ପୂରଣ ନେଇ ଗଣଶିକ୍ଷା ମନ୍ତ୍ରୀ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏ ପଦକ୍ଷେପ ନିଆଯାଇନାହିଁ ବୋଲି ପ୍ରତିନିଧିଦଳ ଆଲୋଚନାରେ ଉପସ୍ଥାପନ କରିଥିଲେ। ତେବେ ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ପୂର୍ବରୁ ଜାଣି ନ ଥିବା କହିବା ସହ ସୋମବାର ବିଭାଗୀୟ ସଚିବଙ୍କ ପାଖରୁ ଜାଣିବାକୁ ପାଇଥିବା କହିଥିଲେ, ଯାହା ଶିକ୍ଷକ ସଂଘକୁ ଆଶ୍ଚର୍ଯ୍ୟ କରିଛି। ସଂଘର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ କହିଛନ୍ତି, ମୁଖ୍ୟ ଶାସନ ସଚିବ ହୋଇ ଯଦି ଏ ସମ୍ପର୍କରେ କିଛି ଜାଣି ନ ଥିବା କହୁଛନ୍ତି, ତେବେ ତାହା ଲଜ୍ଜାର ବିଷୟ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଜୁରି ସଦସ୍ୟ କଲା କିଏ


KT GLOBAL SCHOOL
TRANSFORMING MINDS
CBSE PATTERN
ADMISSIONS OPEN SESSION2023
Nursery - STD VIII (CBSE)
Bhubaneswar Odisha - 752057
9090 1111 77






**୧୮ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର**

ପୃଷ୍ଠା-୨



ଓଲଟି ପଡ଼ିଥିବା ଗ୍ୟାସ୍ ଟ୍ୟାଙ୍କର ଉପରକୁ ଅଗ୍ନିଶମ କର୍ମଚାରୀମାନେ ପାଣି ପକାଉଛନ୍ତି।

## ଗ୍ୟାସ୍ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ, ଗାଡ଼ି ଚଳାଚଳ ବନ୍ଦ

ପଟ୍ଟାଙ୍ଗି,୨୯।୧୧(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ରାଜୁଗଡ଼ା-ତେଲରାଇ ଗ୍ରାମ ମଝି ଜାତୀୟ ରାଜପଥରେ ମଙ୍ଗଳବାର ଏକ ଏଚ୍‌ପି ଗ୍ୟାସ ଟ୍ୟାଙ୍କର ଓଲଟି ପଡିଛି। ସେଥିରୁ ଗ୍ୟାସ ଲିକ୍ କରୁଥିବାରୁ ଉକ୍ତ ରାସ୍ତାରେ ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ କୌଣସି ଗାଡି ଚଳାଚଳ ନ କରିବାକୁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଉକ୍ତ ଟ୍ୟାଙ୍କର (ସିଜି୦୭ବିଏଲ୍-୧୬୮୪)ଟି ବିଶାଖାପାଟଣାରୁ ଛତିଶଗଡ଼ର ରାୟପୁରକୁ ଯାଉଥିଲା। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ଏବଂ ପୋଲିସ ପହଞ୍ଚି ଉକ୍ତ ରାସ୍ତାରେ ଗାଡିମୋଟର ଚଳାଚଳକୁ ବନ୍ଦ କରି ଦେଇଥିଲେ। ଯେକୌଣସି ଅଘଟଣ ରୋକିବା ପାଇଁ ଅଗ୍ନିଶମ ବିଭାଗ ଅଧିକାରୀ ଚିତ୍ତରଞ୍ଜନ ସେଠୀଙ୍କ ତତ୍ତ୍ୱାବଧାନରେ ଦମକଳ ବାହିନୀ ସେଠାରେ ସଜାଗ ରହିଛି। ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କର ଉପରକୁ ପାଣି ମାରି ଲିକ୍ ହେଉଥିବା ଗ୍ୟାସକୁ ନିୟନ୍ତ୍ରଣରେ ରଖିବାକୁ ଉଦ୍ୟମ ଜାରି ରହିଛି। ଦୁର୍ଘଟଣାରେ ଟ୍ୟାଙ୍କର ଚାଳକଙ୍କ କୌଣସି କ୍ଷତି ହୋଇନାହିଁ। ☞ପୃଷ୍ଠା-୨

## ଆଜିଠୁ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ

- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିବେ ଉଦ୍‌ଘାଟନ
- ୧୦ରୁ ଉର୍ଦ୍ଧ୍ୱ ରାଷ୍ଟ୍ରର ଶିଳ୍ପପତି ଯୋଗଦେବେ
- ୧୧,୬୦୦ରୁ ଅଧିକ ସଂସ୍ଥା ପଞ୍ଜୀକରଣ କରିଛନ୍ତି

ଭୁବନେଶ୍ୱର,୨୯।୧୧

'ମେକ୍ ଇନ୍ ଓଡ଼ିଶା'(ଏମ୍ଆଇଓ) କନ୍‌କ୍ଲେଭ-୨୦୨୨ ବୁଧବାରଠାରୁ ଆରମ୍ଭ ହେବ। ୫ଦିନ ବ୍ୟାପି ହେବାକୁ ଥିବା ଏହି କନ୍‌କ୍ଲେଭକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପରାହ୍ନ ସାଢ଼େ ୫ଟାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ। ଏହି କନ୍‌କ୍ଲେଭ ଆସନ୍ତା ୪ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଏଥିରେ ୧୦ରୁ ଅଧିକ ରାଷ୍ଟ୍ରର ଶିଳ୍ପପତି ଏବଂ ବିଭିନ୍ନ କମ୍ପାନୀର ୧୨୪ଜଣ ବକ୍ତା ଯୋଗ ଦେବେ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି ବୋଲି ମଙ୍ଗଳବାର ସ୍ଥାନୀୟ ଜୟଦେବ ବିହାର ନିକଟସ୍ଥ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶିଳ୍ପମନ୍ତ୍ରୀ ପ୍ରତାପ ଦେବ ସୂଚନା ଦେଇଛନ୍ତି। ☞ପୃଷ୍ଠା-୨





ଖବରଦାତା ସମ୍ମିଳନୀରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ସମ୍ପର୍କରେ ସୂଚନା ଦେଉଛନ୍ତି ସୂଚନା ଓ ଲୋକ ସମ୍ପର୍କ ବିଭାଗର ସଚିବ ସଞ୍ଜୟ ସିଂ, ଶକ୍ତି ଓ ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ ଏବଂ ଶିଳ୍ପ ସଚିବ ହେମନ୍ତ ଶର୍ମା।

## ୨ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ

### ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା ମାମଲା

ଜଗତ୍‌ସିଂହପୁର ଅଫିସ, ୨୯।୧୧

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଞ୍ଚଳରେ ୨୦୧୪ରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିଲା। ଏହି ମାମଲାରେ ମଙ୍ଗଳବାର ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଫାଶୀ ଦଣ୍ଡାଦେଶ ଦିଆଯାଇଥିବାବେଳେ ଅନ୍ୟ ୨ ଅଭିଯୁକ୍ତଙ୍କୁ ଖଲାସ କରାଯାଇଛି। ଫାଶୀଦଣ୍ଡରେ ଦଣ୍ଡିତ ଅଭିଯୁକ୍ତ ହେଲେ ଉକ୍ତ ଅଞ୍ଚଳର ସେକ୍ ଆସିଫ ଓ ସେକ୍ ଅକିଲ। ଖଲାସ ଅଭିଯୁକ୍ତ ହେଲେ ସେକ୍ କରିମ ଓ ସେକ୍ ଆବିଦ। ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ୍ କୋର୍ଟ (ପୋକ୍ସୋ) ବିଚାରପତି ଅଜୟ କୁମାର ମହାନ୍ତି ଏହି ମାମଲାର ବିଚାର କରିଥିଲେ। ଏ ସମ୍ପର୍କରେ ସରକାରଙ୍କ ତରଫରୁ ମାମଲା ପରିଚାଳନା କରିଥିବା ଏପିପି ଦୋଳଗୋବିନ୍ଦ ଦାସ କହିଛନ୍ତି, ୨୧।୮।୧୪ ଅପରାହ୍ନ ସମୟରେ ଏହି ଲୋମ ଟାଙ୍କୁରା ଘଟଣା ଘଟିଥିଲା। ସମ୍ପୃକ୍ତା ନାବାଳିକା(୮) ତାଙ୍କ ଦାଦା ପୁଅ ଭାଇ ସହ ଗାଁର ଏକ ଦୋକାନକୁ ଚକୋଲେଟ୍ କିଣିବାକୁ ଯାଇଥିଲେ। ଘରକୁ ଫେରୁଥିବାବେଳେ ଅଭିଯୁକ୍ତମାନେ ନାବାଳିକାଙ୍କୁ ଉଠାଇ ନେଇଥିଲେ। ପ୍ରଥମେ ସେକ୍ ଅକିଲ ନାବାଳିକାଙ୍କ ପାଟି ବନ୍ଦ କଲା ପରେ ସେକ୍ ଆସିଫ ଉଠାଇ ନେଇଥିଲେ। ତା'ପରେ ଗଣବଳାତ୍କାର କରାଯିବା ପରେ କଲବଲ କରି ମାରି ଦେଇଥିଲେ। ହତ୍ୟା ପରେ ଏକ ଅସମ୍ପୂର୍ଣ୍ଣ ଘରର ତାଜା ଉପରେ ମୃତଦେହ ଫିଙ୍ଗିଦେଇଥିଲେ। ପରିବାର ଲୋକଙ୍କଠାରୁ ଖବରପାଇ ପୋଲିସ ଓ ସ୍ଥାନୀୟ ଲୋକେ ବହୁ ସମୟ ଧରି ଖୋଜାଖୋଜି କରିବା ପରେ ମୃତଦେହ ପାଇଥିଲେ। ମୃତକଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ଆଧାରରେ ତିର୍ତ୍ତୋଲ ପୋଲିସ ☞ପୃଷ୍ଠା-୨

## କଶ୍ମୀର ଫାଇଲ୍ସ 'ପ୍ରଚାରଧର୍ମୀ, ଅଶ୍ଳୀଳ'

### ଆଇଏଫ୍‌ଏଫ୍‌ଆଇ ଜୁରି ସଦସ୍ୟମାନଙ୍କ ଭାବନା ବ୍ୟକ୍ତକଲେ ଅଧ୍ୟକ୍ଷ ନଦାଭ ଲାପିଡ୍

ପଣଜୀ/ନୂଆଦିଲ୍ଲୀ,୨୯।୧୧

ଭାରତର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍‌ଏଫ୍‌ଆଇ)ର ଅନ୍ତର୍ଜାତୀୟ ପ୍ରତିଯୋଗିତା ବର୍ଗରେ ସାମିଲ ହୋଇଥିବା ୧୫ ଚଳଚ୍ଚିତ୍ର ମଧ୍ୟରୁ ବିବାଦୀୟ 'ଦି କଶ୍ମୀର ଫାଇଲ୍ସ'କୁ ଏକ ପ୍ରଚାରଧର୍ମୀ, ଅଶ୍ଳୀଳ ସିନେମା ବୋଲି ବିବେଚିତ କରାଯାଇଛି। ୫ ଜଣିଆ ଜୁରି ଏହି ଚଳଚ୍ଚିତ୍ରକୁ ଦେଖିବା ପରେ ବିବ୍ରତ ହୋଇପଡ଼ିଥିଲେ। ସେମାନଙ୍କ ଭାବନାକୁ ବ୍ୟକ୍ତ କରିଛନ୍ତି ମୁଖ୍ୟ ଜୁରି ତଥା ଇସ୍ରାଏଲୀ ପ୍ରଯୋଜକ ନଦାଭ ଲାପିଡ୍। ଲାପିଡ୍‌ଙ୍କ ମତରେ ଏହି ଫିଲ୍ମ ଏଭଳି ଏକ ପ୍ରତିଷ୍ଠିତ ଫିଲ୍ମ ମହୋତ୍ସବର କଳାତ୍ମକ ବର୍ଗରେ ସାମିଲ ହେବା ପାଇଁ ଉପଯୁକ୍ତ ନୁହେଁ। ଲାପିଡ୍‌ଙ୍କ ଏହି ମନ୍ତବ୍ୟକୁ ନେଇ ଝଡ଼ ସୃଷ୍ଟି ହୋଇଛି।





ନଦାଭ ଲାପିଡ୍

ସର୍ବୋତ୍ତମ ସିନେମାଗୁଡ଼ିକୁ ଏକ ପ୍ଲାଟ୍‌ଫର୍ମ ଯୋଗାଇ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଡାଇରେକ୍ଟୋରେଟ୍ ଅଫ୍ ଫିଲ୍ମ ଫେଷ୍ଟିଭାଲ୍ସ ଇନ୍ ଏସିଆ ପକ୍ଷରୁ ପ୍ରତିବର୍ଷ ଭାରତର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍‌ଏଫ୍‌ଆଇ) ଆୟୋଜିତ ହୋଇଥାଏ। ନଭେମ୍ବର ୨୦ରେ ଗୋଆ ରାଜଧାନୀ ପଣଜୀରେ ୫୩ତମ ଚଳଚ୍ଚିତ୍ର ମହୋତ୍ସବକୁ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଉଦ୍‌ଘାଟନ କରିଥିଲେ। ଏହା ଗତ ୨୮ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଆଇଏଫ୍‌ଏଫ୍‌ଆଇ ଅନ୍ତର୍ଜାତୀୟ ପ୍ରତିଯୋଗିତାର ବିଚାରକ ମଣ୍ଡଳୀରେ ଇସ୍ରାଏଲୀ ପ୍ରଯୋଜକ ନଦାଭ ଲାପିଡ୍ ଜୁରି ଅଧ୍ୟକ୍ଷ ଥିବାବେଳେ ସଦସ୍ୟ ଭାବେ ଆମେରିକୀୟ ପ୍ରଯୋଜକ ଜିଙ୍କୋ ଗୋଟୋହ, ସ୍ପାନିଶ୍ ଡକ୍ୟୁମେଣ୍ଟାରି ଫିଲ୍ମ ମେକର ଜାଭିଅର ଅଙ୍ଗୁଲୋ ବର୍ତୁରେନ, ଫରାସୀ ଏଡିଟର ପାସ୍କାଲେ ଚଭାନ୍ସ ଏବଂ ଭାରତୀୟ ନିର୍ଦ୍ଦେଶକ ସୁଦୀପ୍ତୋ ସେନ ରହିଥିଲେ। ଉତ୍ସବ ଉଦ୍‌ଯାପନ ଅବସରରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଓ ଅନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ଲାପିଡ୍ କହିଥିଲେ, ସାଧାରଣତଃ ମୁଁ କୌଣସି ଲେଖା ପଢ଼ି କହି ନ ଥାଏ। କିନ୍ତୁ ଆଜି ସମ୍ପୂର୍ଣ୍ଣ ସଂକ୍ଷିପ୍ତ ଓ ସ୍ପଷ୍ଟ ଭାବେ ନିଜ ବକ୍ତବ୍ୟ ରଖିବାକୁ ଚାହେଁ। ଫେଷ୍ଟିଭାଲର ନିର୍ଦ୍ଦେଶକ ଓ ପ୍ରୋଗ୍ରାମିଂ ମୁଖ୍ୟଙ୍କୁ ☞ପୃଷ୍ଠା-୨

## ମିଶନ ଶକ୍ତି ଗୋଷ୍ଠୀକୁ ବିନା ସୁଧରେ ୫ ଲକ୍ଷ ଟଙ୍କାର ଋଣ

### ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ରାଜ୍ୟର ମିଶନ ଶକ୍ତି ଗୋଷ୍ଠୀକୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ସୁଧରେ ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଏହି ଘୋଷଣା କରିଛନ୍ତି। ୨୦୨୨ ଏପ୍ରିଲ ପହିଲାରୁ ପିଛିଲା ଭାବେ ଏହି ନୂତନ ଋଣ ବ୍ୟବସ୍ଥା ଲାଗୁ ହେବ। ପୂର୍ବରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ସୁଧରେ ଦିଆଯାଉଥିଲା। ଏହାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ରୂପେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ମିଶନ ଶକ୍ତି ମା'ମାନେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିବେ। ଅଧିକ ଟଙ୍କାର ଋଣ ନେଇ ବଡ଼ ବଡ଼ ବ୍ୟବସାୟ କରିପାରିବେ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ରୂପାନ୍ତର କ୍ଷେତ୍ରରେ ମା'ମାନେ ହେଉଛନ୍ତି ଏକ ଅଭିନ୍ନ ଅଙ୍ଗ। ସରକାରଙ୍କ ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

ଧର୍ମୀୟ ରାଜନୀତି ଦେଶ ପାଇଁ କ୍ଷତିକାରକ। ଭୋଟରମାନେ ପ୍ରତ୍ୟେକ ପ୍ରାର୍ଥୀ ଓ ସେମାନଙ୍କ ଦଳ ବିଷୟରେ ଅବଗତ ହେବା ଜରୁରୀ।

– ଗୁଲାମ ନବୀ ଆଜାଦ, ଡେମୋକ୍ରାଟିକ୍ ଆଜାଦ୍ ପାର୍ଟି ଅଧ୍ୟକ୍ଷ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବିଡାନାଶୀ ନଈକୂଳ
ତୋ'ସଙ୍ଗେ ବସିଲି ପେଣ୍ଡି ବଉଳ
ହରାଇଲି ଜାତିକୂଳ।**

ପ୍ରେମ ହେଉଛି ତ୍ୟାଗ, ଭଲ ପାଇବାର ପ୍ରତୀକ। ପ୍ରେମ ମାନେନା ବୟସର ମାପକାଠି କି ଧନୀ ଗରିବର ପ୍ରଭେଦ। ଏହା ହେଉଛି ପବିତ୍ର, ଶାଶ୍ୱତ, ସତ୍ୟ ଆଉ ସନାତନ। ଭଲପାଇବା ଭଳି ପବିତ୍ର ବନ୍ଧନ ଆଗରେ ଜାତି, ସମାଜ, ଧନ, ସମ୍ପତ୍ତି, ପ୍ରତିପତ୍ତି ଏସବୁ ଦେଖାଯାଏନି। ପ୍ରେମ ପାଇଁ ଜାତି, କୁଳ ହରାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଣ ଦେବତାଙ୍କୁ ପତର ପୂଜା
ବାଲିଗିରିଡାକୁ ଚାଉଳ ଭୁଜା।**

ମଣିଷର ଗୁଣ ଏବଂ ବ୍ୟବହାର ହିଁ ତା'ର ଅସଲ ପରିଚୟ ଓ ଯୋଗ୍ୟତା ହୋଇଥାଏ। ଯେଉଁମାନେ ଅନ୍ୟ ପ୍ରତି ଭଦ୍ରୋଚିତ ବ୍ୟବହାର ଦେଖାନ୍ତି, ତାଙ୍କ ପ୍ରତି ଅନ୍ୟମାନେ ମଧ୍ୟ ସେଭଳି ବ୍ୟବହାର ଦେଖାଇଥାନ୍ତି। ଯାହାକୁ ଯେମିତି, ଯେଉଁଠି ଯେମିତି ତାହାହିଁ କରିବା ଠିକ୍। ଅବସ୍ଥା ଦେଖି ବ୍ୟବସ୍ଥା। ଯିଏ ଯେମିତି ବ୍ୟବହାର ପାଇବା ଯୋଗ୍ୟ ତାକୁ ସେମିତି ବ୍ୟବହାର ମିଳିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

**ପ୍ରଥମ ପୃଷ୍ଠାରୁ...**

### ଶିକ୍ଷକ ଆନ୍ଦୋଳନ...

ଡାକିଥିଲେ। ସେଥିପାଇଁ ଗୃହକୁ ୧୧ଟା ୩୧ରୁ ୧୧ଟା ୪୫ ମିନିଟଯାଏ ମୁଲତବୀ ଘୋଷଣା କରିଦେଇଥିଲେ। ପରେ ପୁଣି ୧୦ ମିନଟ ମୁଲତବୀ ଘୋଷଣା କରାଯାଇଥିଲା। ୧୧ଟା ୫୫ ମିନିଟରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଲେ, ଶିକ୍ଷକଙ୍କ ଆନ୍ଦୋଳନ ବିଷୟରେ ସୋମବାର ଗୃହରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ। ଶିକ୍ଷକଙ୍କ ସହ ଆଲୋଚନା ପାଇଁ ସରକାରଙ୍କୁ ବାଚସ୍ପତି ନିର୍ଦ୍ଦେଶଦେଲେ। ହେଲେ ବାଚସ୍ପତିଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଲା ନାହିଁ। ସ୍କୁଲ ଓ ଗଣଶିକ୍ଷା ସଚିବ କହିଲେ, ମୁଁ ନୂଆ କରି ଆସିଛି, ଦାବି ବିଷୟରେ କିଛି ଜାଣିନି। ଶିକ୍ଷକମାନେ ରାତିସାରା ଆନ୍ଦୋଳନରେ ବସିଛନ୍ତି। ରାଜ୍ୟରେ ପାଠପଢ଼ା ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ପାଠପଢ଼ା ନ ହେଲେ ଏ ରାଜ୍ୟର ଉନ୍ନତି ହୋଇପାରିବ ନାହିଁ। ଶିକ୍ଷକ ଆନ୍ଦୋଳନ ଯୋଗୁ ସାଧାରଣ ଲୋକ ହଇରାଣ ହେବା ସହ ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ଯାଇପାରୁ ନାହିଁ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁବାବୁ ବିଧାନସଭାରେ ଉପସ୍ଥିତ ରହୁଥିଲେ। ଲୋକଙ୍କ ସମସ୍ୟା କଥା ଶୁଣୁଥିଲେ। ମାତ୍ର ତାଙ୍କ ନୀତି ଆଦର୍ଶରେ ଚାଲୁଥିବା ଶାସକ ଦଳର ମୁଖ୍ୟମନ୍ତ୍ରୀ ଗୃହକୁ ଆସୁନାହାନ୍ତି। ସବୁ ମନ୍ତ୍ରୀ ପଦ୍ମପୁର ନିର୍ବାଚନରେ ମାତିଛନ୍ତି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଶିକ୍ଷା ଏକ ମୌଳିକ ଅଧିକାର। ସରକାର ଶିକ୍ଷକ ନିଯୁକ୍ତି କରିବାକୁ ବାଧ୍ୟ। ସରକାର ଚାହୁଁଛନ୍ତି ଶିକ୍ଷାର ବିକାଶ ନ ହେଉ। ଶିକ୍ଷାର ବିକାଶ ନ ହେଲେ ନିର୍ବାଚନ ଜିତିବା ସହଜ ହେବ। ସରକାର ତୁରନ୍ତ ଆଲୋଚନା କରି ସମସ୍ୟା ସମାଧାନ କରନ୍ତୁ ବୋଲି ନରସିଂହ କହିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ କହିଛନ୍ତି, ଶିକ୍ଷକମାନେ ଶୀତକାକରରେ ରାଜରାସ୍ତାରେ ପଡ଼ିରହିଛନ୍ତି। ଆମ କ୍ୱାର୍ଟର୍ସରେ ଜାଗା ନାହିଁ। ପରିସ୍ଥିତି ଅସମ୍ଭାଳ ହେଲାଣି। ବାଚସ୍ପତି ରୁଲିଂ ଦେବା ପରେ ଶିକ୍ଷକ ପ୍ରତିନିଧିଙ୍କ ସହ ଯାହା ଆଲୋଚନା ହୋଇଛି, ତାହା ବିଫଳ ହୋଇଛି। ଆମେ କିଛି ଜାଣିପାରୁ ନାହୁଁ। ତୃତୀୟ ଦିନରେ ଆନ୍ଦୋଳନ ପହଞ୍ଚିଲାଣି। ଶିକ୍ଷା ବିଭାଗ ସଚିବ ଦାବି ବିଷୟରେ ଜାଣିନାହାନ୍ତି। ଶିକ୍ଷାମନ୍ତ୍ରୀ ବିଜେଡିକୁ ଜିତାଇବାକୁ ପଦ୍ମପୁରରେ ଡେରା ପକାଇଛନ୍ତି। ଦଳ ଜିତିଲେ ସେ ଟିକେଟ ପାଇବେ। ଟିକେଟ ପାଇଲେ ପୁଣି ଥରେ ମନ୍ତ୍ରୀ ହେବେ। ସେଇ ଚିନ୍ତାରେ ସେ ଅଛନ୍ତି। ଶିକ୍ଷକଙ୍କ କଥା ପଚାରେ କିଏ। ମିଳିତ ପ୍ରାଥମିକ ମହାସଂଘ ବିଭାଗୀୟ ସଚିବ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବଙ୍କୁ ଦାବି ବିଷୟରେ ପୂର୍ବରୁ ଜଣାଇଛନ୍ତି। ତଥାପି ସରକାର ସେମାନଙ୍କ ଦାବି ବିଷୟରେ ଜାଣି ପାରୁନାହାନ୍ତି। କ'ଣ ଆଲୋଚନା ହୋଇଛି ଗୃହକୁ ମନ୍ତ୍ରୀ ଜଣାନ୍ତୁ। ନଚେତ୍ ଏ ଗୃହ ଚାଲିପାରିବ ନାହିଁ।

ବିଜେଡି ସଭ୍ୟ ଅମର ପ୍ରସାଦ ଶତପଥୀ କହିଲେ, ରାଜ୍ୟ ସରକାରଙ୍କ ଗଣଶିକ୍ଷା ସଚିବ ଶିକ୍ଷକମାନଙ୍କ ସହ ଆଲୋଚନା କରିଛନ୍ତି। ଆନ୍ଦୋଳନରୁ ରାଜନୈତିକ ଫାଇଦା ଉଠାଇବାକୁ ଉଦ୍ୟମ କରାଯାଉଛି। କେନ୍ଦ୍ର ସରକାର ସର୍ବଶିକ୍ଷା ଅଭିଯାନ ଅନୁଦାନକୁ ବନ୍ଦ କରିଦେଇଛନ୍ତି। ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ ଶିକ୍ଷକମାନଙ୍କ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେଉଛନ୍ତି। ଆଲୋଚନା ଶେଷ ହୋଇନାହିଁ। ସରକାରଙ୍କ ଦ୍ୱାର ଖୋଲା ରହିଛି। ଆଲୋଚନା ଜରିଆରେ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯାଉଛି।

କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଛନ୍ତି, କେବଳ ଶିକ୍ଷକ ନୁହନ୍ତି, ନର୍ସ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ଧାରଣାରେ ବସିଛନ୍ତି। ସମସ୍ତଙ୍କ ସହ ସରକାର ଆଲୋଚନା କରନ୍ତୁ। ଶୀତଦିନରେ ମା' ଭଉଣୀମାନେ ରାଜରାସ୍ତାରେ ଶୋଉଛନ୍ତି। ସେମାନଙ୍କ ସମସ୍ୟା ସମାଧାନ କରା ନ ଗଲେ ଏ ଗୃହ ଚାଲିପାରିବ ନାହିଁ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଲେ, ଶିକ୍ଷା କ୍ଷେତ୍ରରେ ରାଜ୍ୟ ୨୦ ନମ୍ବର ସ୍ଥାନରେ ରହିଛି। କେରଳରେ ୯୬ ପ୍ରତିଶତ ସାକ୍ଷରତା ହାର ଥିବା ବେଳେ ଓଡ଼ିଶାରେ ୭୨ ପ୍ରତିଶତ ରହିଛି। ବିଜେଡି ସଦସ୍ୟମାନେ ଶିକ୍ଷକଙ୍କ କଥା କିଛି କହିବେନି, କାରଣ ତାଙ୍କର ଟିକେଟ କଟିଯିବ। ପଦ୍ମପୁରରେ ଶିକ୍ଷାମନ୍ତ୍ରୀ ନିର୍ବାଚନ ପ୍ରଚାର କରୁଛନ୍ତି। ସେଠାରେ ନିର୍ବାଚନ ପକ୍କା ହାରିବେ। ସରକାର ଶିକ୍ଷକଙ୍କ ଦାବି ମାନିନିଅନ୍ତୁ।

ଭାଜପା ସଭ୍ୟ ଭାସ୍କର ମଢ଼ାଇ କହିଲେ, ଶିକ୍ଷକମାନଙ୍କର ୩ ଦଫା ଦାବି ସରକାର ତୁରନ୍ତ ପୂରଣ କରନ୍ତୁ। ଏହି ସମୟରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କଲେ। ବାଚସ୍ପତି କହିଲେ, ଶିକ୍ଷକଙ୍କ ସମସ୍ୟା ଉପରେ ସ୍ୱତନ୍ତ୍ର ଭାବେ ଆଲୋଚନା କରିବାକୁ ସୋମବାର ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଲୋଚନା ସମ୍ପର୍କରେ ବିଜ୍ଞାନ ଓ କାରିଗରି ବିଭାଗ ମନ୍ତ୍ରୀ ଅଶୋକ ପଣ୍ଡା କହିବେ ବୋଲି କହିଥିଲେ। ମନ୍ତ୍ରୀ କହିଲେ, ସ୍କୁଲ ଓ ଗଣଶିକ୍ଷା ସଚିବ ୪୫ ମିନିଟ ଧରି ଶିକ୍ଷକ ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ଦାବିର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି। ବିଭାଗୀୟ ସଚିବ ଦାବି ବିଷୟରେ ଅବଗତ ଅଛନ୍ତି। ଆଲୋଚନା ପାଇଁ ସରକାରଙ୍କ ଦ୍ୱାର ଖୋଲା ରହିଛି। ରାଜ୍ୟର ଆର୍ଥିକ ଅବସ୍ଥାକୁ ଦେଖି ସରକାର ପଦକ୍ଷେପ ନେବେ। ଆଜି ମୁଖ୍ୟ ଶାସନ ସଚିବଙ୍କ ସହ ଦାବି ସମ୍ପର୍କରେ ଆଲୋଚନା ହେବ। ଏହା କହିବା ବେଳେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସି ପ୍ରବଳ ପାଟିତୁଣ୍ଡ କଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ବାଚସ୍ପତି ଗୃହକୁ ୧୨ଟା ୩୬ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ତେବେ ଅପରାହ୍ନରେ ମଧ୍ୟ ବିରୋଧୀ ପୁଣି ହଟ୍ଟଗୋଳ କରିଥିଲେ। ପାଟିତୁଣ୍ଡ ଭିତରେ ବିଧାନସଭାରେ ଓଡ଼ିଶା ଜିଲା ଯୋଜନା କମିଟି (ସଂଶୋଧନ) ବିଲ୍-୨୦୨୨ ପାରିତ ହୋଇଥିଲା। ପରିସ୍ଥିତିରେ ସୁଧାର ନ ହେବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ୧୩ ମିନିଟରୁ ବୁଧବାର ପୂର୍ବାହ୍ନ ୧୦ଟା ୩୦ ମିନିଟଯାଏ ଗୃହ ମୁଲତବୀ ଘୋଷଣା କରିଥିଲେ।

### ସରକାର-ଶିକ୍ଷକ ସଂଘ...

ଆଲୋଚନା କରି ଦାବି ପୂରଣ ନିମନ୍ତେ ମୁଖ୍ୟ ଶାସନ ସଚିବ ଆମକୁ ସମୟ ମାଗିଥିଲେ, କିନ୍ତୁ କୌଣସି ଲିଖିତ ପ୍ରତିଶ୍ରୁତି ଦେଲେ ନାହିଁ। ତେଣୁ ଆମେ ଆନ୍ଦୋଳନ ଜାରି ରଖିଛୁ। ବୁଧବାର ସରକାରଙ୍କ ପକ୍ଷରୁ ଆଉ ଥରେ ଆଲୋଚନା ହେବାର ସମ୍ଭାବନା ରହିଛି। ଯଦି ଆଲୋଚନା ସଫଳ ନ ହୁଏ କିମ୍ବା ଆଲୋଚନା ନ ହୁଏ, ତେବେ ସଂଘ ବୁଧବାର ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନେବ। ସେପଟେ ହଜାର ହଜାର ଶିକ୍ଷକ ରାଜଧାନୀରେ ଆନ୍ଦୋଳନରେ ସାମିଲ ଥିବାରୁ ସାରା ରାଜ୍ୟରେ ଥିବା ୫୫ହଜାର ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ବ୍ୟାହତ ହୋଇଛି। ଏପରିକି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଆସନ୍ତା ସପ୍ତାହରେ ଅର୍ଦ୍ଧବାର୍ଷିକୀ ପରୀକ୍ଷା ହେବାର ଥିଲା। ତାହା ହେବ କି ନାହିଁ ସ୍ପଷ୍ଟ ହୋଇନାହିଁ। ଏ ସମ୍ପର୍କରେ ବିଭୁ ପ୍ରସାଦ କହିଛନ୍ତି, ପିଲାଙ୍କ ପାଠପଢ଼ା ବ୍ୟାହତ ହେଉଥିବାରୁ ଆମେ ଦୁଃଖିତ। କିନ୍ତୁ ଆମେ ଆମର ନ୍ୟାଯ୍ୟ ଦାବି ପାଇଁ ଏଠି ରାସ୍ତାରେ ଆନ୍ଦୋଳନ କରୁଛୁ। ସରକାର ତୁରନ୍ତ ଆମ ଦାବି ଏବଂ ପିଲାଙ୍କ ଭବିଷ୍ୟତ ସମ୍ପର୍କରେ ଚିନ୍ତା କରି ପଦକ୍ଷେପ ଗ୍ରହଣ କରନ୍ତୁ। ନଚେତ୍ ଆଗକୁ ସ୍ଥିତି ଭୟଙ୍କର ହୋଇପାରେ। ସରକାର ଆମ ଦାବି ଶୁଣିଲେ ଆମେ ଆନ୍ଦୋଳନ ପ୍ରତ୍ୟାହର କରିବୁ। ଏଥିସହିତ ଆବଶ୍ୟକ ପଡ଼ିଲେ ପିଲାଙ୍କ ଶିକ୍ଷାଦାନରେ ଯେଉଁ କ୍ଷତି ହୋଇଛି, ତା'ପାଇଁ ପ୍ରତିଦିନ ଅତିରିକ୍ତ ଏକଘଣ୍ଟା କ୍ଲାସ୍ କରିବୁ। ନଚେତ୍ ଛୁଟିଦିନରେ ତାହାକୁ ଭରଣା କରିବାକୁ ମନସ୍ଥ କରିଛୁ ବୋଲି ବିଭୁ ପ୍ରସାଦ କହିଛନ୍ତି।

### ମିଶନ ଶକ୍ତି...

ଏହି ନିଷ୍ପତ୍ତି ସେମାନଙ୍କୁ ସଶକ୍ତ କରିବା ସହ ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଆଗାମୀ ୫ ବର୍ଷ ମଧ୍ୟରେ ମିଶନ ଶକ୍ତି ଗୋଷ୍ଠୀଗୁଡ଼ିକୁ ପ୍ରାୟ ୫୦ ହଜାର କୋଟି ଟଙ୍କାର ଋଣ ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରତିଶ୍ରୁତି ଅନୁଯାୟୀ, ରାଜ୍ୟ ସରକାର ମିଶନ ଶକ୍ତିଗୁଡ଼ିକୁ ଗତ ୩ ବର୍ଷରେ ସରକାରୀ ଭାବରେ ୪୦୦୦ କୋଟି ଟଙ୍କାର ବ୍ୟବସାୟ ଯୋଗାଇ ଦେଇଛନ୍ତି। ଏଥିସହିତ ଗତ ୫ ବର୍ଷରେ ମିଶନ ଶକ୍ତି ଗୋଷ୍ଠୀଗୁଡିକୁ ୧୭ ହଜାର କୋଟିରୁ ଅଧିକ ଟଙ୍କାର ଋଣ ଯୋଗାଇ ଦିଆଯାଇଛି।



ସର୍ବନିମ୍ନ ୧୮ ହଜାର ଟଙ୍କା ମାସିକ ବେତନ ପ୍ରଦାନ ଏବଂ ଅନ୍ୟାନ୍ୟ ଦାବିରେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘର ବିଶାଳ ସମାବେଶ ଓ ଧାରଣା।

# ୧୮ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

## ପୁଞ୍ଜିନିବେଶକାରୀଙ୍କ ଉପରେ ଫୋକସ

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅପରାହ୍ନରେ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୁଧବାର ମେକ୍ ଇନ୍ ଓଡ଼ିଶାର ତୃତୀୟ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ରାଜ୍ୟ ସରକାର ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ଲାଗି କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏହାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଥିବା ସୂଚନା ମିଳିଛି। ତେବେ ବିଧାନସଭା ଚାଲିଥିବାରୁ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ କୌଣସି ସୂଚନା ଦିଆଯାଇ ନାହିଁ। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କ୍ୟାବିନେଟ୍‌ରେ ମୋଟ ୧୮ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏ ସମସ୍ତ ପ୍ରସ୍ତାବ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭକୁ ଦୃଷ୍ଟିରେ ରଖି କରାଯାଇଛି। ଶିଳ୍ପ, ସ୍ୱାସ୍ଥ୍ୟ, ଏମ୍ଏସ୍ଏମ୍ଇ, କୃଷି, ନଗର ଉନ୍ନୟନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ପଞ୍ଚାୟତିରାଜ ବିଭାଗ, ଶକ୍ତି ବିଭାଗ, ସୂଚନା ଓ ପ୍ରଯୁକ୍ତି ବିଭାଗର ବିଭିନ୍ନ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ସୌରଶକ୍ତି ନୀତି, ଶିଳ୍ପ ନୀତି, ଖାଦ୍ୟ ପ୍ରକ୍ରିୟାକରଣ ଆଦି କ୍ଷେତ୍ରରେ ପ୍ରୋତ୍ସାହନ ବ୍ୟବସ୍ଥାକୁ ସରଳୀକରଣ କରାଯାଇଥିବା ସୂଚନା ମିଳିଛି।

# 'ପ୍ରୟୋଗାତ୍ମକ ସାହିତ୍ୟର ପ୍ରମୁଖ ଭୂମିକା ରହିଛି'




ପୁସ୍ତକ ମେଳାର ୪ର୍ଥ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ।

## ଭଦ୍ରକ ପୁସ୍ତକ ମେଳାର ୪ର୍ଥ ସନ୍ଧ୍ୟା

**ଭଦ୍ରକ ଅଫିସ,୨୯।୧୧**

ରାଷ୍ଟ୍ର ନିର୍ମାଣ, ସଭ୍ୟତା ପରିବର୍ତ୍ତନ ଓ ମାନବ ଜାତିର ବିକାଶ ଲାଗି ଚେତନାର ଉତ୍ତରଣ ହେବା ଆବଶ୍ୟକ। ସମ୍ପ୍ରତି ପ୍ରୟୋଗାତ୍ମକ ସାହିତ୍ୟର ପ୍ରମୁଖ ଭୂମିକା ରହିଛି ବୋଲି ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଚାଲିଥିବା ୨୨ତମ ଭଦ୍ରକ ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବାସୁଦେବ ବାରିକ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲା ଭୂ-ଅର୍ଜନ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ, କଥାକାର ନିତ୍ୟାନନ୍ଦ ମହାପାତ୍ର, ମୁଖ୍ୟବକ୍ତା ପ୍ରଫେସର ରାଜକିଶୋର ସାହୁ, ବରେଣ୍ୟ ବକ୍ତା ଇଂ. ଅଭୟ ସୂତାର, ବରେଣ୍ୟ ଅତିଥି ଭାବେ ବରିଷ୍ଠ ଚିକିତ୍ସକ ଡା. ପ୍ରଦୀପ ନାୟକ ଓ ପ୍ରାଧ୍ୟାପିକା ଡ. ରାଧାରାଣୀ ମହାପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ଓ ଅଧିବକ୍ତା ଗଦାଧର ବଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶ୍ରୀହର୍ଷ ସ୍ୱାଇଁ, କବି ପ୍ରଦୀପ୍ତ ମହାନ୍ତି, ପ୍ରାଧ୍ୟାପକ ଗୋଲକ ବିହାରୀ ସାହୁ, ମନୋଜ କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ୨ ଅଭିଯୁକ୍ତଙ୍କୁ...

ଦଫା ନଂ. ୩୦୨/୩୭୬/୩୭୬(ଡି)ରେ ମାମଲା (ନଂ. ୧୮୩/୧୪) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ଉପରୋକ୍ତ ୪ ଅଭିଯୁକ୍ତମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ୮ ବର୍ଷ ପରେ ୨୭ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

### ଆଜିଠୁ ମେକ୍...

୨୦୧୬ ଏବଂ ୨୦୧୮ରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ସଫଳ ଆୟୋଜନ ପରେ ୨୦୨୨ରେ ହେବାକୁ ଥିବା ୩ୟ ସଂସ୍କରଣର ବ୍ୟାପକ ସଫଳତା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରିଛନ୍ତି। ମନ୍ତ୍ରୀ ପ୍ରତାପ ଦେବ ଏମ୍ଆଇଓ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇ କହିଛନ୍ତି ଯେ କନ୍‌କ୍ଲେଭରେ ଭାଗନେବା ପାଇଁ ଏ ପର୍ଯ୍ୟନ୍ତ ୧୧,୬୦୦ରୁ ଅଧିକ ସଂସ୍ଥା ପଞ୍ଜୀକରଣ କରିଛନ୍ତି। ଏପରିକି ରାଜ୍ୟର ବିକାଶ ପାଇଁ ସରକାର ଏକ ବୃହତ୍ ତଥା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟ ଗ୍ରହଣ କରିଛନ୍ତି। ଗତ ୨ଟି ସଂସ୍କରଣ ତୁଳନାରେ ୩ୟ ସଂସ୍କରଣ ସବୁ ଦୃଷ୍ଟିରୁ ଭଲ ଓ ଫଳପ୍ରଦ ହେବ। କନ୍‌କ୍ଲେଭର ସଫଳ ରୂପାୟନ ପାଇଁ ରାଜ୍ୟ ସରକାରଙ୍କ ୨୨ଟି ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟଭାର ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ ପ୍ରତାପ ଦେବ କହିଥିଲେ। ଶିଳ୍ପ ସଚିବ ହେମନ୍ତ ଶର୍ମା ଏମ୍ଓଆଇର ଆଭିମୁଖ୍ୟ ସାଙ୍ଗକୁ ଏମ୍ଆଇଓ ପୋର୍ଟାଲରେ ପ୍ରତିଦିନରେ କାର୍ଯ୍ୟକ୍ରମ, ପ୍ରତିନିଧି ଏବଂ ଅଂଶଗ୍ରହଣକାରୀଙ୍କ ପାଇଁ ସର୍ବଦଳୀୟ ଅଧିବେଶନ, ଥିମେଟିକ୍ ଅଧିବେଶନ, ସେକ୍ଟରାଲ ଅଧିବେଶନ, ସ୍ପିକର ତାଲିକା ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ରହିଥିବା କହିଥିଲେ। ଏମ୍ଓଆଇ କନ୍‌କ୍ଲେଭ୍-୨୨କୁ ଅଧିକରୁ ଅଧିକ ଲୋକାଭିମୁଖ୍ୟ କରିବା ସହ ଏହାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଗତ ୩ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ ଦେଶର ପ୍ରମୁଖ ସହର କୋଏମ୍ବାଟୁର, ଜାମଶେଦପୁର, ଅହମ୍ମଦାବାଦ, ଲକ୍ଷ୍ନୌ, ନୂଆଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଭଳି ବିଭିନ୍ନ ମେଟ୍ରୋ ସହର ଏବଂ ଦୁବାଇଠାରେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଉପରୋକ୍ତ ସମସ୍ତ ରୋଡ୍ ଶୋ'ରୁ ବହୁଳ ଭାବେ ସକାରାତ୍ମକ ପ୍ରତିକ୍ରିୟା ପାଇବା ପରେ ଉକ୍ତ କନ୍‌କ୍ଲେଭ କର୍ପୋରେଟ୍ ଇଣ୍ଡିଆରୁ ବହୁଳ ପରିମାଣର ଅଂଶଗ୍ରହଣ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି। କନ୍‌କ୍ଲେଭରେ ଆର୍ସେଲର ମିତ୍ତଲର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଏଲ୍.ଏନ୍. ମିତ୍ତଲ, ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଚେୟାରମ୍ୟାନ କୁମାର ମଙ୍ଗଳମ ବିର୍ଲା, ବେଦାନ୍ତ ରିସୋର୍ସ ଲିମିଟେଡ୍‌ର ଚେୟାରମ୍ୟାନ ଅନିଲ ଅଗ୍ରୱାଲ, ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ସଜନ ଜିନ୍ଦଲ, ଜେଏସ୍‌ପିଏଲ୍‌ର ଚେୟାରମ୍ୟାନ ନବୀନ ଜିନ୍ଦଲ ଏବଂ ଟାଟା ଷ୍ଟିଲ୍‌ର ଏମ୍‌ଡି ତଥା ସିଇଓ ଟି. ଭି. ନରେନ୍ଦ୍ରନ୍‌ଙ୍କ ସମେତ ବହୁ ଜଣାଶୁଣା ଶିଳ୍ପପତି ମଧ୍ୟ ଉକ୍ତ କନ୍‌କ୍ଲେଭରେ ସାମିଲ ହେଉଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ , ଜାପାନ, ନରୱେ ଏବଂ ଜର୍ମାନୀ ଚଳିତ ବର୍ଷର କଣ୍ଟ୍ରି ପାର୍ଟନର ଥିବା ବେଳେ ସେମାନଙ୍କର ପ୍ରତିନିଧିମାନେ ମଧ୍ୟ ଉକ୍ତ ସମାରୋହରେ ଯୋଗଦେବେ ବୋଲି ସୂଚନା ମିଳିଛି। ଖବରଦାତା ସମ୍ମିଳନୀରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ସଚିବ ସଞ୍ଜୟ ସିଂଙ୍କ ସମେତ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

### କଶ୍ମୀର ଫାଇଲ୍ସ...

ଏହାର ସିନେମାଟିକ୍ (ଚଳଚ୍ଚିତ୍ର ସମ୍ବନ୍ଧୀୟ) ସମୃଦ୍ଧି ଓ ବିବିଧତା ପାଇଁ ଧନ୍ୟବାଦ ଜଣାଉଛି। ଇଣ୍ଟରନ୍ୟାଶନାଲ କମ୍ପିଟିଶନରେ ୧୫ ଫିଲ୍ମ ରହିଥିଲା। ସେଥିରୁ ୧୪ଟି ଫିଲ୍ମର ସିନେମାଟିକ୍ ଗୁଣବତ୍ତା ରହିଛି। ଏହି ଫିଲ୍ମଗୁଡ଼ିକ ଏକ ମହତ୍ତ୍ୱପୂର୍ଣ୍ଣ ବିତର୍କ ସୃଷ୍ଟି କରିଛନ୍ତି, ଯାହାକି କଳା ଓ ଜୀବନ ପାଇଁ ଅପରିହାର୍ଯ୍ୟ। କିନ୍ତୁ କଶ୍ମୀର ଫାଇଲ୍ସ ଫିଲ୍ମକୁ ନେଇ ଆମେ ସମସ୍ତେ ବିଚଳିତ ଓ ବିସ୍ମିତ। ଆମେ ଏହାକୁ ଏକ ପ୍ରୋପାଗଣ୍ଡା (ପ୍ରଚାର ଅଭିଯାନ) ଅଶ୍ଲୀଳ ଚଳଚ୍ଚିତ୍ର ମନେକରୁଛୁ, ଯାହାକି ଏହି ମର୍ଯ୍ୟାଦାଜନକ ଫିଲ୍ମ ଫେଷ୍ଟିଭାଲର ଏକ କଳାତ୍ମକ ପ୍ରତିଯୋଗିତା ବର୍ଗ ପାଇଁ ଅନୁପଯୁକ୍ତ। ଏହି ଭାବନାକୁ ମଞ୍ଚରେ ଉପସ୍ଥିତ ଥିବା ଅତିଥିମାନଙ୍କ ସହ ଶେୟାର କରିବାରେ ମୁଁ କୌଣସି ଦ୍ୱିଧା ଅନୁଭବ କରୁନାହିଁ ବୋଲି ଲାପିଡ୍ କହିଥିଲେ।

ବିବେକ ଅଗ୍ନିହୋତ୍ରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ତଥା ଅନୁପମ ଖେର, ମିଥୁନ ଚକ୍ରବର୍ତ୍ତୀ ଓ ପଲ୍ଲବୀ ଜୋଷୀଙ୍କ ଅଭିନୀତ କଶ୍ମୀର ଫାଇଲ୍ସକୁ ଗତ ସପ୍ତାହରେ 'ପାନୋରାମା' ବର୍ଗରେ ପ୍ରଦର୍ଶନ କରାଯାଇଥିଲା। ୧୯୯୦ ଦଶକରେ କଶ୍ମୀରୀ ପଣ୍ଡିତମାନଙ୍କ ଗଣପଳାୟନ ଓ ସେମାନଙ୍କୁ ଟାର୍ଗେଟ କିଲିଂ କରାଯିବା ପୃଷ୍ଠଭୂମି ଉପରେ ଫିଲ୍ମ ଗତିଶୀଳ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ଭାଜପା ନେତାମାନେ କଶ୍ମୀର ଫାଇଲ୍ସକୁ ଉଚ୍ଚ ପ୍ରଶଂସା କରିଥିଲେ। ଏପରି କି କେତେକ ଭାଜପା ଶାସିତ ରାଜ୍ୟରେ ଫିଲ୍ମକୁ ଟିକସମୁକ୍ତ କରାଯାଇଥିଲା। ଏହା ଚଳିତବର୍ଷ ମୁକ୍ତିଲାଭ କରିଥିବା ହିନ୍ଦୀ ଫିଲ୍ମଗୁଡ଼ିକ ମଧ୍ୟରେ ସର୍ବାଧିକ ଆୟକାରୀ ସିନେମା ଥିଲା। ଗତ ମେ'ରେ ସିଙ୍ଗାପୁର କଶ୍ମୀର ଫାଇଲ୍ସକୁ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ସୃଷ୍ଟିକାରୀ ଦର୍ଶାଇ ଏହା ଉପରେ ନିଷେଧାଦେଶ ଜାରି କରିଥିଲା।

### ଗ୍ୟାସ୍ ଟ୍ୟାଙ୍କର...

କୋରାପୁଟ ଜିଲାପାଳ ଅବଦାଲ ଏମ୍. ଅଖତର ଗ୍ୟାସ ଟ୍ୟାଙ୍କର ଦୁର୍ଘଟଣା ଯୋଗୁ ଗାଡ଼ି ମୋଟର ଚଳାଚଳ ବନ୍ଦ ଥିବା ସମ୍ପର୍କରେ ଟୁଇଟ୍ ଯୋଗେ ଲୋକଙ୍କୁ ଅବଗତ କରାଇଛନ୍ତି। ମାତ୍ର ଯେଉଁ ଯାତ୍ରୀମାନେ ଆନ୍ଧ୍ର ଅଭିମୁଖେ ଯିବାକୁ ଚାହିଁବେ, ସେମାନେ ପଟାଙ୍ଗି ପୂର୍ବରୁ ଥିବା ପୁକାଲି ଛକଠାରୁ ଡାହାଣକୁ ଯାଇଥିବା ରାସ୍ତାରେ ଯାଇ ପୁକାଲି ସାପ୍ତାହିକ ହାଟରୁ ବାମପଟେ ଅନ୍ୟ ଏକ ରାସ୍ତାରେ ଚନ୍ଦକା ରାଲେଗଡା ଦେଇ ଆନ୍ଧ୍ର ଅଭିମୁଖେ ଯାଇପାରିବେ ବୋଲି ଅବଗତ କରାଇଛନ୍ତି। ଏ ସମ୍ପର୍କରେ ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ କଟାଙ୍କୁ ପଚାରିବାରୁ ସେ କହିଲେ, ରେଲେଗଡ଼ା ପଞ୍ଚାୟତର ବିଭିନ୍ନ ଗ୍ରାମରେ ନିଆଁ ଲଗାଇବାକୁ ପୋଲିସ ଆସି ମନା କରିଛି। ଫଳରେ ବର୍ତ୍ତମାନ ଲୋକେ ରୋଷେଇବାସ କରିପାରି ନାହାନ୍ତି। ପ୍ରଶାସନ ପକ୍ଷରୁ ସେମାନଙ୍କ ପାଇଁ କୌଣସି ଖାଦ୍ୟ ବ୍ୟବସ୍ଥା କରାଯାଇନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପାରିବାରିକ କ୍ଷେତ୍ରରେ ଯୁକ୍ତିତର୍କ ମାନସିକ ଅଶାନ୍ତିକୁ ନିମନ୍ତ୍ରଣ କରିପାରେ। ସରକାରୀ ସ୍ତରରୁ ପ୍ରତୀକ୍ଷିତ ଖବରଟି ଜଣେ ସହକର୍ମୀଙ୍କ ଜରିଆରେ ପାଇପାରନ୍ତି। ସାଂସ୍କୃତିକ କିମ୍ବା କ୍ରୀଡ଼ା, ଚଳଚ୍ଚିତ୍ରରେ ସହୃଦୟ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ଯୋଜନା ମୁତାବକ କାମ କଲେ କୌଣସି ଅସୁବିଧା ହେବ ନାହିଁ।

**ବୃଷ**
ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ହଠାତ୍ ଆପଣଙ୍କୁ ଆକସ୍ମିକ ଯାତ୍ରା କରିବାକୁ ପଡ଼ିପାରେ। ଦିନଭରି ବିଶେଷ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମିଥୁନ**
ସବୁ ସାହାଯ୍ୟ ଦେବା ସକାଶେ ବନ୍ଧୁ ପ୍ରତିଶ୍ରୁତି ଦେଇ ଶେଷ ସମୟରେ ନାସ୍ତିବାଣୀ ଶୁଣାଇ ପାରନ୍ତି। ବାଟରେ ଯିବା ଆସିବା ସମୟରେ କୌଣସି ଅଜଣା ବ୍ୟକ୍ତିଙ୍କ କଟୁକ୍ତି ଅସହ୍ୟ ହେବ। ଅତୀତରେ ହଜିଯାଇଥିବା କିମ୍ବା ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ବହୁତ ଦିନରୁ ଅଟକି ରହିଥିବା କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ।

**କର୍କଟ**
ପାରିବାରିକ ସମସ୍ୟା ସମାଧାନ ନେଇ ଆଶାୟୀ ହୋଇପାରନ୍ତି। ରାଜନୀତି, ସଂଗଠନ, ସଭାସମିତି, ସାଂସ୍କୃତିକ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ଆତ୍ମୀୟଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବାର ସୁଯୋଗ ଲାଭ କରିବେ।

**ସିଂହ**
ଭଲ ସମ୍ପର୍କ ନ ଥିବା ପଡ଼ୋଶୀଙ୍କ ଟାହି, ଟାପରା ମନକୁ ବିଷାଦିତ କରିବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ମଧ୍ୟ ବ୍ୟସ୍ତତା ଦ୍ୱିଗୁଣିତ ହୋଇପାରେ। କଳା, ସାହିତ୍ୟ, ଏଜେନ୍ସି ଏବଂ ସାମ୍ବାଦିକତାରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

**କନ୍ୟା**
କର୍ମକ୍ଷେତ୍ରରେ ଯୁକ୍ତିତର୍କ ପୂର୍ବକ ସହକର୍ମୀଙ୍କ ସହ ବାଦବିବାଦ ଜଟିଳ ହୋଇପାରେ। ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଅବଶ୍ୟ ଲାଭବାନ୍ ହେବେ। ପାରିବାରିକ ଅସ୍ଥିରତା କ୍ରମଶଃ ବୃଦ୍ଧି ପାଉଥିବାରୁ ଦୁଶ୍ଚିନ୍ତା ବହୁଗୁଣିତ ହେବାର ଆଶଙ୍କା ରହିଛି। ଅସ୍ଥିରତା ମଧ୍ୟରେ ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାକୁ ବାଧ୍ୟହେବେ।

**ତୁଳା**
ଆଜି ପରିସ୍ଥିତି ଯେତେ ଜଟିଳ ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ବିନୟ ପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ପରିବାର ମଧ୍ୟରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ।

**ବିଛା**
କୌଣସି କାମ ତରବରିଆ ଭାବେ ନ କରି ସବୁ ଆଡ଼କୁ ନଜର ଦେଇ କଲେ ଭଲ ହେବ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ବନ୍ଧୁଙ୍କ ସାହାଯ୍ୟ ନେଇ ପାରିବାରିକ ତିକ୍ତତାର ସମାପ୍ତି ପାଇଁ କର୍ମପନ୍ଥା ଅବଲମ୍ବନ କରିବେ। ସତ୍‌ସଙ୍ଗ ଲାଭ କରିବା ସାଙ୍ଗକୁ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲଭିବେ।

**ଧନୁ**
ପ୍ରତ୍ୟେକ କ୍ଷେତ୍ରରେ ନିଜର ଦୃଢ଼ତା ହେତୁ ମାନସିକ ସ୍ଥିତି ସୁଦୃଢ଼ ରହିବ। ପାରିବାରିକ, ପରିବହନ, ପ୍ରଶାସନିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ସାହିତ୍ୟ, ସାମ୍ବାଦିକତା, ଅଧ୍ୟୟନ, ଅଧ୍ୟାପନା କ୍ଷେତ୍ରରେ ସମ୍ମାନିତ ହେବେ। ସବୁଭଲ ଥିଲେ ମଧ୍ୟ କୌଣସି ବିଫଳତାକୁ ନେଇ ମାନସିକ ସ୍ତରରେ ଅଶାନ୍ତି ଅନୁଭବ କରିପାରନ୍ତି।

**ମକର**
ଭାବପ୍ରବଣତା ବୃଦ୍ଧି ମାନସିକ ଅସ୍ଥିରତା ସହିତ ଧୈର୍ଯ୍ୟଚ୍ୟୁତି ଘଟାଇପାରେ। ପଡ଼ୋଶୀ, ସହକର୍ମୀ କିମ୍ବା ଆତ୍ମୀୟମାନଙ୍କ ସହୃଦୟତା ମନୋବଳ ବଢ଼ାଇବାରେ ସାହାଯ୍ୟ କରିବ। ଆଜି ସକାଳୁ ସାଂସ୍କୃତିକ କାର୍ଯ୍ୟକ୍ରମ, ଯୋଗାଯୋଗ, ସଭାସମିତି କ୍ଷେତ୍ରରୁ ଉଚ୍ଚ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ**
ଆଜି କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁଙ୍କ ସାହାଯ୍ୟ କ୍ରମେ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଜମିଜମା ସମ୍ପର୍କିତ ବିବାଦ ଦେଖାଦେବାର ବହୁତ ସମ୍ଭାବନା ରହିଛି। ଋଣ ପରିଶୋଧ କରିବା ପାଇଁ ବିଭିନ୍ନ ପ୍ରକାରର ଯୋଜନା କରିପାରନ୍ତି।

**ମୀନ**
ପାରିବାରିକ ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ନିଜର ବ୍ୟବହାରିକ ଜ୍ଞାନ କୌଶଳ ପ୍ରୟୋଗ କରିପାରିଲେ ବ୍ୟବସାୟିକ ସ୍ଥିତିକୁ ସୁଦୃଢ଼ କରିପାରିବେ। କଳା, ସାହିତ୍ୟ ଓ ଚଳଚ୍ଚିତ୍ର, ସଙ୍ଗୀତାଦି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ତଥାପି ସାମୟିକ ଭାବରେ ପାରିବାରିକ ସମସ୍ୟା ବିଷୟରେ ଚିନ୍ତା କରି ବ୍ୟସ୍ତ ରହିବେ।

ଆଜି ନଭେମ୍ବର ୩୦ ତାରିଖ, ମାର୍ଗଶିର ଶୁକ୍ଳ ସପ୍ତମୀ ଯୁକ୍ତ ଅଷ୍ଟମୀ ବୁଧବାର, ସାର୍ ଜଗଦୀଶ ଚନ୍ଦ୍ର ବୋଷଙ୍କ ଜୟନ୍ତୀ। ରାଶିନକ୍ଷତ୍ର- ସକାଳ ଘ.୦୭.୧୧ମି.ଗତେ ଶତଭିଷା/କୁମ୍ଭ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୬.୦୭ମି. ଗତେ ଘ.୦୮.୧୮ମି. ମଧ୍ୟେ, ଘ. ୧୦.୨୯ମି. ଗତେ ଘ.୧୧.୩୫ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୩୫ମି. ଗତେ ଘ.୧୨.୫୬ମି. ମଧ୍ୟେ ରାହୁକାଳ।




# ଚଳଚ୍ଚିତ୍ର ପ୍ରଯୋଜକ ପ୍ରମୋଦ ସ୍ୱାଇଁଙ୍କୁ ଇଡିର ଜେରା

## ଅର୍ଚ୍ଚନାଙ୍କ ବେଆଇନ ଅର୍ଥ କାରବାର ମାମଲା

■ ୫ ବର୍ଷ ତଳର ଘଟଣାକୁ ନେଇ ପଚରାଉଚରା

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ବହୁଚର୍ଚ୍ଚିତ ଲେଡି ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ବେଆଇନ ଆର୍ଥିକ କାରବାରର ଚେର କେଉଁଆଡ଼େ ଲମ୍ବିଛି ତାହାର ଖୋଳତାଡ଼ ଜାରି ରଖିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଅର୍ଚ୍ଚନାଙ୍କ ସହ ଆର୍ଥିକ କାରବାର କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣକ ପରେ ଜଣଙ୍କୁ ଜେରା କରି ତଥ୍ୟ ହାସଲ କରୁଛି ଇଡି। ଏହାରି ଭିତରେ ମଙ୍ଗଳବାର ଅର୍ଚ୍ଚନା ରହୁଥିବା ଘର ମାଲିକ ତଥା ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ପ୍ରମୋଦ ସ୍ୱାଇଁଙ୍କୁ ଇଡି ଜେରା କରିଛି। ୫ ବର୍ଷ ତଳେ ଅର୍ଥାତ୍ ୨୦୧୭ରେ ଅର୍ଚ୍ଚନା ଓ ପ୍ରମୋଦଙ୍କ ମଧ୍ୟରେ ଘଟିଥିବା କିଛି ରୋଚକ ଘଟଣାକୁ ନେଇ ଇଡି ପଚରାଉଚରା କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅର୍ଚ୍ଚନା ଭୁବନେଶ୍ୱର ଆସିବା ପରେ ୨୦୧୬ରୁ ପ୍ରାୟ ୧୧ ମାସ ଧରି ଭୁବନେଶ୍ୱର ବରମୁଣ୍ଡାସ୍ଥିତ ପ୍ରମୋଦଙ୍କ ଘରେ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ସହ ଭଡ଼ାରେ ରହୁଥିଲେ। ଏପରିକି ଉପର ମହଲାରେ ସହଯୋଗୀ ଶ୍ରଦ୍ଧାଞ୍ଜଳି ମଧ୍ୟ ରହୁଥିଲେ। ସେତେବେଳେ ୯ ହଜାର ଟଙ୍କା ମାସିକ ଭଡ଼ା ଥିଲା। ୨ ମାସ ଟଙ୍କା ଦେବା ପରେ ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳି ଭଡ଼ା ଟଙ୍କା ଦେବା ବନ୍ଦ କରିଦେଇଥିଲେ। ଘର ଛାଡ଼ିବାକୁ କହିବାରୁ ଅର୍ଚ୍ଚନା ୫ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ଭଡ଼ା ଟଙ୍କା ନ ଦେବାରୁ ୨୦୧୭ ସେପ୍ଟେମ୍ବରରେ ପ୍ରମୋଦ ଖଣ୍ଡଗିରି ଥାନାରେ ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳିଙ୍କ ନାମରେ ଅଭିଯୋଗ କରିଥିଲେ। ତେବେ ଏହି ଘଟଣାର ୨ମାସ ପରେ ପ୍ରମୋଦଙ୍କ ନାମରେ ଅର୍ଚ୍ଚନା ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଥିଲେ। ଅର୍ଚ୍ଚନା ତାଙ୍କ ଏତଲାରେ ଉଲ୍ଲେଖ କରିଥିଲେ, ହିରୋଇନ କରିବାକୁ ପ୍ରତିଶ୍ରୁତି ଦେଇ ପ୍ରମୋଦ ତାଙ୍କର ଅଶ୍ଳୀଳ ଫଟୋ ଉଠାଇ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ଏପରିକି ସେ ଗର୍ଭବତୀ ଥିବା ସମୟରେ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ। ଅନ୍ୟପକ୍ଷରେ ଏହି ଅଭିଯୋଗ ପରେ ଉଭୟଙ୍କ ମଧ୍ୟରେ ମାମଲାର ରଫାଦଫା ହୋଇଥିଲା ବୋଲି କୁହାଯାଉଛି। ଏହା ପଛରେ ବଡ଼ ଡିଲ୍ ହୋଇଥିବା ଇଡି ସନ୍ଦେହ କରିଛି।

ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ପ୍ରମୋଦ ନୟାପଲ୍ଲୀସ୍ଥିତ ଇଡିର ଆଞ୍ଚଳିକ କାର୍ଯ୍ୟାଳୟରେ ହାଜର ହେବା ସମୟରେ ଗଣମାଧ୍ୟମକୁ କହିଥିଲେ, ଅର୍ଚ୍ଚନା ତାଙ୍କୁ ବ୍ଲାକ୍‌ମେଲ୍ କରିଥିଲେ। ଜେରା ପରେ ବାହାରିବା ପରେ ସବୁ କହିବି ବୋଲି କହିଥିଲେ। ତେବେ ଇଡି ତାଙ୍କୁ ଗୁଡ଼ାଇ ତୁଡ଼ାଇ ପ୍ରଶ୍ନ କରିଥିବା ସୂଚନା ମିଳିଛି। ଅର୍ଚ୍ଚନା କେତେ ଟଙ୍କା ଭଡ଼ା ଦେଉଥିଲେ, କିଏ କିଏ ତାଙ୍କ ଘରକୁ ଆସୁଥିଲେ, କି ପରିଚୟ ଦେଉଥିଲେ, ୫ ବର୍ଷ ତଳର ମାମଲାକୁ ନେଇ ଟଙ୍କା ଡିଲ୍ ହୋଇଥିଲା କି ଏପରି ବିଭିନ୍ନ ଦିଗକୁ ନେଇ ପ୍ରମୋଦଙ୍କୁ ଇଡି ପଚରାଉଚରା କରି ତଥ୍ୟ ପାଇଛି। ଅନ୍ୟପଟେ ଜେଲରେ ଦିନ କାଟୁଥିବା ଅର୍ଚ୍ଚନା ଓ ସ୍ୱାମୀ ଜଗବନ୍ଧୁ ବୁଧବାର କୋର୍ଟରେ ହାଜର ହେବେ। ଏହାପରେ ଉଭୟଙ୍କୁ ଅଧିକ ପଚରାଉଚରା ଲାଗି ଇଡି ରିମାଣ୍ଡରେ ଆଣିବ। ନାଗ-ଚାନ୍ଦ ଦମ୍ପତିଙ୍କୁ ରିମାଣ୍ଡରେ ଆଣିବା ପରେ ଶ୍ରଦ୍ଧାଞ୍ଜଳିଙ୍କୁ ପୁଣି ଥରେ ଡାକି ମୁହାଁମୁହିଁ ଜେରା କରିବାକୁ ଇଡି ଯୋଜନା କରିଛି। ଏପରିକି ଶ୍ରଦ୍ଧାଞ୍ଜଳି ଓ ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ଡକାଇ ନାଗ-ଚାନ୍ଦ ଦମ୍ପତିଙ୍କ ସହ ଇଡି ଚତୁଃମୁଖୀ ଜେରା କରିପାରେ ବୋଲି କୁହାଯାଉଛି। ତେବେ ଅର୍ଚ୍ଚନା ରିମାଣ୍ଡରେ ଆସିବା ପରେ କିଛି ବଡ଼ବଡ଼ିଆ ଜେରା ହେବାକୁ ଆସିପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି।

# ମଧ୍ୟାହ୍ନଭୋଜନ ଖାଇ ୧୧୬ ଛାତ୍ରୀଛାତ୍ର ଅସୁସ୍ଥ

**ଖମାର, ୨୯।୧୧ (ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ରଜଡ଼ଙ୍ଗ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ମଧ୍ୟାନଭୋଜନ ଖାଇ ୧୧୬ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଛନ୍ତି। ସେମାନଙ୍କୁ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମଧ୍ୟାନଭୋଜନରେ ଖାଇଥିବା ସୋୟା ବଡି ନିମ୍ନମାନର ଥିବା କାରଣରୁ ଛାତ୍ରୀଛାତ୍ରମାନେ ଅସୁସ୍ଥ ହୋଇଥିବା ଅଭିଭାବକମାନେ ସନ୍ଦେହ କରୁଛନ୍ତି। ସେହିପରି ବିଷାକ୍ତ ଖାଦ୍ୟ ପାଇଁ ଛାତ୍ରୀଛାତ୍ରମାନଙ୍କ ବାନ୍ତି ହେଉଥିବା ମେଡିକାଲ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ପାଲଲହଡ଼ା ବ୍ଲକ ଶିକ୍ଷା ଅଧିକାରୀ ପୁରୁଷୋତ୍ତମ ବେହେରା କହିଛନ୍ତି, ସୋୟାବଡିରେ କିଛି ଅସୁବିଧା ଥିବାରୁ ଛାତ୍ରୀଛାତ୍ରମାନେ ଅସୁସ୍ଥ ହୋଇଥାଇପାରନ୍ତି। ତେବେ ଶିକ୍ଷକମାନଙ୍କ ଦାୟିତ୍ୱହୀନତା ହିଁ ଏଥିପାଇଁ ଦାୟୀ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖା ହେବା ଯାଏ ମେଡିକାଲରେ ଛାତ୍ରୀଛାତ୍ରମାନଙ୍କ ଚିକିତ୍ସା ଜାରି ରହିଥିବା ସୂଚନା ମିଳିଛି।















ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ।–ଶ୍ରୀମା

# ଜୁରି ସଦସ୍ୟ କଲା କିଏ

ନିକଟରେ ଗୋଆଠାରେ ଶେଷ ହୋଇଥିବା ଭାରତର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍‌ଏଫ୍‌ଆଇ)ରେ 'ଦି କଶ୍ମୀର ଫାଇଲ୍ସ' ପ୍ରଦର୍ଶିତ ହେବା ପରେ ଏହା ଆହୁରି ବିବାଦ ଭିତରକୁ ଚାଲିଯାଇଛି। ବିଚାରକମଣ୍ଡଳୀ ମୁଖ୍ୟ ଇସ୍ରାଏଲର ଚଳଚ୍ଚିତ୍ର ନିର୍ଦ୍ଦେଶକ ନାଦାଭ ଲାପିଡ୍ 'ଦି କଶ୍ମୀର ଫାଇଲ୍ସ'କୁ ଏକ ପ୍ରଚାରଧର୍ମୀ ଓ ଅଶ୍ଳୀଳ ସିନେମା ବୋଲି ଅବିହିତ କରିଛନ୍ତି। ଲାପିଡ୍ କହିଥିଲେ, ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ଆସିଥିବା ୧୫ ଫିଲ୍ମ ମଧ୍ୟରୁ ୧୪ଟିରେ ଚଳଚ୍ଚିତ୍ର ସମ୍ବନ୍ଧୀୟ ଗୁଣାବଳୀ ଥିବା ଲକ୍ଷ୍ୟ କରାଯାଇଥିଲା। କିନ୍ତୁ ୧୫ତମ ଫିଲ୍ମ 'ଦି କଶ୍ମୀର ଫାଇଲ୍ସ' ଦେଖିବା ପରେ 'ଆମେ ସମସ୍ତେ' ବ୍ୟତିବ୍ୟସ୍ତ ହୋଇପଡ଼ିଥିଲୁ ଓ ତାହା ଆମକୁ ଝଟକା ଦେଇଥିଲା। ସେ ଆହୁରି ପ୍ରଶ୍ନ କରିଥିଲେ ଯେ ଏଭଳି ଏକ ଅଶ୍ଳୀଳ ଓ ଅନୁପଯୁକ୍ତ ଚଳଚ୍ଚିତ୍ର କିପରି ଓ କାହିଁକି ଅନ୍ତର୍ଜାତୀୟ ବର୍ଗରେ ପ୍ରଦର୍ଶିତ ହେଲା। ଲାପିଡ୍ ଜଣେ ଅନ୍ତର୍ଜାତୀୟ ସ୍ତରର ସିନେମା ନିର୍ଦ୍ଦେଶକ। ସେ ଅନେକ ସିନେମାର ନିର୍ଦ୍ଦେଶନା ଦେଇଛନ୍ତି। ତାଙ୍କର ସିନେମା 'ସିନୋନିମ୍' ୬୯ତମ ବର୍ଲିନ୍ ଫିଲ୍ମ ମହୋତ୍ସବରେ ଗୋଲ୍ଡେନ୍ ବେୟର ଆୱାର୍ଡ ପାଇଥିଲା। ଏଥିସହିତ ତାଙ୍କର ଅନ୍ୟ ଏକ ସିନେମା 'ପୋଲିସମ୍ୟାନ୍' ଲୋକାର୍ଣ୍ଣୋ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ–୨୦୧୯ରେ ବିଶେଷ ପୁରସ୍କାର ପାଇଥିଲା। ଗତବର୍ଷ କାନ୍ ଫିଲ୍ମ ଫେଷ୍ଟିଭାଲରେ ତାଙ୍କ ସିନେମା 'ଆହେଡ୍‌ସ ନି' ଅନ୍ୟତମ ପୁରସ୍କାର 'ପାଲମଦର' ହାସଲ କରିଥିଲା। ଏହାବ୍ୟତୀତ ଲାପିଡ୍ ବିଭିନ୍ନ ଅନ୍ତର୍ଜାତୀୟ ସିନେମା ମହୋତ୍ସବରେ ଜୁରି ସଦସ୍ୟ ରହିଆସିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତୀୟ ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁଦୀପ୍ତୋ ସେନ୍‌ଙ୍କ ସମେତ ଆମେରିକୀୟ ଫିଲ୍ମ ପ୍ରଯୋଜକ ଜିଙ୍କୋ ଗୋଟୋ, ସ୍ପେନୀୟ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାତା ଜାଭିଅର୍ ଏଞ୍ଜୁଲୋ ବାର୍ଟୁରେନ୍ ଏବଂ ଫରାସୀ ଚଳଚ୍ଚିତ୍ର ସମ୍ପାଦକ ପାସ୍କାଲ ଶାଭେନ୍ସ ବିଚାରକମଣ୍ଡଳୀର ସଦସ୍ୟ ଥିଲେ। ଏଠାରେ ଆହୁରି ମଧ୍ୟ କୁହାଯାଇପାରେ ଯେ ନିକଟରେ ଶେଷ ହୋଇଥିବା ଗୋଆ ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବ ପାଇଁ ଯେତେଜଣ ଜୁରି ସଦସ୍ୟ ହୋଇଛନ୍ତି ସେମାନେ ସମସ୍ତେ ନରେନ୍ଦ୍ର ମୋଦି ସରକାରଙ୍କ ଦ୍ୱାରା ମନୋନୀତ ହୋଇଥିଲେ। ଏହି ସଦସ୍ୟଙ୍କୁ ବାଛିବା ପଛରେ ଏକ ମହତ୍ ଉଦ୍ଦେଶ୍ୟ ରହିଛି। ଏହିଭଳି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ବିଶେଷଜ୍ଞମାନଙ୍କୁ ସମ୍ପୃକ୍ତ କରାଇଲେ ସେହି କାର୍ଯ୍ୟକ୍ରମର ଗରିମା ବୃଦ୍ଧି ପାଇଥାଏ। ଉଦାହରଣସ୍ୱରୂପ, ଭାରତ ଓ ପାକିସ୍ତାନ ମଧ୍ୟରେ ଯଦି ଦକ୍ଷିଣ ଆଫ୍ରିକାରେ କ୍ରିକେଟ ଖେଳ ହୁଏ ତେବେ ଅମ୍ପାୟାର ସବୁବେଳେ ଅନ୍ୟ ଏକ ଦେଶର ରହିଥାନ୍ତି। ଏହାଦ୍ୱାରା ନିରପେକ୍ଷତା ବଜାୟ ରହେ। ଏହି ଚିନ୍ତାକୁ ବୁଝିପାରିଲେ ଜଣାପଡ଼େ ଯେ ଲାପିଡ୍ ଓ ତାଙ୍କ ସହିତ ଗୋଆ ଫିଲ୍ମ ମହୋତ୍ସବରେ ଜୁରି ସଦସ୍ୟଙ୍କ ପ୍ରତିଭା ଓ ଯୋଗ୍ୟତାକୁ ନିରୀକ୍ଷଣ କରି ଭାରତ ସରକାର ସେମାନଙ୍କୁ ବାଛିଥିଲେ।

ବିବେକ ଅଗ୍ନିହୋତ୍ରୀଙ୍କ ନିର୍ଦ୍ଦେଶିତ 'କଶ୍ମୀର ଫାଇଲ୍ସ' ୧୧ ମାର୍ଚ୍ଚ ୨୦୨୨ରେ ମୁକ୍ତିଲାଭ କରିବା ପରେ ଭାରତରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସେଥିରେ ଗତ ଶତାବ୍ଦୀର ୯୦ ଦଶକରେ କଶ୍ମୀରରେ ପଣ୍ଡିତମାନେ ଭୋଗିଥିବା ଦୁର୍ଦ୍ଦଶା, ହତ୍ୟା ଓ ସଂଗ୍ରାମର କାହାଣୀ ବର୍ଣ୍ଣନା କରାଯାଇଛି। ସେହି ଦୃଷ୍ଟିରୁ ଏହାକୁ ସବୁ ଭାରତୀୟ ଦେଖିବା ଉଚିତ ବୋଲି ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ସରକାରଙ୍କ ବହୁ ମନ୍ତ୍ରୀ ସେତେବେଳେ ଦେଶବାସୀଙ୍କୁ ନିବେଦନ କରିଥିଲେ। ଏପରି କି ଅନେକ ରାଜ୍ୟ ସରକାର ଏହାକୁ ଦେଶାତ୍ମବୋଧକ ଚିନ୍ତା ଉଦ୍ରେକକାରୀ ଚଳଚ୍ଚିତ୍ର ଆଖ୍ୟା ଦେଇ ଟିକସ ଛାଡ଼ କରିଦେଇଥିଲେ। ଏଥିସହିତ ପାର୍ଲାମେଣ୍ଟ ସମେତ ଅନେକ ଜାଗାରେ ତାହାର ମାଗଣା ପ୍ରଦର୍ଶନର ବ୍ୟବସ୍ଥା କରାଯାଇଥିଲା। ଏବେ ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବରେ ଏହା ସମାଲୋଚିତ ହେବା ପରେ ଆଜି ମୁମ୍ବାଇ ସିନେମା ଜଗତର ଯେଉଁ କେତେଜଣ ବ୍ୟକ୍ତିବିଶେଷ ଗଣମାଧ୍ୟମକୁ ଆସି ଲାପିଡ୍‌ଙ୍କୁ ଆକ୍ରମଣ କରୁଛନ୍ତି ସେମାନେ ଜଜ୍ ଏବଂ ଜୁରିର ତଫାତ୍ ବୁଝିବା ସହିତ କେନ୍ଦ୍ର ସରକାରଙ୍କ ଏହି ଘଟଣା ଘଟାଇବାରେ ଭୂମିକାକୁ ହୃଦୟଙ୍ଗମ କରିବା ଦରକାର। ଆଜିର ଭାରତ ସରକାରଙ୍କ ପ୍ରତିଟି ପଦକ୍ଷେପ ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି। କୌଣସି ଘଟଣା ଘଟୁନାହିଁ ଯେଉଁଥିରେ ଶାସକ ଦଳର ଉଦ୍ଦେଶ୍ୟ ରହୁନାହିଁ। ଦି କଶ୍ମୀର ଫାଇଲ୍ସକୁ ବହୁଳ ପ୍ରସାରିତ କରିବା ପାଇଁ ଏବେକାର ସମୟ ଉପଯୋଗୀ ଥିଲା ବୋଲି ଭାବିହେବ। ଅଳ୍ପ କିଛିଦିନ ପରେ ଗୁଜରାଟ ବିଧାନସଭା ଲାଗି ଭୋଟ ହେବ। ତାହା ପୂର୍ବରୁ ଯଦି ଏହି ଅନ୍ତର୍ଜାତୀୟ ଜୁରି ଦି କଶ୍ମୀର ଫାଇଲ୍ସ ସମେତ ୧୫ଟି ସିନେମାକୁ ପ୍ରଶଂସା କରିଦେଇ ଥାଆନ୍ତେ ତେବେ ଅତ୍ୟନ୍ତ ପୁରାତନ ହିନ୍ଦୁ ଧର୍ମ ପାଇଁ ଅନେକ ସାହାଯ୍ୟ ହୋଇଥା'ନ୍ତା। ଏଥିସହିତ ପେଗାସସ୍ ଭଳି ଅନେକ ଦାମୀ ଯାନ୍ତ୍ରିକ ଉପକରଣ ଇସ୍ରାଏଲ୍‌ଠାରୁ କିଣାଯାଇଥିବାରୁ ସେହି ଦେଶର ସିନେମା ନିର୍ଦ୍ଦେଶକ ନାଦାଭ ଲାପିଡ୍‌ଙ୍କୁ ଜୁରିର ଅଧ୍ୟକ୍ଷ କରାଯାଇଥିବାର ଲାଭ ହାସଲ ହୋଇଥାଆନ୍ତା। ଏହା ଲଜ୍ଜା ନୁହେଁ, ଦୁଃଖର ବିଷୟ ଯେ ଅନ୍ତର୍ଜାତୀୟ ସିନେମା ନିର୍ଦ୍ଦେଶକମାନେ ଆମ ଦେଶର କୋଚୋଟିଆ ରାଜନୀତିକୁ ବୁଝିବାରେ ଅସଫଳ ହେବା ଯୋଗୁ ଦି କଶ୍ମୀର ଫାଇଲ୍ସକୁ ପ୍ରଶଂସା କରିବା ପରିବର୍ତ୍ତେ ସମାଲୋଚନା କରିଦେଇଗଲେ। ସେମାନଙ୍କ ମତ ବାସ୍ତବ ସିନେମା ପ୍ରସ୍ତୁତି ଓ ସତ୍ୟ ଉପରେ ଆଧାରିତ ହୋଇଥିବାରୁ ତାଙ୍କୁ ଖୁଣି ହେବ ନାହିଁ। କିନ୍ତୁ ସେମାନଙ୍କୁ ଭାରତରେ ଆସି ସରକାରୀ କାର୍ଯ୍ୟକ୍ରମରେ ଜୁରି ସଦସ୍ୟ ହେବାର ଅଧିକାର ଦେଲା କିଏ ? ସତ୍ୟ ଶୁଣିବାକୁ ଅରାଜି ବ୍ୟକ୍ତିମାନେ ଏବେ ଏହି ପ୍ରଶ୍ନର ଉତ୍ତର ଖୋଜିବା ଦରକାର।

# ଛଳନାର ମୁଖା



ହରେକୃଷ୍ଣ ପଣ୍ଡା

ବିଶ୍ୱର ଘଡ଼ିସନ୍ଧି ସମୟରେ ପ୍ରଭାବଶାଳୀ ଜି–୨୦ ରାଷ୍ଟ୍ର ସମୂହ କୌଣସି ନିଷ୍ପତ୍ତିମୂଳକ ଦ୍ରୁତ ପଦକ୍ଷେପ ନେଇପାରୁ ନାହାନ୍ତି। ଏହାର କାରଣ ହେଉଛି ରୁଷିଆ, ଆମେରିକା, ଚାଇନା ଆଦି ସଦସ୍ୟ ରାଷ୍ଟ୍ରମାନଙ୍କର ଦୋମୁହାଁ ନୀତି। ସମଗ୍ର ବିଶ୍ୱକୁ ବିପଦ ମୁଖକୁ ଠେଲି ଦେଇଥିବା ଚାଇନାର ବିସ୍ତାରବାଦ ନୀତି ଓ ଜୈବିକ ଅସ୍ତ୍ର ସଂରକ୍ଷଣ କାର୍ଯ୍ୟଧାରା ଉପରେ ଆମେରିକା, ଅଷ୍ଟ୍ରେଲିଆ, ୟୁରୋପ ଆଦି ଯେଉଁ ଗର୍ଜନ କରିଥିଲେ ତାହା କ୍ରମଶଃ ଫସରଫାଟି ଗଲା। ଏଥି ପୂର୍ବରୁ ଆତଙ୍କବାଦର ବିଲୋପ ପାଇଁ ଜି–୨୦ ରାଷ୍ଟ୍ର ଯେଉଁ ଆଲୋଚନା ଓ ପର୍ଯ୍ୟାଲୋଚନା କରିଥିଲେ ତାହାର ଫଳ କିଛି ହେଲା ନାହିଁ। ଏବେ ବି ସେହି ଆତଙ୍କବାଦ ରହିଛି। ଆଫଗାନରେ ତାଲିବାନ ଶାସନକୁ ବାଟ ନ ଛାଡ଼ିବା ପାଇଁ ଯେଉଁସବୁ ରାଷ୍ଟ୍ର ବିରୋଧର ସ୍ୱର ଉଠାଇଥିଲେ ତାହା କ୍ରମଶଃ ନୀରବି ଗଲା। ଲୋକସଂଖ୍ୟା ଦୃଷ୍ଟିରୁ ଜି୨୦ ଦେଶଗୁଡ଼ିକ ବିଶ୍ୱ ଜନସଂଖ୍ୟାର ଦୁଇ ତୃତୀୟାଂଶ। ଜିଡିପି ୯୦ ପ୍ରତିଶତ ଓ ବାଣିଜ୍ୟିକ ଅଂଶ ୮୦ ପ୍ରତିଶତ। ଏହି ଦେଶଗୁଡ଼ିକ ମଧ୍ୟରେ ପରସ୍ପର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳେ। ଏମାନେ ସମଗ୍ର ବିଶ୍ୱର କଲ୍ୟାଣ, ଶାନ୍ତି ରକ୍ଷା ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏକଜୁଟ ହୋଇଥିଲେ ହେଁ କେହି ନିଜର ସ୍ୱାର୍ଥକୁ ବଳି ଦେବାକୁ ଚାହାନ୍ତି ନାହିଁ। ବିଶ୍ୱର ପ୍ରତିପତ୍ତିଶାଳୀ ରାଷ୍ଟ୍ର ବୋଲାଇବା ପାଇଁ ଆମେରିକା, ରୁଷ୍, ଚାଇନା ମଧ୍ୟରେ ଶୀତଳଯୁଦ୍ଧ ବହୁଦିନରୁ ଚାଲିଛି। ଏମାନେ ମିତ୍ର ରାଷ୍ଟ୍ରଗୁଡ଼ିକୁ ନେଇ ମଧ୍ୟ ଗୋଷ୍ଠୀ ଗଠନ କରିଛନ୍ତି; ଯାହା ବିଶ୍ୱରେ ପରମାଣୁ ନିରସ୍ତ୍ରୀକରଣ, ଶାନ୍ତି, ଆର୍ଥିକ ପ୍ରଗତିରେ ପ୍ରତିବନ୍ଧକ ସାଜିଛି। ଏମାନଙ୍କ ମଧ୍ୟରେ ଏକତା, ନିରନ୍ତର ଆଲୋଚନା ଓ ସହମତି ପ୍ରକାଶ ପାଇପାରୁ ନାହିଁ। ଏଯାବତ୍ ଯେତେଗୁଡ଼ିଏ ସମସ୍ୟା ପାଇଁ ବୈଠକ ବସିଛି ଏବଂ ଯେଉଁ ନିଷ୍ପତ୍ତି ମାନ ଗ୍ରହଣ କରାଯାଇଛି ତାହା ବାସ୍ତବ ରୂପେ କାର୍ଯ୍ୟକାରୀ ହୋଇ ନ ଥିବା କୁହାଯାଇପାରେ।

ବାସ୍ତବରେ ଦେଖିବାକୁ ଗଲେ ଜି–୨୦ ରାଷ୍ଟ୍ରୀୟ ସଂଗଠନ ବିଶ୍ୱର ସର୍ବବୃହତ୍ ଶକ୍ତିଶାଳୀ ସଂଗଠନ। ଏମାନଙ୍କ ମଧ୍ୟରେ ଏକତା ଓ ଆନ୍ତରିକତା ଥିଲେ ବିଶ୍ୱ ଯାବତୀୟ ସଙ୍କଟରୁ ମୁକ୍ତ ହୋଇ ସାରିଥାଆନ୍ତା। ୨୦୨୧ରେ ସ୍କଟଲାଣ୍ଡଠାରେ ଅନୁଷ୍ଠିତ ଜି–୨୦ ସମ୍ମିଳନୀରେ ବିଶ୍ୱ ତାପମାତ୍ରା ହ୍ରାସ କରିବାକୁ ନିଆଯାଇଥିବା ନିଷ୍ପତ୍ତିକୁ ଭାରତ ସମେତ କେତେକ ରାଷ୍ଟ୍ର କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରୁଥିବା ବେଳେ ଚାଇନା ତା'ର ଲକ୍ଷ୍ୟ ୨୦୬୦ ପର୍ଯ୍ୟନ୍ତ ବଢ଼ାଇ ଦେଇଛି। ରୁଷ୍ ଅଙ୍ଗାରକାମ୍ଳ ନିର୍ଗମନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିନାହିଁ। ବିଶ୍ୱର ପ୍ରମୁଖ ଅର୍ଥନୈତିକ ସମୃଦ୍ଧ ରାଷ୍ଟ୍ରଗୁଡ଼ିକର ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନ ପାଇଁ ଯେଉଁ ନିଷ୍ପତ୍ତି ନିଆଯାଇଥିଲା ଓ ତାହା ଗ୍ଲାସଗୋରେ ଜାତିସଂଘ ଜଳବାୟୁ ସମ୍ମିଟରେ ଆଲୋଚନା କରାଯାଇଥିଲେ ହେଁ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ରାଷ୍ଟ୍ରଗୁଡ଼ିକ ସମୟ ଗଡ଼ାଇ ଚାଲିଛନ୍ତି। ଅନ୍ୟପକ୍ଷରେ ବିଶ୍ୱରେ ଅର୍ଥନୈତିକ ସଙ୍କଟ, ଖାଦ୍ୟ ସମସ୍ୟା, ବାଣିଜ୍ୟିକ ଯୁଦ୍ଧ, ଡଲାରର ମୂଲ୍ୟବୃଦ୍ଧି ଭଳି ସମସ୍ୟା ଦୂର କରିବାରେ ଏହି ସଂଗଠନର କିଛି ଭୂମିକା ନ ଥିବା ଭଳି ମନେହୁଏ। ଜି–୨୦ ସମ୍ମିଳନୀର ଆଭିମୁଖ୍ୟକୁ ସଫଳ କରିବାରେ ଆମେରିକା–ଚାଇନା ମଧ୍ୟରେ ଲାଗିଥିବା ବାଣିଜ୍ୟିକ ଯୁଦ୍ଧ ବାଧା ସୃଷ୍ଟି କରୁଥିବା ବେଳେ ଏବେ ରୁଷ୍–ୟୁକ୍ରେନ ଯୁଦ୍ଧ ବିଶ୍ୱକୁ ସଙ୍କଟ ମଧ୍ୟକୁ ଠେଲି ଦେଇଛି। ବିଶ୍ୱ ନେତୃବୃନ୍ଦ ସମ୍ମିଳିତ ଭାବେ ଏହି ଯୁଦ୍ଧକୁ ଚାହିଁଥିଲେ ବନ୍ଦ କରିପାରନ୍ତେ। କିନ୍ତୁ ଏହା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଇଣ୍ଡୋନେସିଆର ବାଲିଦ୍ୱୀପଠାରେ ଅନୁଷ୍ଠିତ ଜି–୨୦ ସମ୍ମିଳନୀ ପରମାଣୁ ଯୁଦ୍ଧକୁ ଏଡ଼ାଇବା ପାଇଁ ଅନୁଷ୍ଠିତ ହୋଇଥିଲା। ବାଲି ଘୋଷଣାନାମାରେ ରୁଷିଆ–ୟୁକ୍ରେନ ଯୁଦ୍ଧକୁ ନେଇ ସହମତି ପ୍ରକାଶ ନ ପାଇବା ଦୁଃଖର ବିଷୟ। ଧ୍ୱଂସାତ୍ମକ କାର୍ଯ୍ୟର ବିଲୋପ ପାଇଁ ବିଶ୍ୱ ନେତୃବୃନ୍ଦ ଦୃଢ଼ ପଦକ୍ଷେପ ନେବା ପରିବର୍ତ୍ତେ କୁଣ୍ଠିତ ହୋଇ ନିଷ୍ଠୁରତାର ପରିଚୟ ସୃଷ୍ଟି କରିଛନ୍ତି। ତେବେ ଯୁଦ୍ଧ ବେଳେ ବନ୍ଦୀ ଥିବା ସାଧାରଣ ନାଗରିକମାନଙ୍କୁ ସୁରକ୍ଷା ଦେବା ସହିତ ଅନ୍ତର୍ଜାତୀୟ ଆଇନକୁ ମାନିବା ଲାଗି ଘୋଷଣାନାମାରେ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ଏହାର କାର୍ଯ୍ୟକାରୀତା ସନ୍ଦେହାତ୍ମକ। ଆଣବିକ ଅସ୍ତ୍ର ବ୍ୟବହାର କିମ୍ବା ଏଭଳି ଧମକକୁ ସମସ୍ତ ସଦସ୍ୟ ରାଷ୍ଟ୍ର ଗୁରୁତ୍ୱ ଦେବା ସହିତ ଶାନ୍ତିପୂର୍ଣ୍ଣ ଉପାୟରେ ଯୁଦ୍ଧର ଅବସାନ ଘଟାଇବାକୁ ଆହ୍ୱାନ ଦେଇଛନ୍ତି। କିନ୍ତୁ ରୁଷ୍ ଏହାକୁ ଗ୍ରହଣ କଲେ ତ? ଏ ସମ୍ପର୍କରେ କୌଣସି ସଂକଳ୍ପ ନିଆଯାଇ ନ ଥିବାବେଳେ ବିବାଦୀୟ ବିତର୍କ ଏମାନଙ୍କ ଛଳନାର ମୁଖା ଖୋଲି ଦେଇଛି। ଇଣ୍ଡୋନେସିଆ ରାଷ୍ଟ୍ରପତି ସାମ୍ବାଦିକ ସମ୍ମିଳନୀରେ ଏଭଳି ବିବାଦକୁ ସ୍ୱୀକାର କରିଛନ୍ତି।



ଗତ ସେପ୍ଟେମ୍ବର ମାସରେ ସାଂଘାଇ ସହ ଯୋଗ ସମ୍ମିଳନୀରେ ଭାରତ ପକ୍ଷରୁ ପୁଟିନଙ୍କୁ ଯାହା କୁହାଯାଇଥିଲା ତା'ର ପ୍ରତିଫଳନ ଏହି ସମ୍ମିଳନୀରେ ପ୍ରତିଫଳିତ ହୋଇଛି ସତ, କିନ୍ତୁ ଏ ସମ୍ପର୍କରେ ଭିନ୍ନ ମତ ପ୍ରକାଶ ପାଇଥିଲା। ଅଧିକାଂଶ ସଦସ୍ୟ ରାଷ୍ଟ୍ର ୟୁକ୍ରେନ ଯୁଦ୍ଧକୁ ଦୃଢ଼ ନିନ୍ଦା କରିଥିଲେ। ତେବେ ଯେଉଁ ସଦସ୍ୟ ରାଷ୍ଟ୍ର ଏସମ୍ପର୍କରେ ସହମତ ନ ହୋଇଛନ୍ତି ସେମାନଙ୍କ ଆଭିମୁଖ୍ୟ ନିନ୍ଦନୀୟ ବୋଲି ବିଶ୍ୱବାସୀ ଜାଣିଲେ। ଜାତିସଂଘ ସୁରକ୍ଷା ପରିଷଦରେ ଜାତୀୟ ସ୍ଥିତି ଉପରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଯାହା କହିଥିଲେ ତାହା ଜି–୨୦ରେ କେବଳ ଦୋହରା ଯାଇଥିଲା। ଅଧିକାଂଶ ସଦସ୍ୟ ରାଷ୍ଟ୍ର ୟୁକ୍ରେନ ଯୁଦ୍ଧକୁ ଦୃଢ଼ ନିନ୍ଦା କରିଥିଲେ। କିନ୍ତୁ ଆଉ କେତେକ ରାଷ୍ଟ୍ର ଏହା ଉପରେ ଭିନ୍ନ ମତ ରଖିବା ଫଳରେ ବିଶ୍ୱ ପାଇଁ ବିପଦ ସୃଷ୍ଟି କରାଯିବା କୁହାଯାଇପାରେ। ଦସ୍ତାବିଜରେ ଖୁବ୍ କମ ଲେଖା ହୋଇଥିବା ବେଳେ ସମ୍ମିଳନୀର ଆଭିମୁଖ୍ୟ କ'ଣ ତାହା ପ୍ରକାଶ ପାଇପାରି ନାହିଁ। କୋଭିଡ୍ ମହାମାରୀ ପରେ ଅର୍ଥନୀତି ଉପରେ ଏହା ବିଶ୍ୱଯୁଦ୍ଧ ଭଳି ଅନୁଭୂତ ହୁଏ। ଜି–୨୦ ସମିଟିରେ ରୁଷ୍‌ର ରାଷ୍ଟ୍ରପତି ଯୋଗ ନ ଦେବା ତାତ୍ପର୍ଯ୍ୟପୂର୍ଣ୍ଣ।

ଯାହା ହେଉ ୟୁରୋପୀୟ ପାର୍ଲାମେଣ୍ଟରେ ବିଳମ୍ବ ହେଉ ପଛେ ରୁଷିଆକୁ ଆତଙ୍କବାଦର ପୃଷ୍ଠପୋଷକ ବୋଲି ଘୋଷଣା କରାଯାଇଛି। ୟୁକ୍ରେନରେ ସମସ୍ତ ମାନବାଧିକାର ଆଇନ ଗୁଡ଼ିକୁ ରୁଷ୍ ଉଲ୍ଲଂଘନ କରି ସାରିଲାଣି। ଆମେରିକା ସମେତ ଅନ୍ୟ ରାଷ୍ଟ୍ରମାନେ ମଧ୍ୟ ଏହିଭଳି ପଦକ୍ଷେପ ନେଇପାରି ଥାଆନ୍ତେ। ଏଯାବତ୍ ନେଇ ନାହାନ୍ତି କାହିଁକି? ଅବଶ୍ୟ କୁହାଯାଇପାରେ ଆଜି ରୁଷ୍ ୟୁକ୍ରେନ ଉପରେ ଯେଉଁ ଧ୍ୱଂସାଭିମୁଖୀ ପଦକ୍ଷେପ ନେଇଛି ସେଥିପାଇଁ ୟୁରୋପୀୟ ସଂଘ ଦାୟୀ। ୟୁକ୍ରେନ ରୁଷ୍‌ରୁ ଅଲଗା ହେବା ପରେ ୟୁରୋପୀୟ ସଂଘ ୟୁକ୍ରେନ ପ୍ରତି ତା'ର କର୍ତ୍ତବ୍ୟ କରିଥିଲେ ଆଜି ରୁଷ୍ ଏଭଳି ଆକ୍ରମଣାତ୍ମକ ପଦକ୍ଷେପ ନେଇ ପାରି ନ ଥାନ୍ତା। ଏବେ ସେହି ଛଳନାର ମୁଖା ପିନ୍ଧି ୟୁରୋପୀୟ ସଂଘ, ଆମେରିକା ଓ ବ୍ରିଟେନ ରୁଷିଆ ଉପରେ କଠୋର କଟକଣା ଜାରି କରି ସାରିଛନ୍ତି ବୋଲି କହୁଛନ୍ତି। ସେମାନେ ଯଦି କଠୋର କଟକଣା କରି ଥାଆନ୍ତେ ତେବେ ରୁଷ୍ ଆଜି ୟୁକ୍ରେନର ପରମାଣୁ କେନ୍ଦ୍ର ଉପରେ ରକେଟ ମାଡ଼ କରି ନ ଥାଆନ୍ତା। ଆମେରିକା କଂଗ୍ରେସର ଉଭୟ ଗୃହ ରୁଷିଆକୁ ଆତଙ୍କବାଦୀ ରାଷ୍ଟ୍ର ତାଲିକାରେ ରଖିବା ପାଇଁ ପରରାଷ୍ଟ୍ର ସଚିବ ଆଣ୍ଟୋନୀ ବ୍ଲିଙ୍କେନଙ୍କୁ ଅନୁରୋଧ କରିଥିଲେ ହେଁ ସେ ମନା କରି ଦେଇଥିଲେ। ଆତଙ୍କବାଦକୁ ଭାରତ ବ୍ୟତୀତ କୌଣସି ରାଷ୍ଟ୍ର ରୋକ୍‌ଠୋକ୍ ଜବାବ ଦେଇପାରୁ ନାହାନ୍ତି। କାରଣ ୟୁ ର ୪ ସଦସ୍ୟ ଲିଥୁଆନିଆ, ଲାଟ୍‌ଭିଆ, ଏଷ୍ଟୋନିଆ ଏବଂ ପୋଲାଣ୍ଡ ରୁଷିଆକୁ ଆତଙ୍କବାଦୀଙ୍କ ପୃଷ୍ଠପୋଷକ ରାଷ୍ଟ୍ର ବୋଲି ଘୋଷଣା କରିଛନ୍ତି। ଏ ଛଳନାର ମୁଖା କେତେଦିନ?

**ସୟଦପୁର, ଯାଜପୁର**

# ଚାରଣଭୂମି ଓ ଚାରା ସଙ୍କଟ



ଈପ୍ସିତା ମହାନ୍ତି

ନିକଟରେ ପଶୁଖାଦ୍ୟ (ଚାରା) ଅଭାବ ଏବଂ ଲାମ୍ପି ନାମକ ଚର୍ମରୋଗ ଦ୍ୱାରା ଦେଶର ପ୍ରାୟ ୧୫ଟି ରାଜ୍ୟର ୨୦ଲକ୍ଷରୁ ଊର୍ଦ୍ଧ୍ୱ ପ୍ରାଣୀ ପ୍ରଭାବିତ ହୋଇଥିଲେ। ଏହି ରୋଗରେ ଲକ୍ଷାଧିକ ଗୋରୁଙ୍କ ଜୀବନ ଯାଇଛି। ଏହି ଦୁଇ କାରଣରୁ ବିଭିନ୍ନ ରାଜ୍ୟର ପଶୁପାଳକ ତଥା ଗୋପାଳକମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ବିଭିନ୍ନ କାରଣରୁ ଦେଶରେ ଆଜି ଜ୍ୱାର, ସୋୟାବିନ ଏବଂ ବାଜରା ପରି ସବୁଜ ପଶୁଖାଦ୍ୟର ଅଭାବ ଦେଖାଦେଇଛି।

ଚଳିତ ବର୍ଷ ପଶୁଖାଦ୍ୟ ଜନିତ ଶସ୍ୟ ଉତ୍ପାଦନ ହ୍ରାସ ପାଇଛି। ରାଜସ୍ଥାନରେ ବାଜରା ଫସଲ କ୍ଷତିଗ୍ରସ୍ତ ହୋଇଛି। ସମ୍ପ୍ରତି ଦେଶରେ ଯନ୍ତ୍ର ଦ୍ୱାରା ଧାନ, ଗହମ ଆଦି ଫସଲ ଅମଳ ହେଉଥିବାରୁ ପୂର୍ବଭଳି ଆବଶ୍ୟକ ପରିମାଣର ନଡ଼ା କିମ୍ବା ଛଣ ମିଳୁନାହିଁ। କୃଷିକ୍ଷେତ୍ରରେ ଫସଲର ଯେଉଁ ଅବଶିଷ୍ଟାଂଶ ରହୁଛି କୃଷକମାନେ ତାହାକୁ ଜାଳି ଦେଉଛନ୍ତି। ସେଥିପାଇଁ ବାୟୁ ପ୍ରଦୂଷଣ ବଢୁଛି। ପୂର୍ବରୁ ଦୁଇଶହ ଟଙ୍କାରେ ଯେତିକି ନଡ଼ା ମିଳୁଥିଲା ବର୍ତ୍ତମାନ ସେତିକି ନଡ଼ା ପାଇଁ ୭ଶହ ରୁ ୮ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ପଶୁଖାଦ୍ୟର ମୂଲ୍ୟ ବୃଦ୍ଧି ହେତୁ ଦୁଗ୍ଧ ତଥା ଦୁଗ୍ଧଜାତ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ପାଉଛି। ରାଜସ୍ଥାନ, ଗୁଜରାଟ, ହରିୟାଣା ଏବଂ ପଞ୍ଜାବରେ ଅଧିକ ଗୋଜାତୀୟ ପଶୁ ରହିଥିଲେ ବି ସେଠାରେ ପଶୁଖାଦ୍ୟର ଉପଲବ୍ଧତା ଆଶାଜନକ ନୁହେଁ।

ଭାରତୀୟ ଚାରଣଭୂମି ଓ ଚାରା ଅନୁସନ୍ଧାନ ସଂସ୍ଥାନ (ଇଣ୍ଡିଆନ ଗ୍ରାସ୍‌ଲ୍ୟାଣ୍ଡ ଏବଂ ଫୋଡର ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍), ଝାନ୍‌ସୀର ନିର୍ଦ୍ଦେଶକ ଅମରେଶ ଚନ୍ଦ୍ରଙ୍କ ମତରେ ଦେଶରେ ସବୁଜ ଚାରା ୧୨ରୁ ୧୫ ପ୍ରତିଶତ ଏବଂ ଶୁଖିଲା ଚାରାର ଉପଲବ୍ଧତା ୨୫ରୁ ୨୬ ପ୍ରତିଶତ ହ୍ରାସ ଘଟିଛି। ଚାଷଜମି ସଙ୍କୁଚିତ ହୋଇ ଚାଲିଥିବାରୁ ପର୍ଯ୍ୟାପ୍ତ ଚାରା ଲଗାଇବା ପାଇଁ ଚାଷୀଙ୍କ ପାଖରେ ଜମିର ଅଭାବ ରହିଛି। ପ୍ରକୃତରେ ଏଥିପାଇଁ ୧୫ ପ୍ରତିଶତ ଚାଷଜମିର ଆବଶ୍ୟକତା ଥିବାବେଳେ ବର୍ତ୍ତମାନ କେବଳ ୪ ପ୍ରତିଶତ ଜମିରେ ଚାରା ଚାଷ ହେଉଛି। ପୂର୍ବରୁ ଗୋଜାତୀୟ ପଶୁ ଗୋଚର ବା ପତିତ ଜମି, ପୋଖରୀ, ନଦୀ ଆଦି ଜଳାଶୟ କୂଳସ୍ଥ ଚାରଣଭୂମିରେ ଚରୁଥିଲେ। ବର୍ତ୍ତମାନ ଅନେକ ଜଳାଶୟ ନିଶ୍ଚିହ୍ନ ହୋଇସାରିଲାଣି। ଯାହା ରହିଛି ତାହା ନିକଟସ୍ଥ ଚାରଣଭୂମି ଆଜି ଅଦୃଶ୍ୟ ପ୍ରାୟ। ନଦୀକୂଳରେ ବିସ୍ତୀର୍ଣ୍ଣ ଚାରଣଭୂମି ଆଉ ଦେଖିବାକୁ ମିଳୁନାହିଁ। ଅନେକ ରାଜ୍ୟରେ ଗୋରୁ ଚରାଇବା କାର୍ଯ୍ୟ ପ୍ରାୟ ଲୁପ୍ତ ହୋଇଗଲାଣି। ଚକବନ୍ଦୀ ବା ଭୂବନ୍ଦୋବସ୍ତ (ସେଟେଲମେଣ୍ଟ) ସମୟରେ ଗ୍ରାମଗୁଡ଼ିକରେ ଚାରଣଭୂମି ନିର୍ମାଣ କରାଯାଇ ପାରିଥାନ୍ତା, କିନ୍ତୁ ତାହା ହୋଇପାରି ନାହିଁ।

୨ ବର୍ଷ ପୂର୍ବେ ପଶୁଖାଦ୍ୟର ସମ୍ଭାବ୍ୟ ସଙ୍କଟକୁ ଅନୁମାନକରି ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ପ୍ରାୟ ୧ଶହ କୃଷକ ଉତ୍ପାଦକ ସଂଗଠନ ଗଠନ ସହ ପଞ୍ଜୀକରଣ ପାଇଁ ପ୍ରସ୍ତୁତି ଚଳାଇଥିଲା। ୨୦୧୯–୨୦ ବଜେଟରେ ୧୦ ହଜାର କୃଷକ ଉତ୍ପାଦକ ସଙ୍ଗଠନ ଗଠନ ପାଇଁ ପ୍ରସ୍ତାବ ଦିଆଗଲା। ସଂସଦର ଉଭୟ ସଦନରେ ବହୁବାର ଆଲୋଚନା ସତ୍ତ୍ୱେ ଏ ଦିଗରେ କୌଣସି କାର୍ଯ୍ୟ ହୋଇନାହିଁ। ଆଶଙ୍କା ରହିଛି ୨୦୨୫ ସୁଦ୍ଧା ୩୮ ପ୍ରତିଶତ ସବୁଜ ଏବଂ ୪୦ ପ୍ରତିଶତ ଶୁଖିଲା ପଶୁଖାଦ୍ୟ ହ୍ରାସ ପାଇବ। ଦାନା ମିଶ୍ରିତ ଚାରାର ମାତ୍ରା ମଧ୍ୟ ୩୮ ପ୍ରତିଶତ ହ୍ରାସ ଘଟିବ। ଏହି ସ୍ଥିତି ପଶୁପାଳକଙ୍କ ସହ ପଶୁଧନ ପାଇଁ ସମସ୍ୟା ସୃଷ୍ଟି କରିବ। କେତେକ ରାଜ୍ୟର ଭୁଲ୍ ନୀତି ଯୋଗୁ ପଶୁପାଳନ ବାଧାପ୍ରାପ୍ତ। ଲୋକେ ଦୁଗ୍ଧ ପାଇଁ ମାଈ ବାଛୁରୀର ଯତ୍ନ ଯଦିଓ ନେଉଛନ୍ତି କିନ୍ତୁ ଅଣ୍ଡିରା ବାଛୁରୀକୁ ବଳଦ କରିବା ପାଇଁ ଖୁଆଇ ପିଆଇ ପାଳିବାକୁ ଅଯଥା ସମ୍ବଳ ଓ ସମୟର ଅପଚୟ ବୋଲି ଭାବିନେଲେଣି। ଏଥିଯୋଗୁ ଗୋଟିଏ ପଟେ ଶହଶହ ଅଣ୍ଡିରା ବାଛୁରୀ ଷଣ୍ଢ ହୋଇ ବୁଲୁଛନ୍ତି, ଅନ୍ୟପଟେ ଗୋଖାଦ୍ୟ ବା ଚାରା ଉତ୍ପାଦନ ପାଇଁ କୃଷକମାନଙ୍କର ଆଗ୍ରହ କମିଛି। ବୁଲା ପଶୁଙ୍କ ଉପରେ କୌଣସି ଠୋସ୍ ନୀତିନିୟମ ବା କଟକଣା ନ ଥିବାରୁ ଚାଷୀଙ୍କ ଯନ୍ତ୍ରଣା ଆଜି ଦ୍ୱିଗୁଣିତ ହୋଇଛି।



ଜାନୁୟାରୀ ୨୦୨୦ରେ ପ୍ରକାଶିତ ବିଂଶତମ ପ୍ରାଣୀଗଣନା ଅନୁଯାୟୀ ଭାରତରେ ୫୦ଲକ୍ଷରୁ ଊର୍ଦ୍ଧ୍ୱ ବୁଲାଗୋରୁ ରହିଛନ୍ତି। ଗୋଜାତୀୟ ପଶୁ ବିକ୍ରି ଏବଂ ସେମାନଙ୍କ ପରିବହନ ଉପରେ ନିଷେଧାଦେଶ ହେତୁ ଅନୁପଯୋଗୀ ପଶୁମାନଙ୍କୁ କୃଷକମାନେ ବାହାରେ ଖୋଲାମେଲାରେ ଛାଡ଼ି ଦେଉଛନ୍ତି। ଏମାନେ କୃଷିକ୍ଷେତ୍ରରେ ପଶି ଚରିବୁଲି ଫସଲ ନଷ୍ଟ କରୁଛନ୍ତି। ଏମାନଙ୍କୁ କୃଷକମାନେ ବସତି ଅଞ୍ଚଳରୁ ଘଉଡ଼ାଇବା ଆରମ୍ଭ କରିଛନ୍ତି। ଏଥିପାଇଁ ଏମାନେ ଏବେ ରାଜପଥ ମୁହାଁ ହୋଇଛନ୍ତି। ଯାହା ଉଭୟ ପଶୁ ଏବଂ ମଣିଷଙ୍କ ପାଇଁ ବିପଦ ସୃଷ୍ଟି କରିଛି। ସଡ଼କ ଦୁର୍ଘଟଣା ବୃଦ୍ଧି ଘଟିବାର ଏହା ଏକ ପ୍ରମୁଖ କାରଣ। ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ଏହାର ସମାଧାନ କରିପାରିବେ। ଗୋଟିଏ କିମ୍ବା ଏକାଧିକ ଗ୍ରାମପଞ୍ଚାୟତ ପାଇଁ କାଞ୍ଜିଆହୁଦା ବଦଳରେ ଗୋଶାଳା ପ୍ରତିଷ୍ଠା କରି ସେଠାରେ ବୁଲା ଗୋରୁଙ୍କ ଉପଯୁକ୍ତ ରକ୍ଷଣାବେକ୍ଷଣ କରିହେବ। ବୁଲାଗୋରୁଙ୍କ ମାଲିକମାନଙ୍କୁ ଅର୍ଥଦଣ୍ଡ (ଜରିମାନା) କରାଗଲେ ରାଜକୋଷକୁ ଅର୍ଥ ଆସିବ ଏବଂ ସେମାନେ ସଜାଗ ରହିବେ। ଦାବିଦାର ନ ଥିବା ଗାଈକୁ ଭୂମିହୀନ ଗରିବ କୃଷକଙ୍କ ମଧ୍ୟରେ ବଣ୍ଟନ ସହ ପ୍ରୋତ୍ସାହନ ରାଶି ପ୍ରଦାନ କଲେ ସେମାନେ ଆତ୍ମନିର୍ଭର ହୋଇପାରିବେ।

ପଶୁଧନ ହ୍ରାସ ହେତୁ ଆଜି ଚମଡ଼ା ଶିଳ୍ପ ବିପଦ ମୁଖରେ। ହାଡ଼ରୁ ପ୍ରସ୍ତୁତ ସାରର ଅଭାବ ବୃଦ୍ଧି ପାଇଛି। ଗୋବରର ଅଭାବ ହେତୁ ପର୍ଯ୍ୟାପ୍ତ ସ୍ୱଦେଶୀ ଜୈବିକ ଖତ ଉପଲବ୍ଧ ହୋଇପାରୁନାହିଁ। ଏହା ଚାଷୀଙ୍କ ସାମ୍ନାରେ ଅନ୍ୟ ଏକ ସମସ୍ୟା ସୃଷ୍ଟି କରିଛି। ଗୋବରଖତ ବିନା କ୍ଷେତଗୁଡିକ ବନ୍ଧ୍ୟା ହେବାରେ ଲାଗିଛି। ଗୋବର ବିନା କମ୍ପୋଷ୍ଟ ତିଆରି ଅସମ୍ଭବ। ଆଗକୁ କେବଳ ରାସାୟନିକ ସାରର ଶକ୍ତି ଉପରେ ନିର୍ଭରକରି ଚାଷ କରିବା ଉଭୟ ପରିବେଶ ଓ ଚାଷୀମାନଙ୍କ ପାଇଁ ଲାଭଦାୟକ ହେବନାହିଁ।

ପ୍ରାଣୀଧନକୁ ବଞ୍ଚାଇ ରଖିବା ପାଇଁ ପ୍ରଥମେ ସେମାନଙ୍କର କିଣାବିକାକୁ ନିୟନ୍ତ୍ରଣ ମୁକ୍ତ କରିବାକୁ ପଡ଼ିବ। ସେମାନଙ୍କ ପାଇଁ ଚାରଣଭୂମିର ବ୍ୟବସ୍ଥା କରିବାକୁ ହେବ। ଏହାଦ୍ୱାରା କେବଳ ପଶୁଖାଦ୍ୟ ନୁହେଁ ମନୁଷ୍ୟଙ୍କ ଖାଦ୍ୟ ସମସ୍ୟାରେ ମଧ୍ୟ ଅନେକାଂଶରେ ସୁଧାର ଆସିବ। ଦୁନିଆ ଅନାହାରର ଯେଉଁ ଜଟିଳ ସମସ୍ୟାରେ ଛନ୍ଦିହେବାକୁ ଯାଉଛି ସେଥିରୁ ମଧ୍ୟ ମୁକ୍ତି ମିଳିବ।

**ବୈପାରିଗୁଡ଼ା, କୋରାପୁଟ**
**ମୋ: ୬୩୭୦୬୭୯୪୦୫**

## ଏଇ ଭାରତରେ

ଉତ୍ତରଭାରତରେ ଗହମ ଓ ଧାନ ଖୁଣ୍ଟା ପୋଡ଼ି ଯୋଗୁ ବାୟୁ ପ୍ରଦୂଷଣ ହେଉଛି ଓ ସ୍ୱାସ୍ଥ୍ୟକୁ ଅତ୍ୟଧିକ ପ୍ରଭାବିତ କରୁଛି। ଏହାକୁ ରୋକିବା ଲାଗି ସରକାରଙ୍କ ପ୍ରୟାସରେ ଆଖିଦୃଶିଆ ସଫଳତା ମିଳିପାରୁ ନ ଥିବାବେଳେ ଖୁଣ୍ଟାରୁ ଇଟା ତିଆରି କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି ତରୁଣ ଜାମି। ବିଶାଖାପଟନମ୍ ନିବାସୀ ତରୁଣ ପେସାରେ ଜଣେ ସିଭିଲ ଇଞ୍ଜିନିୟର। ସେ ୨୦୧୭ରେ ଗ୍ରୀନ୍ ଜାମ୍ କମ୍ପାନୀ ପ୍ରତିଷ୍ଠା କରି ସେଠାରେ ଏହି ଇଟା ଉତ୍ପାଦନ କରୁଛନ୍ତି। ଫଳରେ ବାୟୁମଣ୍ଡଳରୁ କାର୍ବନ ନିର୍ଗମନ କମ୍ କରାଯାଇପାରୁଛି। ଏଗ୍ରିକଲ୍‌ଚର ୱେଷ୍ଟ (କୃଷି ବର୍ଜ୍ୟ) ଏବଂ କିଛି ଶିଳ୍ପରୁ ବାହାରୁଥିବା ଅବଶେଷାଂଶକୁ ମିଶାଇ ଏହି କମ୍ପାନୀ ଆଗ୍ରୋକ୍ରିଟ୍ ସୃଷ୍ଟି କରୁଛି। ଏହା କଂକ୍ରିଟର ବିକଳ୍ପ ହୋଇପାରିଛି। ଏହାକୁ ବ୍ୟବହାର କଲେ ନିର୍ମାଣ ମୂଲ୍ୟ ଅଧା କମିଯାଉଛି। ତରୁଣଙ୍କ ଦ୍ୱାରା ପ୍ରସ୍ତୁତ ଇଟା ପାରମ୍ପରିକ ଇଟାଠାରୁ ୩୦% ହାଲୁକା ହେଉଛି। ପରିବେଶ ଯାହା କ୍ଷତି ହୋଇଛି ତାହାକୁ ଭରଣା କରି ପରିସଂସ୍ଥାର ପୁନର୍ଗଠନ କରିବା ହିଁ ମାନବ ପାଇଁ କଲ୍ୟାଣକର ହେବ ବୋଲି କହନ୍ତି ତରୁଣ। ପରିବେଶ ଉପରେ ଆମ ଜୀବନଶୈଳୀର କ'ଣ ପ୍ରଭାବ ରହିଛି ସେ ସମ୍ପର୍କରେ ଚିନ୍ତା କରି ଏଭଳି କିଛି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ସେ ଆଗାମୀ ପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ନଭେମ୍ବର ୧୯୯୭

- ସୁପ୍ରିମ୍‌କୋର୍ଟକୁ ସେନା ସହାୟତା ଦେବା ପାଇଁ ପାକିସ୍ତାନ ରାଷ୍ଟ୍ରପତି ଫାରୁକ ଅହମ୍ମଦ ଖାଁ ଲେଘାରୀ ଦେଇଥିବା ଆଦେଶକୁ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍‌ଙ୍କ ପ୍ରତ୍ୟାଖ୍ୟାନ।
- ଗୋଖାଦ୍ୟ ଦୁର୍ନୀତିର ଏକ ଷଡ଼ଯନ୍ତ୍ର ଦିଗକୁ ନେଇ ହୋଇଥିବା ମାମଲାରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କୁ ଜାମିନ ପ୍ରଦାନ।
- ଚଳଚ୍ଚିତ୍ରର ଶୁଟିଂ ସମୟରେ ଏକ ଚଳନ୍ତା ରେଳଗାଡ଼ିକୁ ଅଟକାଇବା ଘଟଣାରେ ଅଭିନେତା ଶତିଶ ଶାହଙ୍କ ବିରୁଦ୍ଧରେ ଗିରଫ ପରୱାନା ଜାରି।

## ଚିରନ୍ତନୀ

ଦୁଃଖ ତା'ର ତାରାରାଜି
ଲଭି ମହା ଦୁଃଖ
ମଳିନ ତୁଷାରେ ପରା
ଆବରିଛି ମୁଖ।
–(ବ୍ୟବଧାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | | 9 | | 1 |
| 2 | | | | | 8 | | | 4 |
| 6 | | 4 | | | | | | |
| | | | | | 4 | | 1 | |
| | | 9 | 5 | | | | | 2 |
| | | | 2 | | | 3 | 4 | |
| 3 | 4 | | | | 9 | 7 | 5 | |
| 9 | 1 | 6 | | | | | | |
| | 7 | | 8 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 3 | 4 | 6 | 1 | 8 | 7 | 9 |
| 1 | 7 | 6 | 9 | 8 | 5 | 4 | 3 | 2 |
| 8 | 9 | 4 | 2 | 3 | 7 | 5 | 1 | 6 |
| 6 | 1 | 2 | 3 | 7 | 8 | 9 | 5 | 4 |
| 5 | 8 | 7 | 6 | 4 | 9 | 3 | 2 | 1 |
| 3 | 4 | 9 | 1 | 5 | 2 | 6 | 8 | 7 |
| 7 | 2 | 5 | 8 | 9 | 4 | 1 | 6 | 3 |
| 9 | 6 | 1 | 5 | 2 | 3 | 7 | 4 | 8 |
| 4 | 3 | 8 | 7 | 1 | 6 | 2 | 9 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପାଠ୍ୟକ୍ରମରେ ପହଁରା ଶିକ୍ଷା ରହୁ

ମହାଶୟ,

ମାନବ ସଭ୍ୟତା ନିଜର ଆବଶ୍ୟକତା ପାଇଁ ପିଢ଼ି ପରେ ପିଢ଼ି ପହଁରାଶିକ୍ଷାକୁ ଆପଣେଇ ନେଉଥିଲା। ଯୁଗ ବଦଳିବା ସଙ୍ଗେ ସଙ୍ଗେ ଆଧୁନିକ ସଭ୍ୟତାର ଛାଟ ଆସିଯିବା ପରେ ପରେ ସଭିଙ୍କ ପାଇଁ ଆଉ ପହଁରାଶିକ୍ଷା ଆବଶ୍ୟକ ପଡୁନାହିଁ। ଏହା ଯଦିଓ ସତ, ହେଲେ ବିପଦ ବେଳେ ବୁଦ୍ଧି ଗୁଡୁମ ହୋଇଯାଉଛି। ପ୍ରତିବର୍ଷ ନଦୀ, ସମୁଦ୍ର ଓ ଜଳସ୍ରୋତମାନଙ୍କରେ ଅନେକ ଲୋକ ଜୀବନ ହାରୁଛନ୍ତି। ଅନେକ ପର୍ଯ୍ୟଟକ ମୃତ୍ୟୁବରଣ କରୁଛନ୍ତି। ସେଲ୍‌ଫି ନବାବାଲା ବି ବାଦ୍ ପଡୁନାହାନ୍ତି। ପହଁରା ବିଷୟରେ କିଛି କୌଶଳ ଜାଣିଥିବା ଲୋକ ହିଁ ବିପଦ ବେଳେ ଜୀବନ ରକ୍ଷା କରିପାରୁଛନ୍ତି। ଏଭଳି ପରିସ୍ଥିତିରେ ବିଦ୍ୟାଳୟ ପାଠ୍ୟକ୍ରମରେ ପହଁରା ଶିକ୍ଷାକୁ ଏକ ବିଷୟବସ୍ତୁ ଭାବେ ସାମିଲ କରାଗଲେ ଭଲ ହୁଅନ୍ତା। ସମ୍ପ୍ରତି ରାଜ୍ୟ ଆପଦ ମିତ୍ର ତାଲିମ ବିପର୍ଯ୍ୟୟ ପରିଚାଳନାର ଏକ ତାରବାଡ଼ ସଦୃଶ। ହେଲେ ଦିନକୁ ଦିନ ପହଁରା ଶିଖିଥିବା ଲୋକ ସରି ସରି ଆସିବା ଚିନ୍ତାଜନକ ବିଷୟ।

**ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଡ଼ିଶା ଜିଲା ଯୋଜନା କମିଟି (ସଂଶୋଧନ) ବିଲ୍-୨୦୨୨ ବିଧାନସଭାରେ ଗୃହୀତ

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ମଙ୍ଗଳବାର ଓଡ଼ିଶା ଜିଲା ଯୋଜନା କମିଟି (ସଂଶୋଧନ) ବିଲ୍-୨୦୨୨ ବିଧାନସଭାର ଅନୁମୋଦନ ଲାଭ କରିଛି। ସଂଶୋଧିତ ବିଲ୍‌ରେ ଜିଲା ଯୋଜନା କମିଟିର ସଦସ୍ୟମାନଙ୍କୁ ଶୃଙ୍ଖଳିତ ଓ ଦାୟିତ୍ୱବାନ୍ କରିବା ଉଦ୍ଦେଶ୍ୟରେ ମୂଳ ଅଧିନିୟମର ଧାରା-୫ରେ ଥିବା ସଦସ୍ୟମାନଙ୍କ ଅପସାରଣ ବ୍ୟବସ୍ଥା ନିମିତ୍ତ ଉଦ୍ଦିଷ୍ଟ ୩ ଖଣ୍ଡ ସହିତ ଆଉ ଏକ ଖଣ୍ଡକୁ ଅନ୍ତର୍ଭୁକ୍ତ କରାଯାଇଛି। ଜିଲାସ୍ତରରେ, ପଞ୍ଚାୟତ ଓ ପୌର ପାଳିକାଗୁଡ଼ିକ ଦ୍ୱାରା ପ୍ରସ୍ତୁତ ଯୋଜନାଗୁଡ଼ିକର ଏକତ୍ରୀକରଣ ଓ ଜିଲା ପାଇଁ ଉନ୍ନୟନ ଯୋଜନା ପ୍ରସ୍ତୁତ କରିବା ସକାଶେ ଜିଲାସ୍ତରରେ ଜିଲା ଯୋଜନା କମିଟି କରିବା ଲାଗି ସମ୍ବିଧାନର ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ବିଧାନମଣ୍ଡଳ ଓଡ଼ିଶା ଜିଲା ଯୋଜନା କମିଟି ରୁଲ-୧୯୯୮ ପ୍ରଣୟନ କରିଥିଲେ। ଉକ୍ତ ନିୟମର ଧାରା-୩ ଅନୁଯାୟୀ ପ୍ରତ୍ୟେକ ଜିଲାରେ ଗୋଟିଏ ଜିଲା ଯୋଜନା କମିଟି ଗଠନ ହେବାର ବ୍ୟବସ୍ଥା ରହିଛି। ଏହି ନିୟମର ଉପଧାରା-୩ ଅନୁଯାୟୀ ସର୍ବନିମ୍ନ ୮୦ ପ୍ରତିଶତ ସଭ୍ୟ ଜିଲା ପରିଷଦର ସଭ୍ୟ ଏବଂ ଜିଲାର ମ୍ୟୁନିସିପାଲିଟିଗୁଡ଼ିକରୁ ନିର୍ବାଚିତ ହେବାର ବ୍ୟବସ୍ଥା ରହିଛି। ସଭ୍ୟମାନେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଜନସଂଖ୍ୟା ଅନୁପାତରେ ନିର୍ବାଚିତ ହେବେ। ୨୦୧୮ ଓଡ଼ିଶା ଅଧିନିୟମ ୧୫ ଏବଂ ଓଡ଼ିଶା ଅଧିନିୟମ ୧୬ ଦ୍ୱାରା ସଂଶୋଧିତ ଯଥାକ୍ରମେ ପୌର ପରିଷଦ ନିୟମ ୧୯୫୦ ଏବଂ ଓଡ଼ିଶା ମହାନଗର ନିୟମ ୨୦୦୩ ଅନୁଯାୟୀ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷମାନେ କାଉନ୍‌ସିଲର ଏବଂ କର୍ପୋରେଟରମାନଙ୍କ ମଧ୍ୟରୁ ନିର୍ବାଚିତ ହେବା ପରିବର୍ତ୍ତେ ସିଧାସଳଖ ନିର୍ବାଚିତ ହେଉଛନ୍ତି। ମ୍ୟୁନିସିପାଲିଟିର ଅଧ୍ୟକ୍ଷ ଏବଂ ମହାନଗର ନିଗମର ମେୟରଙ୍କୁ ଜିଲା ଯୋଜନା କମିଟିର ସଭ୍ୟ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ପ୍ରସ୍ତାବ ରହିଛି।

## ୧ରୁ ପୂର୍ବାହ୍ନ ୯ରୁ ସନ୍ଧ୍ୟା ୫ ଯାଏ କ୍ୟାପିଟାଲ ହସ୍ପିଟାଲ ଓପିଡି ଖୋଲା

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ): ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ କ୍ୟାପିଟାଲ ହସ୍ପିଟାଲ ବହିର୍ବିଭାଗ (ଓପିଡି) ସମୟ ପରିବର୍ତ୍ତନ ହୋଇଛି। ଡିସେମ୍ବର ୧ରୁ ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କ୍ୟାପିଟାଲ ହସ୍ପିଟାଲର ଓପିଡି ଖୋଲା ରହିବ। ତେବେ ଅପରାହ୍ନ ୧ଟାରୁ ୨ଟା ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ପାଇଁ ବନ୍ଦ ରହିବ। ଏଥିଲାଗି ପଞ୍ଜୀକରଣ କାଉଣ୍ଟର ସକାଳ ୮ଟା ୩୦ରୁ ଅପରାହ୍ନ ୧୨ଟା ୩୦ ଏବଂ ଅପରାହ୍ନ ୧ଟା ୩୦ରୁ ୪ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଖୋଲା ରହିବ। ଏହି ସୁବିଧା ସପ୍ତାହର ସବୁଦିନ ଉପଲବ୍ଧ ହେବ ବୋଲି କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି।







# ମାତୃ ମୃତ୍ୟୁହାର ହ୍ରାସରେ ଓଡ଼ିଶା ଦ୍ୱିତୀୟ

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

ମାତୃ ମୃତ୍ୟୁହାର ହ୍ରାସରେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ଏସ୍‌ଆର୍‌ଏସ୍ ଏମ୍‌ଏମ୍‌ଆର୍ ବୁଲେଟିନ୍ ତଥ୍ୟରୁ ଏହି ସୂଚନା ମିଳିଛି। ୨୦୧୫-୧୭ରେ ଓଡ଼ିଶାରେ ପ୍ରତି ଲକ୍ଷରେ ମାତୃ ମୃତ୍ୟୁହାର ୧୬୮ ପଏଣ୍ଟ ଥିବାବେଳେ ୨୦୧୮-୨୦ରେ ୧୧୯ ହୋଇଛି। ଗତ ୩ ବର୍ଷରେ ଓଡ଼ିଶାରେ ମାତୃ ମୃତ୍ୟୁହାର ୪୯ ପଏଣ୍ଟ ହ୍ରାସ ପାଇଛି। ଜାତୀୟ ହ୍ରାସ ହାର ୨୫ ପଏଣ୍ଟ ଥିବାବେଳେ ଓଡ଼ିଶାରେ ହ୍ରାସ ହାର ୪୯ ପଏଣ୍ଟ ରହିଛି। ଦେଶରେ ୨୦୧୫-୧୭ରେ ମାତୃ ମୃତ୍ୟୁହାର ୧୨୨ ପଏଣ୍ଟ ଥିବାବେଳେ ୨୦୧୮-୨୦ରେ ୯୭ ପଏଣ୍ଟ ରହିଛି। ଏ ନେଇ ମଙ୍ଗଳବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଏସ୍‌ଆର୍‌ଏସ୍ ଏମ୍‌ଏମ୍‌ଆର୍ ବୁଲେଟିନ୍ ରିପୋର୍ଟ ଅନୁସାରେ, ମାତୃ ମୃତ୍ୟୁହାରରେ ୭୩ ପଏଣ୍ଟ ହ୍ରାସ ସହ ରାଜସ୍ଥାନ ପ୍ରଥମ ସ୍ଥାନରେ ଥିବାବେଳେ ୪୯ ପଏଣ୍ଟ ହ୍ରାସ ସହ ଦ୍ୱିତୀୟରେ ଓଡ଼ିଶା ଏବଂ ଉତ୍ତରପ୍ରଦେଶ ରହିଛନ୍ତି। ସେହିପରି ୪୭ ପଏଣ୍ଟ ହ୍ରାସ ସହ ବିହାର ତୃତୀୟ ସ୍ଥାନ ପାଇଛି। ଓଡ଼ିଶାର ସ୍ୱାସ୍ଥ୍ୟକର୍ମୀଙ୍କ ଉତ୍ସର୍ଗୀକୃତ ସେବା ମନୋଭାବକୁ ସ୍ୱାସ୍ଥ୍ୟ ବିଭାଗ ପ୍ରଶଂସା କରିଛି। ରାଜ୍ୟରେ ସବୁ ସ୍ତରରେ ଗୁଣବତ୍ତା ଚିକିତ୍ସା ସେବା ଯୋଗାଇଦେବାର ଉଦ୍ୟମ ଏହି ସଫଳତା ଦେଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

# ମହୁମାଛି ଆକ୍ରମଣରେ ବାଳକ ମୃତ

**ବଲାଙ୍ଗୀର ଅଫିସ, ୨୯।୧୧**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ରଜାମରା ଗ୍ରାମର ଗୌରୀଶଙ୍କର ରଣା(୧୩)ନାମକ ଜଣେ ବାଳକଙ୍କର ମହୁମାଛି ଆକ୍ରମଣରେ ମୃତ୍ୟୁ ଘଟିଛି। ସୋମବାର ଅପରାହ୍ଣରେ ଗୌରୀଶଙ୍କର ଅନ୍ୟ ଦୁଇଜଣ ସାଙ୍ଗଙ୍କ ସହ ତାଙ୍କ କ୍ଷେତ ପାଖକୁ ଯାଇଥିଲେ। ସେଠାରେ ଥିବା ଏକ ମହୁଲ ଗଛରେ ଥିବା ମହୁଫେଣା ଉପରକୁ ଢେଲା ମାରିଥିଲେ। ମହୁଫେଣାରେ ଢେଲା ବାଜିବା ପରେ ମହୁମାଛିମାନେ ସମ୍ପୃକ୍ତ ପିଲାମାନଙ୍କୁ ଆକ୍ରମଣ କରିଥିଲେ। ମହୁମାଛି ଆକ୍ରମଣରେ ଗୌରୀଶଙ୍କର ଗୁରୁତର ହୋଇପଡି ସେହି କ୍ଷେତରେ ପଡିରହିଥିଲେ। ତାଙ୍କର ଅନ୍ୟ ଦୁଇ ସାଙ୍ଗ ଅଳ୍ପ ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ପରିବାର ଲୋକେ ଗୌରୀଶଙ୍କରଙ୍କୁ ସେଠାରୁ ଉଦ୍ଧାର କରି ପ୍ରଥମେ କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାକୁ ଆଣିଥିଲେ। ଅବସ୍ଥା ଉଦ୍‌ବେଗଜନକ ହେବାରୁ ଡାକ୍ତର ଗୌରୀଶଙ୍କରଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ସ୍ଥାନାନ୍ତର କରିଥିଲେ। ବଲାଙ୍ଗୀରରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୌରୀଶଙ୍କରଙ୍କ ମୃତ୍ୟୁରେ ତାଙ୍କ ମାତାପିତା, ପରିବାର ଲୋକେ ଭାଙ୍ଗି ପଡିଛନ୍ତି।



























## ସଂକ୍ଷେପରେ

### ଆଇନ ସଚେତନତା ଶିବିର



**ଯାଜପୁର ଟାଉନ,୨୯।୧୧(ଡି.ଏନ.ଏ.):** ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଏକ ଆଇନ ସେଚେତନତା ଶିବିର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୌଳିକ କର୍ତ୍ତବ୍ୟ ଏବଂ ପୋକ୍‌ସୋ ଆକ୍ଟ ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପୋକ୍ସୋ କୋର୍ଟର ବିଚାରପତି ଜାନକୀ ବିଶ୍ୱାଳ, ପ୍ରାଧିକରଣ ସମ୍ପାଦିକା ଜ୍ୟୋତିର୍ମୟୀ ଦାସ, ଜେଏମ୍‌ଏଫ୍‌ସି ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜେଏମ୍‌ଏଫ୍‌ସି ମଧୁସ୍ମିତା ନାୟକ, ଡିସିପିଓ ନିରଞ୍ଜନ କର, ପ୍ୟାନେଲ ଲୟର କୁଳମଣି ନାୟକ, ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ପୋକ୍ସୋ କୋର୍ଟ ବିଚାରପତି ବିଶ୍ୱାଳ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପୋକ୍ସୋ ଆଇନ ବିଷୟରେ ବୁଝାଇଥିଲେ। ଅନ୍ୟ ବକ୍ତାମାନେ ମୌଳିକ କର୍ତ୍ତବ୍ୟ ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥଲେ। ସଭାକୁ ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ଦାସ ପରିଚାଳନ କରିଥିଲେ।

### ସ୍ମୃତିଲିପିର ବାର୍ଷିକ ସାରସ୍ୱତ ସମାରୋହ

**ଯାଜପୁର ଅଫିସ,୨୯।୧୧:** କୋରେଇ ବ୍ଲକ ହଳଦିଗଡ଼ିଆ ଗ୍ରାମର ସତ୍ୟନାରାୟଣ ପାଠାଗାର ଆନୁକୂଲ୍ୟରେ ପ୍ରକାଶ ପାଉଥିବା ତ୍ରୟ ମାସିକ ସାହିତ୍ୟ ପତ୍ରିକା ସ୍ମୃତିଲିପିର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ କଟକସ୍ଥିତ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ପ୍ରଥମ ପର୍ଯ୍ୟାୟରେ ରାଜ୍ୟସ୍ତରୀୟ କବିତା ପାଠ ଓ ଆଲୋଚନାଚକ୍ରକୁ ପ୍ରାକ୍ତନ ଏମ୍‌ପି ମହାମେଘବାହନ ଐର ଖାରବେଳ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଇଫ୍‌କୋର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ ବେଉରା, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବାହାଦୁର ପାଟ୍ଟସାହାଣୀ ଓ ଇଂ. ଲଡୁକିଶୋର ପଢ଼ିଆରୀ ଯୋଗ ଦେଇଥିଲେ। କବିତା ପାଠକୁ କବି ବିଜୟ ନାଥ ଓ ମୀରା ବେଉରା ସଂଯୋଜନା କରିଥିଲେ। ଚିତ୍ତରଞ୍ଜନ ମହାନ୍ତି ଅଧକ୍ଷତା କରିଥିଲେ। ଦ୍ୱିତୀୟ ଅଧିବେଶନରେ ସାହିତ୍ୟିକ ଡ. ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ ସଭାପତିତ୍ୱ କରିଥିଲେ। ପଦ୍ମଶ୍ରୀ ଡ. ଜୟନ୍ତ ମହାପାତ୍ର ଅଧିବେଶନକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ ପୂର୍ବତନ ମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ସମ୍ମାନିତ ଅତିଥି ଓଡିଆ ଯୁବ ଲେଖକ ସମ୍ମେଳନର ପୂର୍ବତନ ସଭାପତି ଅମରେଶ ପଟ୍ଟନାୟକ, ଆଇନଜୀବୀ ଧରଣୀଧର ନାୟକ ଯୋଗ ଦେଇ ଓଡ଼ିଆ ଭାଷାର ବ୍ୟାପକତା ଓ ଏହାର ଅସ୍ମିତା ଉପରେ ଆଲୋକପାତ କରିଥିଲେ। ନୂତନ ପୁସ୍ତକ ଓ ସ୍ମୃତିଲିପିର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥି ଲୋକାର୍ପଣ କରିଥିଲେ। ରାଜୀବ ଷଡଙ୍ଗୀ ଅତିଥି ପରିଚୟ ଦେଇଥିଲେ। ପତ୍ରିକାର କାର୍ଯ୍ୟ ନିର୍ବାହୀ ସମ୍ପାଦକ ଦୟାନିଧି ନାୟକ ସ୍ୱାଗତ ସୂଚନା ଦେଇଥିଲେ। ସମ୍ପାଦକ ଭୁବନ ମୋହନ ମହାନ୍ତି ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅବଦୁଲ୍ଲସତ୍ତାର ସ୍ମୃତି ସମ୍ମାନ ଡ. ସୁଦର୍ଶନ ପଟ୍ଟନାୟକ, ଆଇନଜୀବୀ ପ୍ରଫୁଲ୍ଲ କୁମାର ଧଳସ୍ମୃତି ସମ୍ମାନ ଡ.କୁଶ ଚନ୍ଦ୍ର ପ୍ରଧାନ, ରଜନୀ ମିଶ୍ର ସ୍ମୃତି ସମ୍ମାନ ଯଶୋଧାରା ଦାସ ପାଇଥିଲେ। ସ୍ମୃତିଲିପି ବାର୍ଷିକ ପ୍ରତିଭା ସମ୍ମାନ ପ୍ରାଧାପିକା ଡ. ମାନସୀ କର, ସଂଯୁକ୍ତା ମିଶ୍ରଙ୍କ ସହ ଅନ୍ୟମାନଙ୍କୁ ପ୍ରଦାନ କରାଯାଇଥିଲା।

# କୋର୍ଟ କମ୍ପ୍ଲେକ୍ସ ପାଇଁ ୧୦.୧୧ କୋଟି ମଞ୍ଜୁର

■ ଟେଣ୍ଡର ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ

■ ପୋକ୍‌ସୋ, ପରିବାର ଅଦାଲତ, ଭିଜିଲାନ୍ସ କୋର୍ଟ ଖୋଲିବାକୁ ଦାବି

**ଯାଜପୁର ଅଫିସ,୨୯।୧୧**

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ଯାଜପୁର ରୋଡ ସହରରେ ନୂତନ କୋର୍ଟ କମ୍ପ୍ଲେକ୍ସ ଗୃହ ନିର୍ମାଣ ପାଇଁ ପ୍ରଶାସନିକ ଅନୁମତି ମିଳିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ୧୦ କୋଟି ୧୧ ଲକ୍ଷ ୩୬ ହଜାର ଟଙ୍କା ମଞ୍ଜୁର ହୋଇଛି। ଏହି ମର୍ମରେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗର ଚିଫ୍ କନଷ୍ଟ୍ରକ୍‌ସନ ଇଞ୍ଜିନିୟର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଯାଜପୁର ଜିଲା ପାଣିକୋଇଲି ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ୨୮।୧୧।୨୦୨୨ରେ ପତ୍ର ଲେଖିଛନ୍ତି। ପ୍ରସ୍ତାବିତ ଉକ୍ତ କୋର୍ଟ କମ୍ପ୍ଲେକ୍ସରେ ଅତିରିକ୍ତ ଜିଲା ଜଜ, ସିଭିଲ ଜଜ ସିନିୟର ଡିଭିଜନ, ସିଭିଲ ଜଜ ଜୁନିୟର ଡିଭିଜନ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟ ଚାଲିବ ବୋଲି ସୂଚନା ମିଳିଛି। ଏଥିପାଇଁ ପାଟୁଲି ମୌଜାର ୨୦ନଂ. ଜାତୀୟ ରାଜପଥ କଡରେ ୩ ଏକର ଜମି ଆବଣ୍ଟିତ ହୋଇଛି। ତେବେ ଦୀର୍ଘ ୪୦ ବର୍ଷ ପରେ ଏହି ସ୍ୱତନ୍ତ୍ର କୋର୍ଟ ଗୃହ ନିର୍ମାଣ ହେଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

ସୂଚନାଯୋଗ୍ୟ, ୧୯୮୨ରେ ଯାଜପୁର ରୋଡ ଚୋର୍ଦ୍ଦାଛକ ନିକଟରେ ଏକ ଭଡା ଘରେ ମୁନସିଫ୍(ଦେୱାନି ଅଦାଲତ) ଓ ମାଜିଷ୍ଟ୍ରେଟ କୋର୍ଟ ଖୋଲିଥିଲା। ଓଡ଼ିଶା ହାଇକୋର୍ଟର ତତ୍କାଳୀନ ମୁଖ୍ୟ ବିଚାରପତି ରଙ୍ଗନାଥ ମିଶ୍ର ଏହି କୋର୍ଟର ଉଦ୍‌ଘାଟନ କରିଥିଲେ। ୧୯୯୨ରେ ଏହି କୋର୍ଟ ବ୍ୟାସନଗର କଲେଜ ସମ୍ମୁଖ ନିଜସ୍ୱ ଗୃହକୁ ସ୍ଥାନାନ୍ତରିତ ହୋଇଥିଲା। ଏଠାରେ ଯେଉଁ ଗୃହ ନିର୍ମାଣ ହୋଇଥିଲା ତାହା ମାତ୍ର ଜେଏମ୍‌ଏଫ୍‌ସି କୋର୍ଟ ପାଇଁ ଉଦ୍ଦିଷ୍ଟ ଥିଲା। ପରବର୍ତ୍ତୀ ସମୟରେ ୨୦୦୦ରେ ମୁନସିଫ୍ ଓ ମାଜିଷ୍ଟ୍ରେଟ କୋର୍ଟ ଅଲଗା ହୋଇ ସ୍ୱତନ୍ତ୍ର ମୁନସିଫ୍ କୋର୍ଟ ଖୋଲିଥିଲା। ସେଠାରେ ବ୍ୟାସନଗର ପୌର ପରିଷଦ ପକ୍ଷରୁ ୬୦ ହଜାର ଟଙ୍କା ଖର୍ଚ୍ଚ କରି ଏକ ସାକ୍ଷୀ କକ୍ଷ ଗୃହ ନିର୍ମାଣ ହୋଇଥିଲା। ଉକ୍ତ କକ୍ଷରେ ଏବେ ବି ମୁନସିଫ୍ କୋର୍ଟ ଚାଲିଛି। ଏହା ଅତ୍ୟନ୍ତ ସଂକୀର୍ଣ୍ଣ ହୋଇଥିବାରୁ ବିଭିନ୍ନ ଫାଇଲ ରଖିବାକୁ ଯାଗା ନାହିଁ। ଏପରିକି ଓକିଲମାନଙ୍କ ବସିବା ପାଇଁ ଆବଶ୍ୟକ ସ୍ଥାନ ନାହିଁ। ଏଭଳି ସ୍ଥିତିରେ ୨୦୦୭ରେ ଏଠାରେ ସବଜଜ କୋର୍ଟ ପ୍ରତିଷ୍ଠା ହୋଇଥିଲା। ବୋଝ ଉପରେ ନଳିତା ବିଡା ସଦୃଶ ନୀରିକ୍ଷଣ କକ୍ଷରେ ସବଜଜ କୋର୍ଟ ଚାଲିଲା। ଆବଶ୍ୟକ ଭିତ୍ତିଭୂମି ପାଇଁ ବାର ଆସୋସିଏଶନ ନିଜର କକ୍ଷକୁ ଛାଡି ଦେଇଥିଲା। ଏବେବି ବାର ଆସୋସିଏଶନ ପାଇଁ କୌଣସି ସ୍ୱତନ୍ତ୍ର କକ୍ଷ ନାହିଁ। ୨୦୧୩ରେ ଏମ୍‌ପିଙ୍କ ପାଣ୍ଠିରୁ ବ୍ୟାସନଗର ବାର ଆସୋସିଏଶନ ଲାଇବ୍ରେରୀ କକ୍ଷ ନିର୍ମାଣ ହୋଇଥିଲା। ତେବେ ଏହି ଲାଇବ୍ରେରୀ କକ୍ଷକୁ ଓକିଲମାନେ ୨୦୧୯ରେ ଅତିରିକ୍ତ ଜିଲାଜଜ କୋର୍ଟ ପାଇଁ ଛାଡି ଦେଇଥିଲେ।



ପ୍ରକାଶଯୋଗ୍ୟ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପାଇଁ ନିର୍ମିତ ଗୃହରେ ଅଦ୍ୟାବଧି ଉପରୋକ୍ତ ୪ଟି କୋର୍ଟ ସମେତ ସେଗୁଡିକର ଅଫିସ କାମ ଚାଲିଛି। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ଫାଇଲ ଖୋଲାରେ ପଡି ରହୁଥିବା ଦେଖିବାକୁ ମିଳିଛି। ଏହି କୋର୍ଟ ପରିସର ଜଙ୍ଗଲ ଜମିରେ ଥିବାରୁ ସଂପ୍ରସାରଣ ହେବାର ସମ୍ଭାବନା ନ ଥିଲା। ଏହିସବୁ ଅବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଓକିଲମାନେ ସ୍ୱତନ୍ତ୍ର କୋର୍ଟ ଗୃହ ନିର୍ମାଣ କରିବାକୁ ବିଭିନ୍ନସ୍ତରରେ ଦୀର୍ଘ ବର୍ଷ ହେଲା ଦାବି କରି ଆସୁଥିଲେ। ଏହିକ୍ରମରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ସୁପ୍ରିମକୋର୍ଟର ବିଚାରପତି ପ୍ରାୟ ୪ ମାସ ତଳେ ପାଟୁଲି ମୌଜାରେ ସ୍ୱତନ୍ତ୍ର କୋର୍ଟ ପରିସର ଗୃହ ନିର୍ମାଣ କରିବାକୁ ଶିଳାନ୍ୟାସ କରିଥିଲେ। ତେବେ ବର୍ତ୍ତମାନ ମଞ୍ଜୁର ହୋଇଥିବା ଅର୍ଥ ଯଥେଷ୍ଟ ହେବ ନାହିଁ ବୋଲି ଓକିଲମାନଙ୍କ ମଧ୍ୟରେ ମତପ୍ରକାଶ ପାଇଛି। କାରଣ ଏହି ଅର୍ଥ କେବଳ କୋର୍ଟ ଗୃହ ନିର୍ମାଣରେ ଖର୍ଚ୍ଚ କରାଯିବ ବୋଲି ଜଣାପଡିଛି। ଅନ୍ୟପକ୍ଷେ ବିଚାରପତିଙ୍କ ବାସଗୃହ, ବାର ଆସୋସିଏଶନ ଗୃହ, ପାଚେରୀ, ଲାଇବ୍ରେରୀ ଆଦି ପାଇଁ ଅତିରିକ୍ତ ଅନୁଦାନର ଆବଶ୍ୟକତା ରହିଛି ବୋଲି ଦାବି ହେଉଛି। ଏହାସହ କଳିଙ୍ଗନଗର, ସୁକିନ୍ଦା ଏବଂ ଯାଜପୁର ରୋଡ ଅଞ୍ଚଳର ପ୍ରାୟ ୭୦ ଭାଗ ପୋକ୍‌ସୋ ମାମଲା ଯାଜପୁର ସ୍ୱତନ୍ତ୍ର କୋର୍ଟରେ ବିଚାରାଧୀନ ରହିଛି। ତେଣୁ ଯାଜପୁର ରୋଡରେ ଏକ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଖୋଲିବାକୁ ଦାବି କରାଯାଇଛି। ଏହାସହ ପରିବାର ଅଦାଲତ ଓ ଭିଜିଲାନ୍ସ କୋର୍ଟର ଆବଶ୍ୟକତା ରହିଛି। ନୂତନ କୋର୍ଟ ପରିସରରେ ଏହିସବୁ ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରାଗଲେ ଅଞ୍ଚଳବାସୀ ଉପକୃତ ହୋଇ ପାରିବେ ବୋଲି ମତ ପ୍ରକାଶ ପାଇଛି।

### ବାଇକ୍ ଧକ୍କାରେ ପ୍ରଧାନଶିକ୍ଷକଙ୍କ ମୃତ୍ୟୁ ଘଟଣା, ଚାଳକ ଗିରଫ

**ରସୁଲପୁର,୨୯।୧୧(ଡି.ଏନ.ଏ.)**

କୁଆଖିଆ ଥାନା ଅନ୍ତର୍ଗତ ଏକତଳା ଗ୍ରାମର ପ୍ରଧାନ ଶିକ୍ଷକ ପ୍ରଭାତ ମିଶ୍ରଙ୍କୁ ବାଇକ୍ ଧକ୍କା କରିଥିବା ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଯାଜପୁର ସଦର ଥାନା ମହେଶ୍ୱରପୁର ପଞ୍ଚାୟତ ବ୍ରାହ୍ମଣବାଛପୁର ଗ୍ରାମର ଉପେନ୍ଦ୍ର ମଲିକ(୨୧)। ପ୍ରଧାନ ଶିକ୍ଷକ ମିଶ୍ର ଗତ ଶୁକ୍ରବାର ୨୦ନମ୍ବର ଜାତୀୟ ରାଜପଥର ସାରଙ୍ଗପୁର ଛକ ନିକଟରେ ରାସ୍ତା ପାର ହେଉଥିବା ସମୟରେ ଉପେନ୍ଦ୍ର ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବାଇକ୍ ଚାଳକ କୁଆଖିଆରୁ ହରିପୁର ଆଡକୁ ଯାଉଥିବା ବେଳେ ଶିକ୍ଷକ ରାସ୍ତା ପାର ହେଉଥିବା ସମୟରେ ଦୁର୍ଘଟଣା ଘଟିଥିଲା। ଶିକ୍ଷକ ହଠାତ୍ ତାଙ୍କ ବାଇକ ସମ୍ମୁଖକୁ ପଳାଇ ଆସିବାରୁ ବାଇକ ଚାଳକ ଭାରସାମ୍ୟ ହରାଇ ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ସେ ଘଟଣାସ୍ଥଳରେ ଛିଟିକି ପଡି ଯାଇଥିଲେ। ଚାଳକ ଭୟରେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଘଟଣା ସ୍ଥଳରୁ ପୋଲିସ ବାଇକ୍ ଜବତ କରିଥିଲା। ଏସ୍‌ଆଇ ଦୁଷ୍ମନ୍ତ ଦାସ ଘଟଣାର ତଦନ୍ତ କରୁଛନ୍ତି। ଏନେଇ ଥାନାରେ ନଂ.୩୭୮/୨୨ରେ ଏକ ମାମଲା ରୁଜୁ ହୋଇଛି।

# ଜାତୀୟ ହସ୍ତଶିଳ୍ପ ପୁରସ୍କାର ପାଇଲେ ୨ ଭାସ୍କର୍ଯ୍ୟ ଶିଳ୍ପୀ



ଶିଳ୍ପୀ ସୁଶାନ୍ତ କୁମାର ଦାସ ମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।



ଦିବଂଗତ ଶିଳ୍ପୀ ରଞ୍ଜନ ମହାରଣାଙ୍କୁ ଦିଆଯାଇଥିବା ପୁରସ୍କାରକୁ ତାଙ୍କ ସ୍ତ୍ରୀ ଗ୍ରହଣ କରିଛନ୍ତି।

**ଚଣ୍ଡିଖୋଲ,୨୯।୧୧(ଡି.ଏନ୍.ଏ.)**

■ ସୁଶାନ୍ତ ଦାସଙ୍କ 'ରାଧାକୃଷ୍ଣ ଝୁଲଣଯାତ୍ରା' ଓ ସ୍ୱର୍ଗତ ରଞ୍ଜନ ମହାରଣାଙ୍କ 'ହରିହର ମୂର୍ତ୍ତି' ଶ୍ରେଷ୍ଠ ବିବେଚିତ

ଯାଜପୁର ଜିଲାର ୨ ପ୍ରତିଭାଙ୍କୁ ମିଳିଛି ସମ୍ମାନଜନକ ଜାତୀୟ ହସ୍ତଶିଳ୍ପ ପୁରସ୍କାର। ସୋମବାର ନୂଆଦିଲ୍ଲୀ ବିଜ୍ଞାନ ଭବନଠାରେ ଭାରତ ସରକାରଙ୍କ ପକ୍ଷରୁ ଆୟୋଜିତ ଶିଳ୍ପୀ ଗୁରୁ ଓ ଜାତୀୟ ପୁରସ୍କାର ପ୍ରଦାନ ସମାରୋହରେ ବଡ଼ଚଣା ବ୍ଲକ ଅଧୀନ ପଲାଇ ଗ୍ରାମର ପ୍ରତିଭାବାନ ଭାସ୍କର୍ଯ୍ୟ ଶିଳ୍ପୀ ସୁଶାନ୍ତ କୁମାର ଦାସ(୪୧) ଏବଂ ସେହି ପଞ୍ଚାୟତ ଶୁଖୁଆପଡ଼ା ଗ୍ରାମର ଦିବଂଗତ ଶିଳ୍ପୀ ରଞ୍ଜନ ମହାରଣାଙ୍କୁ ମିଳିଛି ଏହି ପୁରସ୍କାର।

କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲଙ୍କ ହାତରୁ ସୁଶାନ୍ତ ଏବଂ ଦିବଂଗତ ଶିଳ୍ପୀ ରଞ୍ଜନ ମହାରଣାଙ୍କୁ ମରଣୋତ୍ତର ଭାବେ ଦିଆଯାଇଥିବା ପୁରସ୍କାରକୁ ତାଙ୍କ ସ୍ତ୍ରୀ ସ୍ନେହଲତା ମହାରଣା ଗ୍ରହଣ କରିଛନ୍ତି। ବଡ଼ଚଣା ବ୍ଲକର ଗୋଟିଏ ପଞ୍ଚାୟତରୁ ୨ ଭାସ୍କର୍ଯ୍ୟ ଶିଳ୍ପୀଙ୍କୁ ଜାତୀୟ ପୁରସ୍କାର ମିଳିବା ପରେ ସେମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସ୍ଥାନୀୟ ବିଧାୟକ ଅମର ପ୍ରସାଦ ଶତପଥୀ ବଡ଼ଚଣା ମାଟିର ଏହି ଦୁଇ ଅସାଧାରଣ ପ୍ରତିଭାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି। ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର କହିଛନ୍ତି ଯେ, ଜାତୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀମାନେ ହେଉଛନ୍ତି ଆମ ପାଇଁ ଗୌରବର ପ୍ରତୀକ। ସେମାନଙ୍କ ଏହି ପୁରସ୍କାରପ୍ରାପ୍ତି ଅନ୍ୟ ପ୍ରତିଭାବାନ ଶିଳ୍ପୀମାନଙ୍କୁ ମଧ୍ୟ ଉତ୍ସାହିତ କରିବ। ଭାରତ ସରକାରଙ୍କ ବୟନଶିଳ୍ପ ମନ୍ତ୍ରଣାଳୟର ଉନ୍ନୟନ କମିଶନର(ହସ୍ତଶିଳ୍ପ) ବିଭାଗ ପକ୍ଷରୁ ୨୦୧୯ ନିମନ୍ତେ ପଥର ଖୋଦେଇ ଶିଳ୍ପ ପାଇଁ ସୁଶାନ୍ତଙ୍କୁ ଏବଂ ୨୦୧୮ ନିମନ୍ତେ ପଥର ଖୋଦେଇ ଶିଳ୍ପ ପାଇଁ ସ୍ୱର୍ଗତ ରଞ୍ଜନଙ୍କୁ ଏହି ପୁରସ୍କାର ମିଳିଛି। ପୁରସ୍କାର ସ୍ୱରୂପ ସେମାନଙ୍କୁ ଏକ ତାମ୍ରଫଳକ, ଉତ୍ତରୀୟ, ସମ୍ମାନପତ୍ର ସହିତ ଏକଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ଶିଳ୍ପୀ ସୁଶାନ୍ତଙ୍କ ଜାତୀୟ ପୁରସ୍କାର କଳାକୀର୍ତ୍ତିଟି ଗୌରହରୀ(ଖଡ଼ିପଥର)ରେ 'ଶ୍ରୀ ରାଧାକୃଷ୍ଣଙ୍କ ଝୁଲଣ ଯାତ୍ରା' ଥିଲାବେଳେ ଦିବଂଗତ ଶିଳ୍ପୀ ରଞ୍ଜନଙ୍କ କଳାକୃତିଟି କେଶରାଇପୁର-ଶୁଖୁଆପଡ଼ା ପାହାଡ଼ରୁ ମିଳୁଥିବା ଶାଣପଥରରେ ଗଢ଼ା ହୋଇଥିବା 'ହରିହର ମୂର୍ତ୍ତି'ଥିଲା। ପୁରସ୍କାର ଲାଭ କରିଥିବା ଜିଲାର ଗୌରବୋଜ୍ଜ୍ୱଳ ପ୍ରତିଭାଙ୍କୁ ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟର ଅଧକ୍ଷ ଶରତ ଚନ୍ଦ୍ର ପ୍ରଧାନ, ବିଜୟ କୁମାର ତ୍ରିପାଠୀ, ଦାମୋଦର ସ୍ୱାଇଁ, ଜିଲା ସଂସ୍କୃତି ପରିଷଦର ସଦସ୍ୟ ଶୁଭେନ୍ଦୁ କୁମାର ଭୂୟାଁ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

### କାଏମା ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଧର୍ମଶାଳା,୨୯।୧୧(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ କାଏମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। କାଏମା ଖେଳ ପଡ଼ିଆରେ ୨ଦିନ ଧରି ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ, କନିଷ୍ଠ ଓ ଅତି କନିଷ୍ଠ ବର୍ଗରେ ଛାତ୍ରୀଛାତ୍ର ମୋଟ୍ ୫୪ଟି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ପ୍ରଧାନଆଚାର୍ଯ୍ୟ ବୀରବର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଖବରଦାତା ଅବିନେଶ୍ୱର ଶତପଥୀ, ସମ୍ମାନିତ ଅତିଥି ପରିଚାଳନା କମିଟି ସମ୍ପାଦକ ଇଂ. ଚିତ୍ତରଞ୍ଜନ ମଲିକ ପ୍ରମୁଖ ଯୋଗଦେଇ ବିଭିନ୍ନଖେଳରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମେଡାଲ ଓ ପ୍ରମାଣପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ। ଉତ୍ସବକୁ ଅଜୟ କୁମାର ସାମଲ, ଗୁରୁଜୀ ଅଜିତ କୁମାର ରାଉତ, ସନ୍ତୋଷ କୁମାର ବେହେରା, ଗୁରୁମା ରୀତାରାଣୀ ସ୍ୱାଇଁ, ସ୍ମୃତିରେଖା ସାମଲ ପ୍ରମୁଖ ପରିଚାଳନା କରିଥିଲେ। ଶିଶୁ ମନ୍ଦିରର ସମସ୍ତ ଆଚାର୍ଯ୍ୟା,ଆଚର୍ଯ୍ୟ ସହଯୋଗ କରିଥିଲେ। ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ବାର୍ଷିକ କ୍ରୀଡ଼ା ଧ୍ୱଜା ଅବତରଣ କରାଯାଇଥିଲା।

### କୁମାରୀ, ସାଲେପୁରରେ କୁରାଳ ପଞ୍ଚମୀ ପୂଜା



କୁମାରୀ ମଣ୍ଡପରେ ପୂଜା ପାଉଥିବା ଲକ୍ଷ୍ମୀନାରାୟଣଙ୍କ ମୂର୍ତ୍ତି।



ମିର୍ଜାପୁର ମଣ୍ଡପରେ ପୂଜା ପାଉଥିବା ଲକ୍ଷ୍ମୀନାରାୟଣ।

**ଧର୍ମଶାଳା,୨୯।୧୧(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ୍ ଅଧୀନ କୁମାରୀ ଓ ସାଲେପୁର ଗ୍ରାମରେ କୁରାଳ ପଞ୍ଚମୀ ପୂଜା ପାଳିତ ହେଉଛି। କୁରାଳ ପଞ୍ଚମୀ ହେଉଛି କୁମ୍ଭକାରମାନଙ୍କ ଏକ ପ୍ରମୁଖ ପର୍ବ। ଏହି ପର୍ବ ଉପଲକ୍ଷେ କୁମ୍ଭକାରମାନେ ସେମାନଙ୍କ ମାଟିହାଣ୍ଡି ଗଢ଼ା ବନ୍ଦ କରି ଉତ୍ସବ ପାଳନ କରିଥାନ୍ତି। କୁରାଳ ପଞ୍ଚମୀ ପୂଜା କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ଦ୍ୱାରା ବ୍ରାହ୍ମଣୀ ନଦୀରୁ କଳସରେ ଜଳ ଆଣାଯାଇ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟୀ ମୂର୍ତ୍ତି ମଣ୍ଡପରେ ସ୍ଥାପନ କରାଯାଇ ପୂଜା କରାଯାଇଛି। କୁମାରୀ ଗ୍ରାମର କୁମ୍ଭାର ସାହିରେ ପଣ୍ଡିତ ମଦନ ନନ୍ଦଙ୍କ ତତ୍ତ୍ୱାବଧାନରେ କର୍ତ୍ତାଭାବେ ଚକ୍ରଧର ବେହେରା ଓ ଉପକର୍ତ୍ତା ଭାବେ ଗୁରୁଚରଣ ବେହେରା ଯୋଗଦେଇଥିବା ବେଳେ ଗିରିଧାରୀ ବେହେରା, ଅକ୍ଷୟ କୁମାର ବେହେରା, ରବୀନ୍ଦ୍ର ସାହୁ, ଅର୍ଜ୍ଜୁନ ବେହେରା, ନକୁଳ ରଣା, ଅଶୋକ ରଣା ଉପସ୍ଥିତ ରହି ପୂଜାକର୍ମ କରିଥିଲେ। ପ୍ରଥମ ଦିବସରେ ସୂର୍ଯ୍ୟପୂଜା, ଗୋପୂଜା, ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ; ପାଲା, ଭଜନ ଆଦି ଅନୁଷ୍ଠିତ ହେଉଛି। ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ୫ ଦିନ ଧରି ପୂଜା ଚାଲୁ ରହିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ମିର୍ଜାପୁର ମଣ୍ଡପରେ ସାଲେପୁର ଗ୍ରାମର କୁରାଳ ପଞ୍ଚମୀ ପୂଜା ଧୁମ୍ ଧାମ୍‌ରେ ପାଳିତ ହେଉଛି।

## ବେଆଇନ ବାଲିଘାଟକୁ ଗ୍ରାମବାସୀଙ୍କ ବିରୋଧ

**ଧର୍ମଶାଳା,୨୯।୧୧(ଡି.ଏନ.ଏ.)**

ଧର୍ମଶାଳା ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ମଙ୍ଗଳପୁରଠାରେ ବେଆଇନ ବାଲିଘାଟକୁ ଗ୍ରାମବାସୀ ମଙ୍ଗଳବାର ବିରୋଧ କରିଛନ୍ତି। ରସୁଲପୁର ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀର କୋଠିଡ଼ିହ ବାଲିଘାଟକୁ ଜଣେ ଇଜରାଦାର ଲିଜ ନେଇ ବାଲି ଉତ୍ତୋଳନ କରୁଥିବା ବେଳେ ସେ ବେଆଇନ ଭାବେ ଧର୍ମଶାଳା ତହସିଲ ଅନ୍ତର୍ଗତ ମଙ୍ଗଳପୁର ଅଞ୍ଚଳରୁ ବାଲି ଉତ୍ତୋଳନ କରୁଛନ୍ତି। ଏକଥା ଜଣାପଡ଼ିବାପରେ ଗ୍ରାମବାସୀ ଏହାର ବିରୋଧ କରିଛନ୍ତି। ଏଠାରୁ ବାଲି ଉତ୍ତୋଳନ ହେଉଥିବା ବେଳେ ମଙ୍ଗଳପୁର ପଞ୍ଚାୟତର ମଙ୍ଗଳପୁର, ନୂଆକୁଳ ଓ କୋଠଡ଼ିହ ଗ୍ରାମର ଶ୍ରୀକନ୍ତ ପ୍ରଧାନ, ସୁକଦେବ ପାତ୍ର, ମଦନ ମୋହନ ପାଣି, ନକୁଳ ନାୟକ ପ୍ରମୁଖ ଶତାଧିକ ଲୋକେ ଏହାକୁ ବିରୋଧ କରିବା ସହ ବାଲିବୋଝେଇ ଗାଡିକୁ ଅଟକାଇଥିଲେ। ଖବର ପାଇ ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ପହଞ୍ଚି ରସୁଲପୁର ଓ ଧର୍ମଶାଳା ତହସିଲଦାରଙ୍କୁ ଫୋନ ଯୋଗେ ଏସମ୍ପର୍କରେ ଅବଗତ କରାଇଥିଲେ। ତେବେ ବୁଧବାର ଉଭୟ ତହସିଲର ତହସିଲଦାର ଓ ଅମିନ ସେଠାରେ ପହଞ୍ଚି ମାପଚୁପ କରିବେ ବୋଲି ଫାଣ୍ଡି ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ।

# ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଶିଳାନ୍ୟାସ

**ରଗଡ଼ି,୨୯।୧୧(ଡି.ଏନ.ଏ.)**

କୋରେଇ ବ୍ଲକ ଅନ୍ତର୍ଗତ ପଛିକୋଟ ପଞ୍ଚାୟତ ପାଣିକୋଇଲି-ରଗଡ଼ି ପୂର୍ତ୍ତ ବିଭାଗ ରାସ୍ତାଠାରୁ କେନ୍ଦୁଝର ଭାୟା କଡ଼ମା ରାସ୍ତା ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ କରାଯାଇଛି। ସେହିପରି ଅନ୍ଧାରି ପଞ୍ଚାୟତର ଏନ୍‌ଏଚ୍-୨୦ଠାରୁ ଅନ୍ଧାରି ଏବଂ କୋରାବନ୍ଦି ଆରଡି ରୋଡ୍ ଭାୟା ସାହାଦକୋଳି ରାସ୍ତାର ଶିଳାନ୍ୟାସ କରାଯାଇଛି। କୋରେଇ ବିଧାୟକ ଅଶୋକ କୁମାର ବଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏସବୁ ରାସ୍ତା କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, କୋରେଇ ବ୍ଲକ ଅଧକ୍ଷା ଜୟନ୍ତୀ ଦଳାଇ, ବ୍ଲକ ସଭାପତି ଭକ୍ତ ବଚ୍ଛଳ ସ୍ୱାଇଁ, ଗ୍ରାମ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକ, ଯାଜପୁର ଜିଲା ଯୁବ ସଭାପତି ପ୍ରତାପ କୁମାର ମହାନ୍ତି, ଜିଲା ପରିଷଦ ସଭ୍ୟ ସସ୍ମିତ ତରାଇ ଓ ଉମାକାନ୍ତ ମାଝି, ପଛିକୋଟ ସରପଞ୍ଚ ଗୀତାଞ୍ଜଳି ସେଠୀ, ଅନ୍ଧାରି ସରପଞ୍ଚ ରାଜେନ୍ଦ୍ର କୁମାର ରାଉତରାୟ, କନ୍ତୋର ସରପଞ୍ଚ ସାରଙ୍ଗ ପ୍ରଧାନ, ଦିଲୀପ କୁମାର ସ୍ୱାଇଁ, ପଞ୍ଚାନନ ଆଚାର୍ଯ୍ୟ, ନରେନ୍ଦ୍ର ସାହୁ, କଳାକାର ବାରିକ, ଅନ୍ଧାରୀ ପଞ୍ଚାୟତ ସଭାପତି ଗଣେଶ୍ୱର ଦାସ, ସମିତି ସଭ୍ୟା ରସ୍ମିତା କର, ଅଜୟ କୁମାର ସ୍ୱାଇଁ, ବିଚିତ୍ର କୁମାର ରାଉତ ଓ ପ୍ରତାପ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ରାସ୍ତା କାର୍ଯ୍ୟର ଶିଳାନ୍ୟାସ କରୁଛନ୍ତି।

# ୭୯ ଛାତ୍ରୀଛାତ୍ରଙ୍କ ପାଇଁ ୨ ଶିକ୍ଷୟିତ୍ରୀ

■ କୋରଡ଼ାପିପଲ ସରକାରୀ ନିମ୍ନମୌଳିକ ବିଦ୍ୟାଳୟରେ ଶିକ୍ଷାଦାନ ବିପର୍ଯ୍ୟସ୍ତ

■ ଜଣେ ଏବେ ଆନ୍ଦୋଳନରେ, ଆଉ ଜଣେ ସମ୍ଭାଳିଛନ୍ତି ବିଦ୍ୟାଳୟ

**ବରୀ,୨୯।୧୧(ଡି.ଏନ.ଏ.)**

ସରକାର ଶିକ୍ଷାର ଭିତ୍ତିଭୂମି ଓ ଶିକ୍ଷାଦାନକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ବିଦ୍ୟାଳୟରେ ଛାତ୍ରୀଛାତ୍ର ଗୁଣାତ୍ମକ ଶିକ୍ଷା ଗ୍ରହଣ କରିବା କ୍ଷେତ୍ରରେ ସରକାରଙ୍କ ତରଫରୁ ବିପୁଳ ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ବରୀ ବ୍ଲକ୍ ବାଲିବିଲ ପଞ୍ଚାୟତ ଅନ୍ତର୍ଗତ କୋରଡ଼ାପିପଲ ସରକାରୀ ନିମ୍ନମୌଳିକ ବିଦ୍ୟାଳୟରେ ଏହାର ବ୍ୟତୀକ୍ରମ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ମୋଟ୍ ୭୯ ଛାତ୍ରୀଛାତ୍ର ଅଧ୍ୟୟନରତ ଅଛନ୍ତି। ହେଲେ ସେମାନଙ୍କୁ ଶିକ୍ଷାଦାନ କରିବା ପାଇଁ ୩ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଥିବାବେଳେ ମାତ୍ର ୨ ଶିକ୍ଷୟିତ୍ରୀ ରହିଛନ୍ତି। ସେଥିମଧ୍ୟରୁ ଜଣେ ଶିକ୍ଷୟିତ୍ରୀ ଏବେ ଭୁବନେଶ୍ୱରରେ ଚାଲିଥିବା ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଅନ୍ୟ ଜଣେ ଶିକ୍ଷୟିତ୍ରୀ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଫଳରେ ଏଠାରେ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ତେଣୁ ତୁରନ୍ତ ଏଠାରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଅନ୍ୟପକ୍ଷରେ ବରୀ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ନେଇ ବିଧାୟିକା ସୁନନ୍ଦା ଦାସଙ୍କ ନିକଟରେ ଅଭିଯୋଗ ପହଞ୍ଚିବା ପରେ ସେ ବରୀ ମଣ୍ଡଳ ଶିକ୍ଷାଧିକାରୀଙ୍କ ସହ ଗତ ୧୭ ତାରିଖରେ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ଯେଉଁ ବିଦ୍ୟାଳୟରେ କମ୍ ଛାତ୍ରୀଛାତ୍ର ଓ ଅଧିକ ଶିକ୍ଷୟିତ୍ରୀଶିକ୍ଷକ ନିଯୁକ୍ତ ହୋଇଛନ୍ତି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତେଣୁ ଯେଉଁ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ତୁଳନାରେ କମ୍ ଶିକ୍ଷୟିତ୍ରୀଶିକ୍ଷକ ଅଛନ୍ତି ସେହି ବିଦ୍ୟାଳୟଗୁଡ଼ିକରେ ତୁରନ୍ତ ଆବଶ୍ୟକ ଶିକ୍ଷକ ନିଯୁକ୍ତି କରିବାକୁ ବିଧାୟିକା ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବରୀ ଶିକ୍ଷା ମଣ୍ଡଳ ଅଧିକାରୀ ବିଭିନ୍ନ ବିଦ୍ୟାଳୟକୁ ୫ ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ବଦଳି ନିର୍ଦ୍ଦେଶ ଦେବା ପରେ ସେମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ତେବେ ବାଲିବିଲ ପଞ୍ଚାୟତର ନିମ୍ନମୌଳିକ ବିଦ୍ୟାଳୟଟି କୋରଡ଼ାପିପଳ ରାଜସ୍ୱ ଗ୍ରାମରେ ଅବସ୍ଥିତ ଥିବା ବେଳେ ବର୍ତ୍ତମାନର ସରପଞ୍ଚ, ସମିତିସଭ୍ୟ ଓ ୨୪ ନଂ. ଜିଲା ପରିଷଦ ସଭ୍ୟ ମଧ୍ୟ ଏହି ରାଜସ୍ୱ ଗ୍ରାମର। ହେଲେ ସେମାନେ ଏହି ବିଦ୍ୟାଳୟର ଶିକ୍ଷାଦାନ ପ୍ରତି ଗୁରତ୍ୱ ନ ଦେବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଆମେ ଦୁଇ ଜଣ ଶିକ୍ଷୟିତ୍ରୀ ଏହି ବିଦ୍ୟାଳୟରେ କାର୍ଯ୍ୟରତ ଅଛୁ। ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅନୁଯାୟୀ ସେମାନଙ୍କୁ ଦୁଇ ଶିକ୍ଷୟିତ୍ରୀ ଶିକ୍ଷାଦାନ କରିବା ସମ୍ଭବ ହୋଇପାରୁନାହିଁ। ବରୀ ଶିକ୍ଷା ମଣ୍ଡଳ ଅଧିକାରୀ ଗୁରୁଚରଣ ଷଡ଼ଙ୍ଗୀଙ୍କୁ ପଚାରିବାରେ ସେ କୁହନ୍ତି, ଅଭିଯୋଗ ମିଳିଛି। ଖୁବ୍‌ଶୀଘ୍ର ଉକ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କରାଯିବ।

## ସଂକ୍ଷେପରେ

### ଗାନ୍ଧିବାଦୀ ନେତା ଗୋଲେକ ଦାସ ବିୟୋଗ



କେନ୍ଦ୍ରାପଡ଼ା ଅଫିସ, ୨୯।୧୧: ଭୂଦାନ ଆନ୍ଦୋଳନର ପୁରୋଧା ବିନୋବା ଭାବେଙ୍କ ସହଯୋଗୀ ତଥା ଗାନ୍ଧିବାଦୀ ନେତା ଗୋଲେକ ଦାସ (୮୯)ଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ଏହି ଖବର ପ୍ରସାରିତ ପରେ କେନ୍ଦ୍ରାପଡ଼ା ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳୀ ଦେଇଛନ୍ତି। ସ୍ୱର୍ଗତ ଦାସ ଦେଶ ସ୍ୱାଧୀନ ପରେ ମଧୁବାବୁଙ୍କ ସତ୍ୟଭାମାପୁର ଗାଁରେ କସ୍ତୁରବା ବାଳାଶ୍ରମର ତତ୍ତ୍ୱାବଧାନରେ ଥିଲେ। ଏହି ସମୟରେ ସେ ଗୋପବନ୍ଧୁ ଚୌଧୁରୀଙ୍କ ସହ ମିଶି ଓଡ଼ିଶାରେ ସର୍ବୋଦୟ କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ଏଥିସହ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନର ସକ୍ରୀୟ ସହଯୋଗୀ ଭାବେ କାର୍ଯ୍ୟ କରିଥିଲେ। ସ୍ୱର୍ଗତ ଦାସଙ୍କ ମରଶରୀରକୁ ଜନ୍ମସ୍ଥାନ କେନ୍ଦ୍ରାପଡ଼ା ବ୍ଲକ ଧୂମାତ ଗ୍ରାମ ଶ୍ମଶାନକୁ ଅଣାଯାଇ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି।

### ଆଖିବୁଜିଲା ଶିଶୁକନ୍ୟା

ବୈଶିଙ୍ଗା,୨୯।୧୧(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳର ଜଣେ କୁଆଁରୀ ମା'ଙ୍କଠାରୁ ଜନ୍ମ ନେଇଥିବା ୨ ମାସର ଶିଶୁ କନ୍ୟା ସୋମବାର ଆଖିବୁଜିଛି। ପରିବାର ଲୋକଙ୍କ ଅବହେଳାରୁ ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ସୂଚନା ଅନୁଯାୟୀ, ବେତନଟୀ ଥାନା ଅଞ୍ଚଳର ଜଣେ ନାବାଳକ ବୈଶିଙ୍ଗା ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଶାରିରୀକ ସମ୍ପର୍କ ରଖି ଆସୁଥିଲେ। ପରବର୍ତ୍ତୀ ସମୟରେ ନାବାଳିକା ଜଣକ ୬ ମାସର ଗର୍ଭବତୀ ହୋଇଥିବା ଜାଣିପାରି ନାବାଳକ ଜଣକ ଧରାଛୁଆଁ ଦେଇ ନ ଥିଲେ। ଏ ସଂକ୍ରାନ୍ତରେ ନାବାଳିକାଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତି କରି ବୈଶିଙ୍ଗା ପୋଲିସ ଏକ ମାମଲା(ନଂ.୨୫୦/୨୨)ରୁଜୁ କରି ସମ୍ପୃକ୍ତ ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ହାଜର କରାଇଥିଲା। ନାବାଳିକାଙ୍କୁ ୱାନ୍ ଷ୍ଟପ୍ ସେଣ୍ଟରକୁ ପଠାଇ ଦିଆଯାଇଥିଲା। କିଛି ଦିନ ପରେ ବାରିପଦାସ୍ଥିତ ମୁଖ୍ୟ ଚିକିତ୍ସାଳୟରେ ନାବାଳିକା ଜଣକ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ପରିବାର ଲୋକେ ନାବାଳିକା ଏବଂ ତାଙ୍କ କନ୍ୟା ସନ୍ତାନକୁ ଘରକୁ ନେଇ ଆସିଥିଲେ। ମାତ୍ର ଆର୍ଥିକ ଚାପଗ୍ରସ୍ତ ଯୋଗୁ ନାବାଳିକା ଜଣକ ତାଙ୍କ ଶିଶୁକନ୍ୟାଙ୍କୁ ନୀଳଗିରି ଅଞ୍ଚଳର ଜଣେ ସମ୍ପର୍କୀୟଙ୍କୁ ଦେଇ ଦେଇଥିଲେ। ପରବର୍ତ୍ତୀ ସମୟରେ ସୁଧାର ଗୃହରେ ଥିବା ନାବାଳକ ଜଣକ ବିବାହ କରିବା ନେଇ ପ୍ରତିଶ୍ରୁତି ଦେବା ପରେ ନାବାଳିକାଙ୍କ ପରିବାର ଲୋକେ କୋର୍ଟରୁ ମାମଲା ପ୍ରତ୍ୟାହାର କରି ନେଇଥିଲେ। ତେବେ ସୋମବାର ଶିଶୁକନ୍ୟାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ଚିକିତ୍ସା ପାଇଁ ବୈଶିଙ୍ଗା ଡାକ୍ତରଖାନାକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ସୂଚନା ମିଳିଛି।

# ତଦନ୍ତ, କ୍ଷତିପୂରଣ ପାଇଁ ଏନ୍ଏଚ୍ଆର୍ସିରେ ଅଭିଯୋଗ

## ବାଲିଆ ବାଣ ବିସ୍ଫୋରଣ ଘଟଣା

କେନ୍ଦ୍ରାପଡ଼ା ଅଫିସ/ଡେରାବିଶ, ୨୯।୧୧(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ବାଲିଆଠାରେ ବାଣ ବିସ୍ଫୋରଣ ଘଟଣା ଏବେ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍ସି)ରେ ପହଞ୍ଚିଛି। କେନ୍ଦ୍ରାପଡ଼ା ବ୍ଲକ କଂସାର ପଞ୍ଚାୟତ ଏଣ୍ଡର ଗାଁର ସାଗର ଜେନା ଏ ସମ୍ପର୍କରେ ଏନ୍ଏଚ୍ଆର୍ସିରେ ସୋମବାର ଅଭିଯୋଗ (ନଂ.୧୯୯୧୭/୨୨) କରିଛନ୍ତି। ଏଥିରେ ପ୍ରତି ମୃତକଙ୍କୁ ୨୦ ଲକ୍ଷ ଟଙ୍କା, ଗୁରୁତରଙ୍କୁ ୧୦ ଲକ୍ଷ ଓ ଆହତଙ୍କୁ ୨ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଦାବି କରିଛନ୍ତି। ଏଥିସହ ଓଡ଼ିଶା ପୋଲିସ ସହ ମାନବିକ କମିଶନରଙ୍କ ସ୍ୱତନ୍ତ୍ର ଟିମ୍ ତଦନ୍ତ ପାଇଁ ଆବେଦନ କରିଛନ୍ତି।

ଏ ସମ୍ପର୍କରେ ଅଭିଯୋଗକାରୀ ସାଗର କହିଛନ୍ତି, ଗତ ୨୩ ତାରିଖରେ ସଦର ଥାନା ଅନ୍ତର୍ଗତ ବାଲିଆ ବଜାରର କାର୍ତ୍ତିକେଶ୍ୱର ମେଢ଼ର ଭସାଣି ଉତ୍ସବ ଥିଲା। ସ୍ଥାନୀୟ ଅଞ୍ଚଳର ମେଢ଼ଗୁଡିକର ମେଳଣ ସହ ବାଣ ପ୍ରତିଯୋଗିତା ଓ ଡିଜେ ବାଜୁଥିଲା। ପ୍ରାୟ ୧୦ ହଜାର ଜନସମାଗମ ହୋଇଥିବା ବେଳେ ଏଠାରେ ଥିବା ଜାତୀୟ ରାଜପଥକୁ ପ୍ରାୟ ୩ ଘଣ୍ଟା ଧରି ଅବରୋଧ କରାଯାଇଥିଲା। ଏପରି ଉତ୍ସବ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଥିବା ବେଳେ ତତ୍କାଳୀନ ସମସ୍ୟାର ସମାଧାନ ପାଇଁ ବ୍ୟବସ୍ଥା ନ ଥିଲା। ଜନସମାଗମକୁ ଦୃଷ୍ଟିରେ ରଖି ଅନ୍ୟୂନ ଜଣେ ମାଜିଷ୍ଟ୍ରେଟ ମୁତୟନ ହେବା କଥା। ସେହିପରି ପର୍ଯ୍ୟାପ୍ତ ପୋଲିସ ପ୍ରଶାସନ ଆଇନ ଶୃଙ୍ଖଳା ରକ୍ଷା କରି ପାରିଥାନ୍ତେ। ତେବେ ଡିଜେ ଓ ବାଣ ପ୍ରତିଯୋଗିତା ମଧ୍ୟରେ ଚାଲିଥିବା ଏହି ଉତ୍ସବ ରାତି ୯ଟା ବେଳେ ଦୁଃଖଦ ପରିସ୍ଥିତି ସୃଷ୍ଟି କରିଥିଲା। ବାଣ ନିଆଁରୁ ଝୁଲ ବାହାରି ଗଚ୍ଛିତ ବାଣ ଉପରେ ପଡି ବିସ୍ଫୋରିତ ହୋଇଥିଲା। ଏହି ଘଟଣାରେ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୪୦ ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ଼ ମେଡିକାଲ(ଏସ୍ସିବି)କୁ ସ୍ଥାନାନ୍ତର ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅଦ୍ୟାବଧି ୨ ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ଏହା ସ୍ଥାନୀୟ ଅଞ୍ଚଳରେ ବିଷାଦମୟ ପରିସ୍ଥିତି ୭ଦିନ ଧରି ସୃଷ୍ଟି କରିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଏଯାବତ କୌଣସି ଦୁଃଖ ପ୍ରକାଶ କରିନାହାନ୍ତି। ଅପରପକ୍ଷରେ ପ୍ରଶାସନ ପକ୍ଷରୁ ହୋଇଥିବା ତ୍ରୁଟିର ସମୀକ୍ଷା କରିନାହାନ୍ତି। ଗୁରୁତରଙ୍କ ପରିବାରର ମାନବିକ ଅଧିକାର ଏଠାରେ ନଷ୍ଟ ହୋଇଥିଲେ ମଧ୍ୟ କ୍ଷତିପୂରଣ ବାବଦରେ କୌଣସି ଘୋଷଣା ହୋଇନାହିଁ। ଓଡ଼ିଶା ପୋଲିସ ଓ ମାନବିକ ଅଧିକାର କମିଶନରଙ୍କ ସ୍ୱତନ୍ତ୍ର ଟିମ୍ ଘଟଣାର ତଦନ୍ତ କରି କ୍ଷତିପୂରଣ ଦେବାକୁ ଅଭିଯୋଗ ହୋଇଥିବା ସେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ବାଲିଆ ବଜାରର ବ୍ୟବସାୟୀ ମଙ୍ଗଳବାର କେନ୍ଦ୍ରାପଡ଼ା ତହସିଲଦାରଙ୍କୁ ଏକ ଦାବିପତ୍ର ଦେଇ କ୍ଷତିପୂରଣ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନକାରୀ ସଞ୍ଜୟ କୁମାର ସାହୁ, ଉମେଶ ଚନ୍ଦ୍ର ପ୍ରଧାନ, ବୈଷ୍ଣବ ଚରଣ ବସନ୍ତିଆ ପ୍ରମୁଖ କହିଛନ୍ତି ଯେ, ବାଲିଆ ବଜାରରେ କ୍ଷୁଦ୍ର ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲୁ। ଗତ ୨୩ ତାରିଖ ବାଣ ବିସ୍ଫୋରଣ ଘଟଣାରେ ତାଙ୍କର ବ୍ୟବସାୟ ଅନୁଷ୍ଠାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। କ୍ଷତିପୂରଣ ନ ମିଳିଲେ ଅନାହାରରେ ସେମାନଙ୍କ ପରିବାର ରହିବେ।



ଜବତ ଟ୍ରଲର ସହ ଗିରଫ ମତ୍ସ୍ୟଜୀବୀ।

# ୧ ଟ୍ରଲର ଜବତ, ୯ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୨୯।୧୧(ଡି.ଏନ୍.ଏ.)

ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଅନ୍ତର୍ଜାତୀୟ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ୍ ମଙ୍ଗଳବାର ଗୋଟିଏ ଟ୍ରଲରକୁ ଜବତ କରିବା ସହ ଏଥିରେ ଥିବା ୯ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନେତୃତ୍ୱରେ ଫରେଷ୍ଟର ନବୀନ କୁମାର ମଲ୍ଲିକ ଓ ବନ କର୍ମଚାରୀମାନେ ଗଭୀର ସମୁଦ୍ରରେ ପଇଁତରା ମାରୁଥିବା ବେଳେ ଏକକୂଳାରୁ ୬ କିମି ଦୂରରେ ବେଆଇନ ଭାବେ ମାଛ ମାରୁଥିବା ମା'ଯମୁନା-୧ ନାମକ ଟ୍ରଲରକୁ ପାଟ୍ରୋଲିଂ ଟିମ୍ କାବୁ କରିଥିଲା। ଏହି ଟ୍ରଲରରେ ଥିବା ମତ୍ସ୍ୟଜୀବୀ ରଞ୍ଜିତ ମାଇତି, ମିଥୁନ ଜେନା, ସୁରେନ୍ଦ୍ର ଦାସ, ଭବେଶ ବେରା, ସୁଧୀର କୁମାର ସାଆନ୍ତରା, ଲକ୍ଷବଛ ପାତ୍ର, ଶୁକଦେବ ମିସ୍ତ୍ରି, ଝାଡ଼େଶ୍ୱର ମଣ୍ଡଳ, ଝାଡ଼େଶ୍ୱର ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଟ୍ରଲରରେ ଥିବା ୨ଟି ଜିପିଏସ୍, ୩ଟି ଭିଏଚ୍ଏଫ୍, ୧୫ଟି ଟ୍ରଲିଂ ନେଟ ଓ ୫୦ କେଜି ମାଛ ଜବତ କରାଯାଇଛି। ବନ ବିଭାଗ ପକ୍ଷରୁ ଚଳିତବର୍ଷ ମଙ୍ଗଳବାର ସୁଦ୍ଧା ୫ଟି ଟ୍ରଲର ଜବତ କରାଯାଇ ସାରିଲାଣି।



ପେଣ୍ଠଠାରେ ଇକୋ ରିଟ୍ରିଟ୍ ଖୋଲିବା ଲଗି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ।

# ଡିସେମ୍ବର ୧ରୁ ଇକୋ ରିଟ୍ରିଟ୍

## ସମୀକ୍ଷା କଲେ ଜିଲାପାଳ

ରାଜନଗର, ୨୯।୧୧(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଭିତରକନିକାର ପେଣ୍ଠଠାରେ ଚଳିତବର୍ଷ ଇକୋ ରିଟ୍ରିଟ୍ ଅନୁଷ୍ଠିତ ହେଉଛି। ଇକୋ ରିଟ୍ରିଟ୍ ଯେପରି ସଫଳ ହେବ, ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ଭିତରକନିକାର ଇକୋ ରିଟ୍ରିଟ୍‌କୁ ଆସିବାକୁ ବୁକିଂ କରିଥିବା ଓ ଇଚ୍ଛା କରିଥିବା ପର୍ଯ୍ୟଟକ ଯେପରି ସକାରାତ୍ମକ ଓ ନିଆରା ଅନୁଭୂତି ନେଇ ଫେରିବେ, ସେଥିପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ଡିସେମ୍ବର ୧ରେ ପେଣ୍ଠଠାରେ ଇକୋ ରିଟ୍ରିଟ୍ ଉଦ୍‌ଘାଟନ ହେବ ବୋଲି ଉପଜିଲାପାଳ ନିରଞ୍ଜନ ବେହେରା ସୂଚନା ଦେଇଛନ୍ତି।

ଭିତରକନିକାରେ ଏବେ ଚାଲିଛି ପର୍ଯ୍ୟଟନ ଋତୁ। ପ୍ରକୃତିପ୍ରେମୀ ପର୍ଯ୍ୟଟକମାନେ ଭିତରକନିକା ପରିଭ୍ରମଣ ଓ ଜଳଯାତ୍ରା କରିବାକୁ ପସନ୍ଦ କରିଥା'ନ୍ତି। ଇକୋ ରିଟ୍ରିଟ୍‌ରେ ରହିବାକୁ ବୁକିଂ କରିଥିବା ପର୍ଯ୍ୟଟକଙ୍କୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଜଳପଥ ଓ ସ୍ଥଳପଥରେ ଭିତରକନିକା ପରିଭ୍ରମଣର ସୁଯୋଗ ଦିଆଯିବ। ଦିନରେ ଭିତରକନିକାର ଶୋଭା ଅନୁଭବ କରିବେ ଓ ରାତିରେ ବିଳାସପୂର୍ଣ୍ଣ କଟେଜରେ ରହିବା ସହ ନାଚଗୀତର ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେବେ। ଇକୋ ରିଟ୍ରିଟ୍ ସ୍ଥଳରେ ଭାସମାନ ରେସ୍ତୋରାଁରେ ଜଳପାନଠୁଁ ଆରମ୍ଭ କରି ଯୋଗ କରିବାର ନିଆରା ଅନୁଭୂତି ସାଉଁଟିବେ। ପେଣ୍ଠ ବେଳାଭୂମି ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିଥାଏ। ବେଳାଭୂମିର ଶୋଭା ସହ ଭିତରକନିକାର ଶୋଭା ଉପଭୋଗ ପାଇଁ ପେଣ୍ଠରେ ଗତବର୍ଷଠାରୁ ଚଳିତବର୍ଷ ଇକୋ ରିଟ୍ରିଟ ଆୟୋଜନ କରାଯାଇଛି। ଇକୋ ରିଟ୍ରିଟ୍ ସ୍ଥଳରେ ଚଳିତବର୍ଷ ୩୦ଟି କଟେଜ୍‌ର ବ୍ୟବସ୍ଥା କରାଯାଇଛି। କଟେଜ୍‌ଗୁଡିକ ବିଳାସପୂର୍ଣ୍ଣ କରାଯାଇଛି। ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅପରପକ୍ଷରେ ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ ପେଣ୍ଠ ଇକୋ ରିଟ୍ରିଟ ସ୍ଥଳରେ ପହଞ୍ଚି ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲାପାଳଙ୍କ ସହ ଉପଜିଲାପାଳ ଶ୍ରୀବେହେରା, ଏଡିଏମ୍, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ଆଇଆଇସି ଶ୍ରୀକାନ୍ତ କୁମାର ବାରିକଙ୍କ ସହିତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗ ଦେଇଥିଲେ। କେଉଁ କାମ ସରିଛି, କେଉଁ କାମ ବାକି ଅଛି, କାହାର କାମ ବାକି ଅଛି ସେ ନେଇ ସମୀକ୍ଷା କରିଥିଲେ। ବୁଧବାର ସୁଦ୍ଧା ସମସ୍ତ କାର୍ଯ୍ୟ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ସନାତନ ଧର୍ମ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ରାଜନଗର, ୨୯।୧୧(ଡି.ଏନ.ଏ.): ଠାକୁର ଶ୍ରୀ ଶ୍ରୀଅଭିରାମ ପରମହଂସ ଦେବଙ୍କ ୫୩ତମ ବାର୍ଷିକ ସନାତନ ଧର୍ମ ସମ୍ମିଳନୀ ୨୦୨୩ ମାର୍ଚ୍ଚ ୧୭, ୧୮, ୧୯ ତାରିଖରେ ଅନୁଷ୍ଠିତ ହେବ। ଭିତରକନିକା ଅଭୟାରଣ୍ୟ ନିକଟ ଡାଙ୍ଗମାଳ, ଖମାରସାହି ଓ କୃଷ୍ଣନଗର ପଞ୍ଚାୟତବାସୀଙ୍କ ସହଯୋଗରେ ଏହି ସନାତନ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହେବ। ସେବକ ଅଭୟ ଦାସଙ୍କ ଆବାହକତ୍ୱରେ ଗତ ୨୩ ତାରିଖରେ ପ୍ରସ୍ତୁତି ବୈଠକ ମା'ଜୟଦୁର୍ଗାଙ୍କ ପୀଠରେ ହୋଇଥିଲା। ସୋମବାର ମା' ମାଟିଆ ମଙ୍ଗଳାଙ୍କ ପୀଠରେ ଆଞ୍ଚଳିକ ଭକ୍ତ ଗୋଷ୍ଠୀ ଓ ୩ ପଞ୍ଚାୟତର ମୁରବୀଙ୍କୁ ନେଇ ଆଙ୍ଗାମାଳ ଉତ୍ସବ ହୋଇଯାଇଛି। ସମ୍ମିଳନୀକୁ କିପରି ସଫଳ ଭାବେ ଆୟୋଜିତ ହେବ, ସେ ନେଇ ବିଭିନ୍ନ ପ୍ରସ୍ତାବମାନ ଗ୍ରହଣ କରାଯାଇଛି। କାର୍ଯ୍ୟକ୍ରମକୁ ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀର ଅନନ୍ତ ଚରଣ ମହାନ୍ତି, ଅନ୍ତର୍ଯ୍ୟାମୀ ପରିଡା ପ୍ରମୁଖ ଭକ୍ତ ମଣ୍ଡଳୀ ପରିଚାଳନା କରିଥିଲେ।

# ମୋ ସ୍କୁଲ ଅଭିଯାନରେ ବିଦ୍ୟାଳୟ ପାଚେରି ନିର୍ମାଣ ଆରମ୍ଭ

ଆଳି,୨୯।୧୧(ଡି.ଏନ. ଏ.)

ଆଳି ବ୍ଲକ ଅନ୍ତର୍ଗତ କଳସପୁର ପଞ୍ଚାୟତରେ ଥିବା ଅଞ୍ଚଳର ସର୍ବପୁରାତନ ଉଚ୍ଚ ପ୍ରାଥମିକ ଶିକ୍ଷାନୁଷ୍ଠାନ କଳସପୁରରସ୍ଥ ଲକ୍ଷ୍ମୀବରାହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏଥି ଭିତରେ ୭୦ ବର୍ଷ ଅତିକ୍ରମ କରି ସାରିଛି। ବିଦ୍ୟାଳୟର ଛାତ୍ରୀଛାତ୍ର ଏବେ ଦେଶ ବିଦେଶରେ ରହି ମଧ୍ୟ ନିଜର ଉପସ୍ଥିତି ଯାହାରି କରିପାରିଛନ୍ତି। ଏହି ଛାତ୍ରୀଛାତ୍ରମାନେ ମୋ ସ୍କୁଲ ଅଭିଯାନ ଅନ୍ତର୍ଗତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପୂର୍ବକ ଅର୍ଥ ଦାନ କରି ସମ୍ପ୍ରତି ଏହାର ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଏକ ଉତ୍ସବରେ ସ୍କୁଲର ପୁରାତନ ଛାତ୍ର ଡା. ଧରଣୀଧର ପାଣ୍ଡବ ନିର୍ମାଣର ଭିତ୍ତିପ୍ରସ୍ତରର ଶୁଭାରମ୍ଭ କରିଥିଲେ। ତାଙ୍କ ପରେ କଥାକାର ତଥା ପି.ଏନ.ଏସ୍.ର ଅଧକ୍ଷ ପ୍ରଫେସର ଜ୍ଞାନରଞ୍ଜନ ନାୟକ, ସ୍କୁଲର ପୁରାତନ ଶିକ୍ଷକ ବନମାଳୀ ନାୟକ, ଧରଣୀଧର ବେହେରା, ଶୈଳେନ୍ଦ୍ରନାଥ ଦାସ ବର୍ତ୍ତମାନର ପ୍ରଧାନ ଶିକ୍ଷକ ରମାକାନ୍ତ ମିଶ୍ର, ଶିକ୍ଷକ ସରୋଜ କୁମାର ଦାସ, ଅମୂଲ୍ୟ କୁମାର ବେହେରା, ସରପଞ୍ଚ ସୁଧୀର ମଳିକ ଏବଂ ପଲାଇ, ଉଦ୍ୟୋଗପତି ଗୋଲକ ଚନ୍ଦ୍ର ଦାସ, ଚୈତନ୍ୟ ପ୍ରସାଦ ଦାସ ପ୍ରମୁଖ ଯୋଗଦାନ କରିଥିଲେ। ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥିର କରାଗଲା ଯେ, ବିଦ୍ୟାଳୟର ଅଧିକ ଉନ୍ନତି ପାଇଁ ଡିସେମ୍ବର ୩୦, ୨୦୨୨ରେ ସ୍କୁଲ ପରିସରରେ ପୁରାତନ ଛାତ୍ରୀଛାତ୍ରଙ୍କର ଏକ ସାମୂହିକ ବୈଠକ କରାଯିବ।



ସ୍କୁଲ ପାଚେରି ନିର୍ମାଣ ଲାଗି ଶୁଭ ଦିଆଯାଉଛି।

# ଓଡ଼ିଆ ନବବର୍ଷଠାରୁ ଶ୍ରୀବଳଦେବଜୀଉ ପାଞ୍ଜି



ବୈଠକରେ ଯୋଗ ଦେଇଥିବା ଆଲୋଚକମାନେ।

କେନ୍ଦ୍ରାପଡ଼ା ଅଫିସ, ୨୯।୧୧

ଆସନ୍ତା ଓଡ଼ିଆ ନବବର୍ଷଠାରୁ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କ ପାଞ୍ଜି ପ୍ରଚଳନ ହେବ। ଏଥିପାଇଁ ଇଣ୍ଟର ନ୍ୟାଶନାଲ ଏକାଡେମୀ ଅଫ ଇଣ୍ଡିଆନ ଷ୍ଟଡିଜର ଓଡ଼ିଶା ଶାଖା ଅଧକ୍ଷ ତଥା ସ୍ତମ୍ଭକାର ଶ୍ରୀରାମ ଦାଶଙ୍କ ଆବାହକତ୍ୱରେ ଏକ ପ୍ରସ୍ତୁତି ବୈଠକ ଇଚ୍ଛାପୁରସ୍ଥ ଯାତ୍ରୀ ନିବାସରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ସର୍ବେଶ୍ୱର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀବଳଦେବଜୀଉ ପାଞ୍ଜି ପ୍ରକାଶନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଦେବୋତ୍ତର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ବଡପଣ୍ଡା ମାଧବ ଚନ୍ଦ୍ର ପତ୍ରୀ, ଚୌଧୁରୀ ରମାକାନ୍ତ ଦାସ, ନିରଞ୍ଜନ ମେକାପ, ଡ. ସର୍ବେଶ୍ୱର ସେଣ, ପଣ୍ଡିତ ଭ୍ରମରବର ନନ୍ଦ, ବସନ୍ତ କୁମାର ଦାଶ, ଭରତ ଚରଣ ଦାସ, ପୀତାମ୍ବର ମହାନ୍ତି, ହେମନ୍ତ ଜେନା ପ୍ରମୁଖ ଏଥିରେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଭାଣିଜୀଙ୍କୁ ବଞ୍ଚାଇବାକୁ ଯାଇ ମାମୁ ସଂଘବଦ୍ଧ ଆକ୍ରମଣର ଶିକାର

ରାଜନଗର, ୨୯।୧୧(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅନ୍ତର୍ଗତ ଈଶ୍ୱରପୁର ପଞ୍ଚାୟତ ରିଘାଗଡ଼ ଗାଁରେ ଶାଶୁଘର ଲୋକେ ମିଳିମିଶି ନବବଧୂଙ୍କୁ ଆକ୍ରମଣ କରି ହତ୍ୟା ଉଦ୍ୟମ କରୁଥିଲେ। ନବବଧୂ (ଭାଣିଜୀ)ଙ୍କୁ ସେମାନଙ୍କ କବଳରୁ ମାମୁ ବଞ୍ଚାଇଥିଲେ। ଏହି ରାଗରେ ସୋମବାର ରାତିଅଧରେ ଭଡ଼ାଟିଆ ଗୁଣ୍ଡାଙ୍କ ମାଧ୍ୟମରେ ମାମୁଙ୍କ ପରିବାର ଉପରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଏହି ଘଟଣାରେ ୫ଜଣ ଗୁରୁତର ଆହତ ହୋଇଛନ୍ତି। ଆକ୍ରମଣକାରୀମାନେ ଶ୍ରୀଧର ପୋଥାଳଙ୍କ ବେକ କାଟିବା ସହ ତାଙ୍କ କାନମୁଣ୍ଡା ଓ ହାତ ଆଙ୍ଗୁଠିକୁ ଖଣ୍ଡାରେ ହାଣିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଏ ନେଇ ଥାନାରେ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଛି।

ଈଶ୍ୱରପୁର ପଞ୍ଚାୟତ ରିଘାଗଡ଼ ଗାଁର ସଞ୍ଜୟ ସାହୁଙ୍କ ସ୍ତ୍ରୀ ମାମିନାଙ୍କୁ ତାଙ୍କ ଶାଶୁ ଲକ୍ଷ୍ମୀପ୍ରିୟା, ବିବାହିତା ନଣନ୍ଦ ମମତା, ରଶ୍ମିତା, ସସ୍ମିତା, ବନ୍ଦିତା ମିଳିମିଶି ସୋମବାର ରାତିରେ ଗାଁ ଦାଣ୍ଡରେ ଚୁଟିକୁ ଘୋଷାଡ଼ି ମାଡ଼ ମାରିବା ସହ ଗୋଇଠା, ବିଧା ମାରିଥିଲେ। ବାଡ଼ ଉପାଡ଼ି କାଠଫାଳିଆରେ ପିଟିଥିଲେ ଓ ତଣ୍ଟିଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ମାମିନା ସେମାନଙ୍କ କବଳରୁ ଖସିଆସି ସେହି ଗାଁରେ ତାଙ୍କ ମାମୁଘରେ ପହଞ୍ଚିଥିଲେ। ରକ୍ତାକ୍ତ ଅବସ୍ଥାରେ ତାଙ୍କ ଭାଣିଜୀକୁ ଦେଖି ମାମୁ ଶ୍ରୀଧର ଶାଶୁଘର ଲୋକଙ୍କୁ ପଚାରିଥିଲେ। ପଚାରିବା ସମୟରେ ଶାଶୁଘର ଲୋକେ ଶ୍ରୀଧରଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ରାତିରେ ମାମିନା ରାଜନଗର ଥାନାରେ ପହଞ୍ଚି ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ରାତି ପ୍ରାୟ ୨ଟାରେ ୩ଟି ନମ୍ବରବିହୀନ ବୋଲେରୋ ଗାଡ଼ିରେ ୧୨ରୁ ୧୪ଜଣ ଖଣ୍ଡା, ଭୁଜାଲି, ରଡ଼ ଧରି ଆସି ମାମିନାଙ୍କ ମାମୁ ଶ୍ରୀଧରଙ୍କ କବାଟ ବାଡ଼େଇଥିଲେ। ହେଲେ ଶ୍ରୀଧର କବାଟ ନ ଖୋଲିବାରୁ ସେମାନେ କବାଟ ଭାଙ୍ଗି ଘର ଭିତରେ ପଶିଥିଲେ। ଶ୍ରୀଧରଙ୍କୁ ଭୁଜାଲି ଓ ରଡ଼ରେ ଆକ୍ରମଣ କରିଥିଲେ। ଶ୍ରୀଧରଙ୍କ ବେକକୁ ଭୁଜାଲିରେ କାଟିବା ସହ ତାଙ୍କ କାନମୁଣ୍ଡା, ଗୋଡ଼, ହାତକୁ ହାଣିଥିଲେ। ଶ୍ରୀଧରଙ୍କ ସ୍ତ୍ରୀ ମନୋରମାଙ୍କୁ ଲୁହାରଡ଼ରେ ପିଟିଥିଲେ। ତାଙ୍କ ମୁଣ୍ଡ, ପିଠି, ହାତରେ ଗଭୀର କ୍ଷତ ରହିଛି। ଶ୍ରୀଧରଙ୍କ ପୁଅ ବାପି ଓ ବୋହୂ ଅନସୂୟା ଆସିଯିବାରୁ ତାଙ୍କୁ ଲୁହାରଡ଼, ଭୁଜାଲିରେ ଆକ୍ରମଣ କରି ମୁଣ୍ଡ ଫଟାଇବା ସହ ଗାଲ, ଆଖି, ଛାତିରେ କ୍ଷତ କରିଛନ୍ତି। ଖବରପାଇ ଶ୍ରୀଧରଙ୍କ ବଡ଼ଭାଇ ଲକ୍ଷ୍ମୀଧର ଘଟଣାସ୍ଥଳରେ ପହଞ୍ଚି ୪ଜଣଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ୪ଜଣଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବୋହୂପୁଅ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରହିଛନ୍ତି। ଶ୍ରୀଧର ଓ ତାଙ୍କ ସ୍ତ୍ରୀ ମନୋରମାଙ୍କୁ କଟକ ବଡ଼ ମେଡିକାଲିକୁ ସ୍ଥାନାନ୍ତର କରାଯାଇଛି। ଶ୍ରୀଧରଙ୍କ ଭାଇ ଲକ୍ଷ୍ମୀଧର ରାଜନଗର ଥାନାରେ କରିଥିବା ଅଭିଯୋଗରେ ତାଙ୍କ ଭାଣିଜୀ ମାମିନାଙ୍କ ନଣନ୍ଦ ଓ ତାଙ୍କ ସ୍ୱାମୀମାନେ, ଶାଶୁଘର ଲୋକେ ଗୁଣ୍ଡା ଆଣି ଏପରି ମରଣାନ୍ତକ ଆକ୍ରମଣ କରିଛନ୍ତି ବୋଲି ଦର୍ଶାଇଛନ୍ତି। ଶ୍ରୀଧରଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଘଟଣା ପରେ ମାମିନାଙ୍କ ଶାଶୁଘର ଲୋକେ ଘରେ ତାଲା ପକାଇ କେଉଁଆଡ଼େ ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ଶ୍ରୀକାନ୍ତ କୁମାର ବାରିକ ସୂଚନା ଦେଇଛନ୍ତି। ଏନେଇ ଥାନାରେ ଭାଣିଜୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୪୧୧/୨୨ରେ ଓ ମାମୁ ଲକ୍ଷ୍ମୀଧରଙ୍କ ଅଭିଯୋଗକୁ ଭିତ୍ତିକରି ନଂ. ୪୧୨/୨୨ରେ ମାମଲା ରୁଜୁ ହୋଇଛି।





ଆକ୍ରମଣରେ ଆହତ ହୋଇଥିବା ୨ ଜଣ।

### ୫ ଗୁରୁତର, ୨ କଟକ ବଡମେଡିକାଲରେ ଭର୍ତ୍ତି

## ସଂକ୍ଷେପରେ

### ଘଣାଶାଳିଆ ଗଣ୍ଡଗୋଳ ଘଟଣା, ୩ ଜେଲ୍ ଗଲେ

ଖଣ୍ଡପଡ଼ା,୨୯।୧୧(ସ୍ୱ.ପ୍ର.)–ଖଣ୍ଡପଡ଼ା ଥାନା ଅଧୀନ ବାଣପୁର ପଞ୍ଚାୟତ ଘଣାଶାଳିଆ ଗ୍ରାମରେ ଗତ ଶନିବାର ୨ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା । ଏଥିରେ ରଞ୍ଜନ କୁମାର ପ୍ରଧାନ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଉଭୟ ପକ୍ଷ ପରସ୍ପରକୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିବା ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ପୋଲିସ ୨ ମାମଲା(ନଂ.୨୬୬ ଓ ୨୬୭/୨୨)ରୁଜୁ କରି ଗୋଟିଏ ପକ୍ଷର ମନୋଜ ବେହେରା ଓ ସରୋଜ ବେହେରାଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା । ସେହିପରି ଅନ୍ୟପକ୍ଷର ରଣଜିତ୍ ପ୍ରଧାନଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରାଯାଇଛି । କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ୩ ଜଣଙ୍କୁ ଖଣ୍ଡପଡା ଉପକାରାଗାରକୁ ପଠାଇ ଦିଆଯାଇଛି ବୋଲି ଆଇଆଇସି ରମେଶ କୁମାର ଦେବତା କହିଛନ୍ତି ।

### ବୁଲେଟ୍ ଧକ୍କାରେ ବୃଦ୍ଧ ମୃତ

ଖଣ୍ଡପଡ଼ା,୨୮।୧୧(ସ୍ୱ.ପ୍ର.)–ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି–କୋସକା ରାସ୍ତାର ବେଡାଙ୍କ ଗ୍ରାମ ନିକଟରେ ସୋମବାର ରାତି ପ୍ରାୟ ୧୦ଟା ସମୟରେ ଏକ ବୁଲେଟ୍ ଧକ୍କାରେ ସିଂଘାପଡା ପଞ୍ଚାୟତ ଖୁଣ୍ଟୁବନ୍ଧ ଗ୍ରାମର ସତ୍ୟଜିତ ନାଏକ(୬୪) ଗୁରୁତର ହୋଇଛନ୍ତି । ଆଶୁ ଚିକିତ୍ସା ନିମନ୍ତେ ତାଙ୍କୁ ପ୍ରଥମେ ଖଣ୍ଡପଡା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି । ଗଡିଆସାହି ଫାଣ୍ଡି ଅଧିକାରୀ ମନୋଜ କୁମାର ନାୟକ ବୁଲେଟ୍ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛନ୍ତି । ଏ ସଂକ୍ରାନ୍ତରେ ଖଣ୍ଡପଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

### ଫଟୋଗ୍ରାଫରଙ୍କ ପ୍ରଶିକ୍ଷଣ ଶିବିର

ନୟାଗଡ଼ ଅଫିସ,୨୯।୨୨–ନୟାଗଡ଼ ଜିଲା ଫଟୋଗ୍ରାଫର ଆସୋସିଏଶନ୍ ଓ ଫଟୋ ଗ୍ରାଫିକ୍ ଆସୋସିଏଶନ୍ ଅଫ୍ ଓଡ଼ିଶାର ମିଳିତ ଉଦ୍ୟମରେ ସୋମବାର ନିକନ କମ୍ପାନୀ ସହାୟତାରେ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ପ୍ରଶିକ୍ଷକଙ୍କ ମାଧ୍ୟମରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଜିଲାର ବୟୋଜ୍ୟେଷ୍ଠ ଫଟୋଗ୍ରାଫରମାନଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା । ନୂତନ ଜ୍ଞାନ କୌଶଳ ସହ ଅତ୍ୟାଧୁନିକ କ୍ୟାମେରା ଉପରେ ଆଲୋକପାତ କରାଯାଇଥିଲା । ଫଟୋ ଗ୍ରାଫିକ୍ ଆସୋସିଏଶନ୍ ଅଫ୍ ଓଡ଼ିଶାର ସହ–ସମ୍ପାଦକ ମିଥୁନ ଜେନା, ଫଟୋଗ୍ରାଫର ଆସୋସିଏଶନର ସୁରେନ୍ଦ୍ର ସାହୁ, ପାଣୁ ଚରଣ ଖଟେଇ, ବଳଭଦ୍ର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ । ସମସ୍ତ ଫଟୋଗ୍ରାଫରଙ୍କୁ ପ୍ରଶିକ୍ଷଣ ପରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

### ସ୍ୱାସ୍ଥ୍ୟ ସେବା ଶିବିର

ନୟାଗଡ଼ ଅଫିସ,୨୯।୧୧–ନୟାଗଡ଼ ବ୍ଲକ ଲେଙ୍କୁଡ଼ିପଡ଼ା ପଞ୍ଚାୟତରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବଡପଣ୍ଡୁସର ଆନୁକୂଲ୍ୟରେ ଏକ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ପୌରାଧ୍ୟକ୍ଷା ନିରୂପମା ଖଟାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସ୍ୱାସ୍ଥ୍ୟ ଶିବିରକୁ ଉଦଘାଟନ କରିଥିଲେ । ଲେଙ୍କୁଡ଼ିପଡା ସରପଞ୍ଚ ଆନନ୍ଦ ଚନ୍ଦ୍ର ବେହେରା ଓ କାଳିକାପ୍ରସାଦ ମେଡିକାଲ ଅଫିସର ଡ.ସୁବ୍ରତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଶିବିରରେ ମଧୁମେହ, ଉଚ୍ଚରକ୍ତଚାପ, ଟିବି, ମ୍ୟାଲେରିଆ,କୁଷ୍ଠ ଆଦି ରୋଗୀର ପରୀକ୍ଷା ସହ ଯୋଗ ଶିକ୍ଷା ଦିଆଯାଇଥିଲା । ଦୀପକ ଦଳବେହେରା,ବିଶ୍ୱରଞ୍ଜନ ସୁବୁଦ୍ଧି, କଲ୍ୟାଣୀ ସାହୁ, ବେଣୁଧର ଦାଶ,ଗୁଣନିଧି ରାଉତରାୟ,ସୁଚିତ୍ର ସ୍ୱାଇଁ,ସୌଦାମିନୀ ସ୍ୱାଇଁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

# ଧାନକିଣା,ଚାଷୀ ପଞ୍ଜୀକରଣରେ ଦୁର୍ନୀତି

- ୪ ବର୍ଷରେ ୧୧ କର୍ମଚାରୀ ନିଲମ୍ବିତ, ୫ ବହିଷ୍କୃତ
- ୩ ଜଣ ପୁନଃ ଅବସ୍ଥାପିତ, ଜଣଙ୍କ ମୃତ୍ୟୁ
- କାର୍ଯ୍ୟାନୁଷ୍ଠାନର ଛାଟ ରୋକିପାରୁନି ଅନିୟମିତତା

**ନୟାଗଡ଼ ଅଫିସ,୨୯।୧୧:** ନୟାଗଡ଼ ଜିଲାରେ ଧାନ କିଣା ଓ ଚାଷୀ ପଞ୍ଜୀକୃତରେ ଦୁର୍ନୀତି ବଢ଼ି ଚାଲିଛି । କେତେଜଣ କର୍ମଚାରୀ ଦୁର୍ନୀତିରେ ଛନ୍ଦି ହୋଇଥିଲେ ମଧ୍ୟ ଧରାଧରି କରି ଖସିଯିବାରେ ସକ୍ଷମ ହେଉଛନ୍ତି । ଆଇନର ଗଳାବାଟ ସେମାନଙ୍କୁ ଖସାଇବାରେ ସହଯୋଗ କରୁଛି । ତେବେ ୪ ବର୍ଷରେ ୧୧ ଜଣ କର୍ମଚାରୀ ନିଲମ୍ବନ ଓ ୫ଜଣ ଡାଟା ଏଣ୍ଟ୍ରି ଅପରେଟର(ଡିଇଓ) ବହିଷ୍କୃତ ହୋଇ ସାରିଲେଣି । ନିଲମ୍ବିତ କର୍ମଚାରୀଙ୍କ ମଧ୍ୟରେ ପ୍ରାଥମିକ କୃଷି ସମବାୟ ସମିତିର ୧୦ ସମ୍ପାଦକ ଓ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଛନ୍ତି । ଅନ୍ୟପକ୍ଷେ ନିଲମ୍ବିତ ୧୦ ସମ୍ପାଦକଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣ ପୁନଃ ଅବସ୍ଥାପିତ(ରି ଇନ୍‌ଷ୍ଟଡ) ହେଲେଣି । ଏଭଳିସ୍ଥଳେ ପ୍ରଶାସନର କାର୍ଯ୍ୟାନୁଷ୍ଠାନକୁ ଅନୁଧ୍ୟାନ କଲେ ଜଣାପଡୁଛି ଏହି ଅନିୟମିତତା ରୋକିବା ବଦଳରେ ବଢ଼ି ଚାଲିଛି ।

ସୂଚନା ଅନୁଯାୟୀ, ନୟାଗଡ଼ ଜିଲାରେ ରହିଛି ୧୫୭ ପ୍ରାଥମିକ କୃଷି ସମବାୟ ସମିତି । ପ୍ରତିବର୍ଷ ଧାନ କିଣାରେ ଦୁର୍ନୀତି ହୋଇ ଆସୁଥିବା ଅଭିଯୋଗ ହୋଇଆସୁଛି । ଅଭିଯୋଗ ପରେ ପ୍ରଶାସନିକ ତଦନ୍ତ କରାଇ କେତେଜଣ କର୍ମଚାରୀଙ୍କୁ ନିଲମ୍ବନ ଓ ବହିଷ୍କୃତ କରିଛି, ଯାହାର ନଜୀର ୪ ବର୍ଷରେ ୧୧ କର୍ମଚାରୀ ନିଲମ୍ବିତ ଓ ୫ ବହିଷ୍କୃତ ହୋଇ ସାରିଛନ୍ତି। ତେବେ କେଇଜଣ ଦୁର୍ନୀତିଗସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିଲମ୍ବନ କରି ପ୍ରଶାସନ ପ୍ରସଙ୍ଗକୁ ଶୀତଳଭଣ୍ଡାରକୁ ଫୋପାଡି ଦେଉଛି ବୋଲି ଅଭିଯୋଗ ଉଠୁଛି । ଫଳରେ ବହୁ ଦୁର୍ନୀତିଗ୍ରସ୍ତ କର୍ମଚାରୀ ପୁଣି ଚାକିରୀକୁ ଫେରିବା ପାଇଁ ଲବି କରୁଛନ୍ତି । ଏଥିରେ କେତେଜଣ ସଫଳ ମଧ୍ୟ ହୋଇଛନ୍ତି ।

ଅନ୍ୟପକ୍ଷେ ଧାନ କିଣାର ସ୍ୱଚ୍ଛତା ଉଦ୍ଦେଶ୍ୟରେ ସମ୍ପାଦକମାନଙ୍କ କାର୍ଯ୍ୟ ତଦାରଖ ବୈଠକ ୩ ବର୍ଷ ହେଲା କରାଯାଉନାହିଁ । ୨୦୧୯–୨୦୨୦ ଆର୍ଥିକ ବର୍ଷରେ ଜିଲାପାଳ ବୈଠକ ଡକାଇ ବନ୍ଦ କରିଥିଲେ । ୨୦୨୦–୨୧ ଓ ୨୦୨୧–୨୨ରେ ପୁଣି ଜିଲାପାଳ ବୈଠକ ଡକାଇଲେ ନାହିଁ । ୩ବର୍ଷ ଯାକ ବୈଠକକୁ କରୋନା ଆଳରେ ବନ୍ଦ କରି ଦିଆଗଲା । ଏହି ବୈଠକ ଜିଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଥାନ୍ତା । ଦୁର୍ନୀତିର ତଦନ୍ତ ପାଇଁ ଗଠିତ ଜିଲାସ୍ତରୀୟ ସ୍କ୍ୱାଡ୍ ରିପୋର୍ଟ ମଧ୍ୟ ଏଥିରେ ସ୍ଥାନ ପାଇଥାନ୍ତା । ବୈଠକ ନ ହେବାରୁ ସବୁ ଲୁଚିଗଲା । ଫଳ ସ୍ୱରୂପ ୪ ବର୍ଷ ହେଲା ନକଲି ଚାଷୀଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି । ମିଲର, ମଣ୍ଡି ସମ୍ପାଦକ ଓ ଧାନ ବେପାରୀଙ୍କ ସହଯୋଗରେ ନକଲି ଚାଷୀମାନେ ଚାଷୀଙ୍କ ନାଁରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରୁଛନ୍ତି । ଚାଷୀ ଜାଣିବା ପୂର୍ବରୁ ତାଙ୍କ ନାମରେ ଧାନ ବିକ୍ରି ହୋଇ ଯାଉଛି । ଭାଗଚାଷୀ ବି ଜାଣି ପାରୁ ନାହିଁ । ପୁଣି ନଦୀ, ପଡିଆ, ମୁଣ୍ଡିଆ, ପୋଖରୀ, ସରକାରୀ ଜମିକୁ ଜଳସେଚିତ ଜମି କହି ଦୁର୍ନୀତି ଚାଲିଛି । ଏଣୁ ୪ବର୍ଷ ହେଲା ଅଧିକାଂଶ ପ୍ରକୃତ ଭାଗଚାଷୀ ଓ ଚାଷୀ ଧାନ ବିକ୍ରି କରିବାର ସୁଯୋଗ ପାଇଲେ ନାହିଁ। ପୁଣି ବଡ ବଡ ଧାନ ଚାଷୀ ଧାନ ବିକ୍ରି କରିବାର ସୁଯୋଗ ପାଇ ନ ଥିବା ଜଣାପଡିଛି । ଏନେଇ ରଣପୁର ଚାଷୀ ରଣଜିତ ନାୟକ, ଦଶପଲ୍ଲାର ଉଦ୍ଧବ ସାହୁ, ଗଣିଆର ସାଇରାମ ନାୟକ କୁହନ୍ତି ,ଚାଷୀ ଉପେକ୍ଷିତ ଓ ଶୋଷିତ ହୋଇ ଚାଲିଛି । ଚାଷୀଙ୍କ ସମସ୍ୟାକୁ ଅନୁଧ୍ୟାନ କରି ସବୁ କିଛି ଠିକଠାକ ଚାଲୁଛି କୁହାଯାଉଥିବାରୁ ଚାଷୀ ଓ ଚାଷ ଉପେକ୍ଷିତ ହୋଇ ରହି ଯାଉଛି । ଦୁର୍ନୀତି କାୟା ବିସ୍ତାର କରି ମାଡ଼ି ଚାଲିଥିଲେ ମଧ୍ୟ ଏହାକୁ ପ୍ରଶାସନ କି ସରକାର ରୋକି ପାରୁ ନାହାନ୍ତି । ନୟାଗଡ଼ ଏଆରସିଏସ୍ ହାଡିବନ୍ଧୁ ମହାକୁଡ଼ ଧାନ କିଣା ଓ ଚାଷୀ ପଞ୍ଜିକୃତରେ ଅନିୟମିତତା ପରେ ତଦନ୍ତ କରାଯାଉଛି । ଦୁର୍ନୀତି ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ହୋଇଛି । ୪ ବର୍ଷରେ ୧୧ଜଣ ନିଲମ୍ବିତ ଓ ୫ଜଣ ବହିଷ୍କୃତ ହୋଇ ସାରିଲେଣି । ମୋ ସମୟରେ ନୋଉର ଓ କଳସଖମଣ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ନିଲମ୍ବିତ ହୋଇଛନ୍ତି । ନୋଡର ସମ୍ପାଦକଙ୍କ ନାମରେ ୩ ଫେଜର ଅଭିଯୋଗ ଥିବାର ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ୨ ଜଣିଆ ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଉଛି । ଏଥିରୁ ସ୍ପଷ୍ଟ ଦୁର୍ନୀତିକୁ ପ୍ରଶୟ ଦିଆଯାଉ ନାହିଁ ବୋଲି କହିଛନ୍ତି ।

## କୋଟିପତି ସମିତି ସମ୍ପାଦକ

ନୟାଗଡ଼ ଜିଲାରେ ଅଧିକାଂଶ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ବେଆଇନ ଭାବେ ଅନେକ କୋଟି ଟଙ୍କାର ମାଲିକ ହୋଇଥିଲେ ହେଁ ଭିଜିଲାନ୍ସ ଏହାର ଟେର ପାଉ ନାହିଁ । ଜଣେ ସମ୍ପାଦକଙ୍କ ଦରମା ୭ ହଜାର ୧୦୦ ରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି । ଜଣେ ସମ୍ପାଦକ ଅତି କମରେ ବର୍ଷକୁ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ଦରମା ପାଇଥାଆନ୍ତି । ତେବେ କୋଟିପତି ହେବା ପଛରେ ଧାନ ବିକ୍ରି ଓ ଋଣ ଲଗାଣରେ ଅନିୟମିତତା ରହିଛି ଅଭିଯୋଗ ଉଠୁଛି । ଏଭଳି ସ୍ଥଳେ ନିଲମ୍ବିତ ନୋଡର ସମିତି ସମ୍ପାଦକଙ୍କ ନାମରେ ଆସିଛି ସଂଘାତିକ ଅଭିଯୋଗ । ନୋଡର ସମିତରେ ୨ କୋଟି ଟଙ୍କାର ଋଣ ଅନିୟମିତତା ଘଟଣାର ତଦନ୍ତ ନୟାଗଡ଼ କୃଷି ସମବାୟ ସମିତି କରିଥିବାବେଳେ ଇଟାମାଟି ପୂଜା ଢ଼ାବା ପଛ ପାଖରେ ଦେଢ଼ କୋଟି ଟଙ୍କାର ଘରକୁ ନେଇ ଉଠିଛି ପ୍ରଶ୍ନ । ନିଲମ୍ବିତ ନୋଡର ସମ୍ପାଦକ ୪ବର୍ଷର ଚାକିରୀରେ ଏତେବଡ କୋଠା କିପରି କଲେ ବୋଲି ପ୍ରଶ୍ନ କରିଛନ୍ତି କଂଗ୍ରେସ ସଭାପତି ରଣଜିତ୍ ଦାଶ । ଏନେଇ ରଣଜିତ୍ ରାଜ୍ୟ ଭିଜିଲାନ୍ସ, ନୟାଗଡ଼ ଜିଲାପାଳ, କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧିକ ଶାଖାକୁ ଫେରାଦ୍ ହୋଇଛନ୍ତି ।

## ସୁନାଖଳା ଗ୍ରାମରେ ଡେଙ୍ଗୁ ରୋଗୀ ଚିହ୍ନଟ

ଭାପୁର,୨୯।୧୧(ଡି.ଏନ.ଏ.)

ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ଅଧୀନ ସୁନାଖଳା ଗ୍ରାମରେ ଜଣେ ମହିଳା ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥିବା ନେଇ ସୂଚନା ମିଳିଛି। ଉକ୍ତ ମହିଳା ଗତ କିଛିଦିନ ହେବ ଜ୍ୱରରେ ପୀଡ଼ିତ ହୋଇଥିଲେ । ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ରକ୍ତ ପରୀକ୍ଷା କରିବା ପରେ ସେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଡେଙ୍ଗୁ ରୋଗ ବ୍ୟାପୀବାର ଆଶଙ୍କା ପ୍ରକାଶ ପାଇଛି । ଅନୁରୂପ ଭାବେ ଗତ କିଛି ମାସ ତଳେ ଭାପୁର ବ୍ଲକ ଅନ୍ତର୍ଗତ ଶାଳପଡ଼ା ଓ ଗୋଳାପୋଖରୀ ପଞ୍ଚାୟତର ଏକାଧିକ ଗାଁରେ ଡେଙ୍ଗୁ ରୋଗ ବ୍ୟାପୀଥିଲା । ବର୍ତ୍ତମାନ ବିଜିପୁର ପଞ୍ଚାୟତ ଏଥିରେ ଯୋଡ଼ି ହୋଇଛି। ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

# ୬ ମାସ ପରେ ବି ମରାମତି କରୁନାହାନ୍ତି ଠିକାଦାର

## ପମ୍ପ ହାଉସ ପାଚେରି,କୂଅ ଭୁଶୁଡ଼ିବା ଘଟଣା

ନୂଆଗାଁ,୨୯।୧୧ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବାହାଡ଼ାଝୋଲା ପଞ୍ଚାୟତ ଘଡେଇବନ୍ଧ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଇନ୍‌ଟେକୱାଲ୍ ଓ ପମ୍ପ ହାଉସ୍ ନିର୍ମାଣ କରାଯାଇଛି । ପମ୍ପ ହାଉସର ସୁରକ୍ଷା ପାଇଁ ଚାରିପାଖରେ ପାଚେରୀ କରାଯାଇଥିଲା । କିନ୍ତୁ ନିମ୍ନମାନର କାମ ଯୋଗୁ ଅସରାଏ ବର୍ଷାରେ ପମ୍ପ ହାଉସର ପାଚେରୀ ଏବଂ ଇନ୍‌ଟେକ୍‌ୱାଲର ପଥର ସବୁ ଭୁଶୁଡ଼ି ପଡିଥିଲା । ଏ ସଂକ୍ରାନ୍ତରେ ଗ୍ରାମବାସୀ ଅଭିଯୋଗ କରିବାରୁ ବ୍ୟସ୍ତ ହୁଅନ୍ତୁ ନାହିଁ, ଏସବୁର ରକ୍ଷଣାବେକ୍ଷଣା ୫ ବର୍ଷ ପର୍ଯ୍ୟନ୍ତ ଠିକାଦାର କରିବେ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ କହିଥିଲେ । ହେଲେ ପାଚେରୀ ଓ ଇନ୍‌ଟେକ୍‌ୱାଲ ଭୁଶୁଡିବାର ୬ ମାସ ବିତି ଥିଲେ ମଧ୍ୟ ତା'ର ମରାମତି କରିବା ପାଇଁ ଠିକାଦାର ନାମ ଧରୁ ନାହାନ୍ତି । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ସୂଚନା ଅନୁଯାୟୀ, ନୂଆଗାଁ ବ୍ଲକ ବାହାଡ଼ାଝୋଲା ପଞ୍ଚାୟତର ୩ଟି ୱାର୍ଡରେ ପ୍ରାୟ ୧ ହଜାର ଲୋକ ବସବାସ କରନ୍ତି। ସେମାନଙ୍କୁ ପାନୀୟ ଜଳ ଯୋଗାଇ ଦେବା ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ଘଡେଇବନ୍ଧ ନିକଟରେ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି ।



ଭୁଶୁଡି ପଡିଥିବା କୂଅରେ ପଥର ଖସି ରହିଛି ।

କିନ୍ତୁ ପରିତାପର ବିଷୟ ପମ୍ପ ହାଉସ ପାଚେରୀ ନିର୍ମାଣ କରିବାର ମାସେ ନ ପୂରୁଣୁ ଲଗାଣ ବର୍ଷାରେ ତାହା ଭୁଶୁଡ଼ି ପଡିଥିଲା । ସେହିପରି କୂଅ ଉପରେ ପଥର ବ୍ୟବହାର କରାଯାଇଥିବା ବେଳେ ସେହି ପଥର ସବୁ ଭୁଶୁଡ଼ି କୂଅକୁ ପୋତିବାକୁ ବସିଲାଣି । ଘଟଣା ବାବଦରେ ନୂଆଗାଁ ବିଡିଓ,ଗ୍ରାମ ପରିମଳ ଓ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା । ପ୍ରକଳ୍ପ ନିର୍ମାଣ ସରିଥିଲେ ମଧ୍ୟ ୫ ବର୍ଷ ପର୍ଯ୍ୟନ୍ତ ନିଜସ୍ୱ ଖର୍ଚ୍ଚରେ ରକ୍ଷାଣାବେକ୍ଷଣ ଠିକାଦାର କରିବେ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଜ୍ୟୋତିରଞ୍ଜନ ବେହେରା କହିଥିଲେ । ହେଲେ ଠିକାଦାର ମରାମତି ନ କରିବା ବାବଦରେ କନିଷ୍ଠ ଯନ୍ତ୍ରୀ ବେହେରାଙ୍କୁ ପଚାରିବାରେ ସମୟ ଅଭାବରୁ ଠିକାଦାର କାମ କରି ପାରି ନାହାନ୍ତି । ଏସଂକ୍ରାନ୍ତରେ ପୁଣି ଥରେ ଠିକାଦାରଙ୍କୁ କହିବି ବୋଲି ବୋଲି ସେ ସୂଚନା ଦେଇଛନ୍ତି ।

## ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

ଖଣ୍ଡପଡ଼ା,୨୯।୧୧(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଅଙ୍ଗନ ୱାଡି କର୍ମୀ ଓ ସହାୟିକାମାନେ ୮ଦଫା ଦାବି ପୂରଣ ନେଇ ଏକ ଦାବିପତ୍ର ଖଣ୍ଡପଡ଼ା ବିଡିଓ ଅରୁଣିମା ସାହୁଙ୍କୁ ମଙ୍ଗଳବାର ପ୍ରଦାନ କରିଛନ୍ତି । ଶତାଧିକ କର୍ମୀ ଓ ସହାୟିକା ଏକ ଶୋଭାଯାତ୍ରାରେ ଯାଇ ବିଡିଓଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି । ସମସ୍ତ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ମାସିକ ବେତନ ହାର ବୃଦ୍ଧି କରିବା, ଅନ୍ୟ ସରକାରୀ କର୍ମଚାରୀଙ୍କ ପରି ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ଆନୁସଙ୍ଗିକ ସୁବିଧା ସୁଯୋଗ ଯୋଗାଇଦେବା, ଅବସରକାଳୀନ ସହାୟତା ରାଶି ବୃଦ୍ଧି କରିବା ଆଦି ଉପରେ ଆନ୍ଦୋଳନ ଡ଼ାକରା ଦିଆଯାଇଛି । ସମସ୍ତ ଦାବି ପୂରଣ ପାଇଁ ଆସନ୍ତା ଡ଼ିସେମ୍ବର ୧ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିବ ବୋଲି ଖଣ୍ଡପଡା ବ୍ଲକ ଅଙ୍ଗନୱାଡି କର୍ମଚାରୀ ସଂଘର ସଭାନେତ୍ରୀ ସବିତା ଦାସ, ସମ୍ପାଦିକା ସୁକାନ୍ତୀ କୋଠାଳ, କୋଷାଧ୍ୟକ୍ଷ ପ୍ରତିମା ସ୍ୱାଇଁ, ଉପସଭାପତି ସୁଷମା ମଞ୍ଜରୀ ନାୟକ ପ୍ରମୁଖ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

# ଟ୍ରକ୍ ପଛକୁ ପିଟିଲା ବସ୍

## ଶିକ୍ଷକ ମୃତ, ୫ ଗୁରୁତର




ଦୁର୍ଘଟଣାଗ୍ରସ୍ତ ବସ୍ ।

ନୟାଗଡ଼ ଅଫିସ,୨୯।୧୧: ମଙ୍ଗଳବାର ଭୋର ସମୟରେ ବଲାଙ୍ଗୀର–ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଇଟାମାଟିଠାରେ ଟ୍ରକ ପଛକୁ ଏକ ଘରୋଇ ଯାତ୍ରୀବାହୀ ବସ ଧକ୍କା ଦେବାରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି । ୫ ଜଣ ଗୁରୁତର ହୋଇଛନ୍ତି । ମୃତ ଶିକ୍ଷକ ହେଲେ ଧନମନ୍ତ ଚଣ୍ଡୀ(୩୯) । ତାଙ୍କ ଘର କଳାହାଣ୍ଡି ଜିଲା ଜୁନାଗଡ ସହର ହିଞ୍ଜିଲିବାହାଲିପଡ଼ା ।

ସୂଚନା ଅନୁଯାୟୀ, କଳାହାଣ୍ଡି ଥାନା ମୁଥିଗଡ଼ ଗାଁରୁ ମାଣିକେଶ୍ୱରୀ ନାମକ ଏକ ଘରୋଇ ବସ୍(ନଂ.ଓଡି୦୮ଏ ୪୨୧୮) ଭୁବନେଶ୍ୱର ଅଭିମୁଖେ ଯାଉଥିଲା । ଇଟାମାଟିଠାରେ ଏକ ମାର୍ବଲ ବୋଝେଇ ଟ୍ରକ ରାଜପଥ କଡରେ ପୂର୍ବରୁ ଅଟକି ରହିଥିଲା । ଉକ୍ତ ବସ୍‌ଟି ସେହି ଟ୍ରକ୍ ପଛକୁ ଧକ୍କା ଦେବା ଫଳରେ ଏହି ଦୁଃଖଦ ଘଟଣା ଘଟିଥିଲା । ଦୁର୍ଘଟଣା ଖବର ପ୍ରଚାରିତ ହେବା ପରେ ଇଟାମାଟି ଥାନା ପୋଲିସ ଓ ନୟାଗଡ଼ ଦମକଳ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ଆହତ ଶିକ୍ଷକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଜୁନାଗଡ଼ର ୨, କଟକର ଜଣେ ଓ ଯାଜପୁର ଜଣେ ଏପରି ୪ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସମସ୍ତଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି । ଭବାନୀପାଟଣା ଅଞ୍ଚଳର ମୁସ୍ତାକ ସଲିମ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି । ପୋଲିସ ୨ ଗାଡ଼ିକୁ ଜବତ କରି ତଦନ୍ତ କରୁଛି ।

## ନୀଳମାଧବଙ୍କ ଘୋଡଲାଗି ବେଶ ଆରମ୍ଭ



ଘୋଡ଼ଲାଗି ବେଶରେ ଶ୍ରୀଜୀଉ ।

**ଖଣ୍ଡପଡ଼ା,୨୯।୧୧(ସ୍ୱ.ପ୍ର.)**

ମଙ୍ଗଳବାର ପବିତ୍ର ଓଢଣ ଷଷ୍ଠୀ ତିଥି । ଏହି ଅବସରରେ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ (ଘୋଡ)ଓଢଣ ଲାଗି ବେଶ ଆରମ୍ଭ ହୋଇଛି । ଓଢ଼ଣୀ ଲାଗିର ବିଶେଷତ୍ୱ ହେଉଛି 'ଯଥାଦେହେ ତଥାଦେବେ'। ମଣିଷ ଶୀତରୁ ରକ୍ଷା ପାଇବା ପାଇଁ ଶୀତ ବସ୍ତ୍ର ବ୍ୟବହାର କରନ୍ତି । ସେହିପରି ଦେବତାମାନଙ୍କୁ ଆଜିଠାରୁ ଶୀତଲାଗିଥାଏ। ଏହି ପାରମ୍ପରିକ ବେଶ ଆସନ୍ତା ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଚାଲିବ । ଏହି ବେଶ ପାଇଁ ଭକ୍ତମାନେ କେବଳ ଠାକୁରଙ୍କ ମୁଖ ଦର୍ଶନ କରିବେ । ଏହି ଶୀତ ଦିନରେ ଠାକୁରଙ୍କ ମୁଖ ବ୍ୟତୀତ ସମସ୍ତ ଶରୀରକୁ ଆବୃତ କରି ରଖାଯାଇଥାଏ । ଇତିଅବସରରେ ଭୋର ୫ଟାରେ ଶ୍ରୀଜୀଉଙ୍କ ଦ୍ୱାରଫିଟା ନୀତି ଅନୁଷ୍ଠିତ ହୋଇଥିଲା । ମଙ୍ଗଳ ଆଳତି,ଅବକାଶ ନୀତି, ଦୈନିକ ବେଶ, ବଲ୍ଲଭ,ସକାଳ ଧୂପ ଉଠିବା ପରେ ଶ୍ରୀଜୀଉଙ୍କ ଶରୀରକୁ ଆବୃତ କରିବା ସହ ମୁଣ୍ଡରେ ପଗଡି ବନ୍ଧା ଯାଇଥିଲା । ଏହି ସମୟରେ ଶ୍ରୀଜୀଉଙ୍କ ନିକଟରେ ସ୍ୱତନ୍ତ୍ର ଭୋଗ ଲାଗି ହୋଇଥିଲା । ଆଜିର ଏହି ପାରମ୍ପରିକ ନୀତି ଅବସରରେ ଗତ କାଲି ପଞ୍ଚମୀ ତିଥିରେ ଶ୍ରୀ ଜୀଉଙ୍କ ରାତ୍ର ଚନ୍ଦନ ନୀତି ବଢ଼ିବା ପରେ ଭୋଗ ମଣ୍ଡପ ଘରେ ପୂଜକ ୩ ଗୋଟି ମଣ୍ଡଳ କାଟିଥିଲେ । ଏହାପରେ ପୂଜାରୀ ଅଧିବାସ ନୀତି ସମ୍ପନ୍ନ କରିବା ପରେ ଦୁଆର ମୁଦ ଦିଆ ହୋଇଥିଲା । ସମୁଦାୟ ୧୨ଟି ଘୋଡ(ଚତୁର୍ଦ୍ଧା ବିଗ୍ରହଙ୍କ) ସମେତ ବିମଳା, ଲକ୍ଷ୍ମୀ, ମଦନ ମୋହନ, ଶ୍ରୀଦେବୀ, ଭୂଦେବୀଙ୍କ ଘୋଡ ଅଧିବାସ ସମ୍ପନ୍ନ ହୋଇଥିଲା ।

# ପୌରାଣିକ ଗାଥା ବହନକରେ ମଣିଭଦ୍ରା

## ଉଦ୍‌ଯାପିତ ହେଲା ବିଶ୍ୱଶାନ୍ତି ମହାଯଜ୍ଞ

ଗଣିଆ,୨୯।୧୧(ଡି.ଏନ.ଏ.)

ନୟାଗଡ଼ ଜିଲା ଗଣିଆ ବ୍ଲକର ପୁରାଣ ପ୍ରସିଦ୍ଧ ମଣିଭଦ୍ରା ପର୍ବତ ପାଦଦେଶରେ ବିଜେ ମା' କଳାପାଟ ଠାକୁରାଣୀଙ୍କ ପୀଠରେ ଗତ ୩ ଦିନ ଧରି ଅନୁଷ୍ଠିତ ହେଉଥିବା ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ପଞ୍ଚକୁଣ୍ଡୀୟ ମହାଯଜ୍ଞରେ ବେଦଜ୍ଞ ପଣ୍ଡିତମାନଙ୍କ ଦ୍ୱାରା ପୂର୍ଣ୍ଣାହୂତି ଅନୁଷ୍ଠିତ ହୋଇଥିଲା । ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ କରିଥିବା ବାବା ରାମଦାସଙ୍କ ୭୨ତମ ଜନ୍ମଉତ୍ସବ ପାଇଁ ଭୁବନେଶ୍ୱର ଧଉଳିସ୍ଥିତ ଓଁ ସତ୍ୟଶାନ୍ତି ସେବା ଟ୍ରଷ୍ଟ ଦ୍ୱାରା ଗତ ୩୧ ବର୍ଷ ଧରି ଏହି ମହାଯଜ୍ଞ ଆୟୋଜିତ ହୋଇଆସୁଛି ।

ବାବା ରାମଦାସଙ୍କ ସ୍ୱଲିଖିତ ମୟୂରଝଲକ ପୁସ୍ତକରୁ ମିଳିଥିବା ସୂଚନା ଅନୁଯାୟୀ ,ମଣିଭଦ୍ରା ପର୍ବତ ମହାଭାରତ ପୁରାଣ ପୃଷ୍ଠାରେ ସ୍ୱତନ୍ତ୍ର ସ୍ଥାନ ବହନ କରି ଆସିଛି। ଆଗାମୀ ଦିନରେ ମଣିଭଦ୍ରା ପର୍ବତ ଶିଖରରେ ନୀଳ କଇଁ ପ୍ରସ୍ଫୁଟିତ ହେବା ସହ ଏହି ସ୍ଥାନ ଶ୍ରୀକ୍ଷେତ୍ର ପାଲଟିବ ବୋଲି ଉଲ୍ଲେଖ ରହିଛି । ସେହିପରି ମଣିଭଦ୍ରାଠାରେ ପଞ୍ଚସଖାଙ୍କ ମିଳନ, ଲକ୍ଷ୍ମୀନୃସିଂହଙ୍କ ମିଳନ ହେବା ସହ ମହାଭାରତର ବାକିଥିବା ଏକ ଓଳି ଯୁଦ୍ଧ ଏହିଠାରେ ସମାପନ ହେବ ବୋଲି ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଜାଇଫୁଲମାଳିକାରେ ଉଲ୍ଲେଖ ରହିଛି । ଦ୍ୱାପର ଯୁଗରେ ପାଣ୍ଡବ ବୀର ଅର୍ଜୁନ ମଣିଭଦ୍ରା ପର୍ବତରେ ଅଜ୍ଞାତବାସ କରିଥିଲେ। ଏହି ସମୟରେ ଗୋସିଂହ ନାମକ ଏକ ଦୈତ୍ୟ ସତ୍ୟଭାମାଙ୍କୁ ଅପହରଣ କରି ନେଉଥିବା ବେଳେ ଅର୍ଜୁନ ସେହି ଦୈତ୍ୟକୁ ବିନାଶ କରି ସତ୍ୟଭାମାଙ୍କୁ ଉଦ୍ଧାର କରିଥିଲେ। ସେହିପରି ଏହି ସ୍ଥାନରେ ଶ୍ରୀକୃଷ୍ଣ ସଖା ଅର୍ଜୁନଙ୍କୁ ନବଗୁଞ୍ଜର ବେଶରେ ଦର୍ଶନ ଦେଇଥିବା ମହାଭାରତର ମଧ୍ୟପର୍ବରୁ ଜଣାପଡିଥାଏ । ସେହି ସ୍ଥାନକୁ ଏକ ପବିତ୍ର ପୀଠ ବୋଲି ଜାଣିପାରିବା ପରେ ୧୯୯୧ ମସିହାରେ ବାବା ରାମଦାସ ନିଜ ଜନ୍ମ ଦିବସ ମାର୍ଗଶୀର ମାସ ଓଢଣ ଷଷ୍ଠୀ ତିଥିରେ ଏହି ପୀଠ ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞର ଆୟୋଜନ କରିଥିଲେ ।



ସାଧୁସନ୍ଥମାନଙ୍କୁ ବସ୍ତ୍ରଦାନ କରାଯାଉଛି ।

ଚଳିତ ବର୍ଷ ବାବା ରାମଦାସଙ୍କ ସ୍ତ୍ରୀ ଭଜନମଣ୍ଡପରେ ଉପସ୍ଥିତ ରହି ସାଧୁସନ୍ଥମାନଙ୍କୁ ଶୀତବସ୍ତ୍ର ଓ ଦକ୍ଷିଣା ପ୍ରଦାନ କରିବା ସହ ନିରୀହ ବୃଦ୍ଧାବୃଦ୍ଧମାନଙ୍କୁ ବସ୍ତ୍ରଦାନ କରିଥିଲେ । ପ୍ରତ୍ୟହ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ମା'କଳାପାଟ ପୀଠ ପରିସରରେ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା ।

ଧରିତ୍ରୀ
DHARITRI
ବୁଧବାର, ୩୦ ନଭେମ୍ବର, ୨୦୨୨



## ସିଙ୍ଗାପୁରରେ ସମଲିଙ୍ଗୀ ସମ୍ପର୍କ ବୈଧ



ସିଙ୍ଗାପୁରରେ ପୁରୁଷଙ୍କ ମଧ୍ୟରେ ଯୌନ ସମ୍ପର୍କକୁ ଅପରାଧୀକରଣ କରିଥିବା ଆଇନକୁ ମଙ୍ଗଳବାର ଦେଶର ପାର୍ଲାମେଣ୍ଟ ରଦ୍ଦ କରିଦେଇଛି। ରଦ୍ଦ ସପକ୍ଷରେ ୯୩ ସଦସ୍ୟ ଭୋଟ ଦେଇଥିବାବେଳେ ୩ ଜଣ ବିରୋଧ କରିଥିଲେ। ଏହି ଉପନିବେଶ ଶାସନ ସମୟର ଆଇନକୁ ଦୀର୍ଘଦିନ ଧରି ବିରୋଧ କରାଯାଉଥିଲା। ଏହି ଆଇନ ଏଲ୍‌ଜିବିଟିକ୍ୟୁ ସମ୍ପ୍ରଦାୟ ପ୍ରତି ପକ୍ଷପାତ ଏବଂ ଅପମାନଜନକ ବୋଲି ସମାଲୋଚନା କରାଯାଉଥିଲା। ଆଇନର ଧାରା ୩୭୭ଏ ଅନୁଯାୟୀ ଦୁଇ ଜଣ ପୁରୁଷ ଯୌନ ସମ୍ପର୍କରେ ଲିପ୍ତ ହେଲେ ସେମାନଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ବ୍ୟବସ୍ଥା ରହିଥିଲା। ଉକ୍ତ ଆଇନ ରଦ୍ଦ ହୋଇଥିବାରୁ ଏଲ୍‌ଜିବିଟିକ୍ୟୁ ସମ୍ପ୍ରଦାୟ ଖୁସିବ୍ୟକ୍ତ କରିଛି। ପୁରୁଷ ଓ ମହିଳାଙ୍କ ମଧ୍ୟରେ ପାରମ୍ପରିକ ବିବାହ ସଂଜ୍ଞାକୁ କାଏମ୍ ରଖିବା ଲାଗି ପାର୍ଲାମେଣ୍ଟ ସମ୍ବିଧାନରେ ସଂଶୋଧନ କରିଛି।



ଭାରତର ୧୦୦ ଜଣ ଶ୍ରେଷ୍ଠ ଧନୀଙ୍କ ସମ୍ପତ୍ତି ୨୦୨୨ରେ ୨୫ ବିଲିୟନ ଡଲାର ବୃଦ୍ଧି ପାଇଛି। ଫୋର୍ବସ୍ ୨୦୨୨ ତାଲିକା ଅନୁଯାୟୀ ଦେଶର ସର୍ବାଧିକ ଧନୀ ୧୦୦ ଜଣଙ୍କ ମୋଟ ସମ୍ପତ୍ତି ପରିମାଣ ୮୦୦ ବିଲିୟନ ଡଲାର ଅତିକ୍ରମ କରିଛି।

## ୧୦୦ ଶ୍ରେଷ୍ଠ ଧନୀଙ୍କ ସମ୍ପତ୍ତି ୨୫ ବିଲିୟନ ଡଲାର ବଢ଼ିଛି

ମହାମାରୀ ପରବର୍ତ୍ତୀ ମାନ୍ଦାବସ୍ଥାକୁ ଅତିକ୍ରମ କରି ଭାରତ ପଞ୍ଚମ ବୃହତ୍ ଅର୍ଥନୀତି ହୋଇଥିବାବେଳେ ୧୦ ଜଣ ଶ୍ରେଷ୍ଠ ଧନୀଙ୍କ ମୋଟ ସମ୍ପତ୍ତି ୩୮୫ ବିଲିୟନ ଡଲାରରେ ପହଞ୍ଚିଥିବା ଫୋର୍ବସ ରିପୋର୍ଟରୁ ଜଣାପଡ଼ିଛି। ୨୦୨୧ରେ ଶିଳ୍ପପତି ଗୌତମ ଆଦାନୀଙ୍କ ସମ୍ପତ୍ତି ୩ ଗୁଣ ହେବା ସହ ସେ ଦେଶର ସବୁଠୁ ଧନୀ ବ୍ୟକ୍ତିର ମାନ୍ୟତା ପାଇଛନ୍ତି। ୨୦୨୨ରେ ତାଙ୍କ ସମ୍ପତ୍ତି ପରିମାଣ ୧୫୦ ବିଲିୟନ ଡଲାରରେ ପହଞ୍ଚିଛି। ଏବେ ସେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ଧନୀ ବ୍ୟକ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଭାରତର ଦ୍ୱିତୀୟ ଧନୀ। ତାଙ୍କ ମୋଟ ସମ୍ପତ୍ତି ପରିମାଣ ୮୮ ବିଲିୟନ ଡଲାର। ସୁପରମାର୍କେଟ ଚେନ୍ ଡିମାର୍ଟର ମାଲିକ ରାଧାକ୍ରିଷ୍ଣନ ଡମଲାନି ଧନୀ ତାଲିକାର ତୃତୀୟ ସ୍ଥାନରେ ଥିବାବେଳେ ତାଙ୍କ ପଛକୁ ରହିଛନ୍ତି ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସାଇରସ୍ ପୁନାୱାଲା। ଡମଲାନିଙ୍କ ସମ୍ପତ୍ତି ପରିମାଣ ୨୭.୬ ବିଲିୟନ ଡଲାର ହୋଇଥିବାବେଳେ ପୁନାୱାଲାଙ୍କ ସମ୍ପତ୍ତି ମୂଲ୍ୟ ୨୧.୫ ବିଲିୟନ ଡଲାର। ଦେଶର ସବୁଠୁ ଧନୀ ମହିଳା ଓପି ଜିନ୍ଦଲ ଗ୍ରୁପ୍ ଅଧ୍ୟକ୍ଷା ସାବିତ୍ରୀ ଜିନ୍ଦଲଙ୍କ ସମ୍ପତ୍ତି ପରିମାଣ ୧୬.୪ ବିଲିୟନ ଡଲାର। ଶ୍ରେଷ୍ଠ ଧନୀ ତାଲିକାରେ ନାଇକାର ସିଇଓ ଫାଲ୍‌ଗୁନୀ ନାୟାର ପ୍ରଥମ ଥର ସ୍ଥାନ ପାଇଛନ୍ତି।

## ସଂକ୍ଷେପରେ

### ଅଣବାସମତି ଚାଉଳ ରପ୍ତାନି ଉପରୁ କଟକଣା ହଟିଲା

**ନୂଆଦିଲ୍ଲୀ,୨୯।୧୧:** ଜୈବିକ ଅଣବାସମତି ଚାଉଳ ରପ୍ତାନି ଉପରେ କେନ୍ଦ୍ର ସରକାର ଲଗାଇଥିବା ନିଷେଧାଦେଶ ଉଠାଇନେବାକୁ ମଙ୍ଗଳବାର ନିଷ୍ପତ୍ତି ନେଇଛନ୍ତି। ଦେଶରେ ଚାଉଳ ଉପଲବ୍ଧତା ବଢ଼ାଇବା ପାଇଁ ସରକାର ଗତ ସେପ୍ଟେମ୍ବରରେ ଭଙ୍ଗା ଚାଉଳ ରପ୍ତାନି ବନ୍ଦ କରିଥିଲେ। ଖୁଚୁରା ବଜାରରେ ଚାଉଳ ଦାମ୍ ବଢ଼ିବା ପରେ ଯୋଗାଣ ବୃଦ୍ଧି ନିମନ୍ତେ ଅଣବାସମତୀ ଚାଉଳ ରପ୍ତାନି ଉପରେ ୨୦ ପ୍ରତିଶତ ଶୁଳ୍କ ଲଗାଯାଇଥିଲା। ଏଣିକି ସେପ୍ଟେମ୍ବର ପୂର୍ବବର୍ତ୍ତୀ ନିୟମ ଅନୁଯାୟୀ ଅଣବାସମତୀ ଚାଉଳ ଓ ଭଙ୍ଗା ଚାଉଳ ରପ୍ତାନି ହେବ ବୋଲି ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି।

### ୧,୫୦୦ ଅଫିସରଙ୍କୁ ହରେଇଲାଣି ରୁଷିଆ

**ମସ୍କୋ,୨୯।୧୧:** ରୁଷିଆ-ୟୁକ୍ରେନ୍ ଯୁଦ୍ଧ ୯ ମାସରୁ ଊର୍ଦ୍ଧ୍ୱ ଦିନ ଧରି ଚାଲିଛି। ଉଭୟ ଦେଶ ଏହାଦ୍ୱାରା ପ୍ରଭାବିତ ହୋଇଥିବାବେଳେ ଏହାର ନକାରାତ୍ମକ ପ୍ରଭାବ ସମଗ୍ର ବିଶ୍ୱରେ ପଡ଼ିଛି। ତେବେ ସୋସିଆଲ ମିଡିଆ ଜାଏଣ୍ଟ ଟୁଇଟର ଏବଂ ଅନ୍ୟ ସାମାଜିକ ଗଣମାଧ୍ୟମରୁ ସଂଗୃହୀତ ତଥ୍ୟ ଅନୁସାରେ ଫେବୃୟାରୀ ୨୪ରୁ ଆରମ୍ଭ ହୋଇଥିବା ଏହି ଅବିରତ ଯୁଦ୍ଧରେ ରୁଷିଆ ନିଜର ୧,୫୦୦ରୁ ଅଧିକ ସେନା ଅଫିସରଙ୍କୁ ହରାଇଛି। ଏଥିସହ ପାଖାପାଖି ୧୬୦ ସେନା ଜେନେରାଲ ପ୍ରାଣ ହରାଇଥିବାବେଳେ ବହୁ ସୈନିକ କ୍ଷତାକ୍ତ ମଧ ହୋଇଛନ୍ତି। ବିଭିନ୍ନ ଅଞ୍ଚଳକୁ ନିଜ ଅକ୍ତିଆର କରିବା ପାଇଁ ରୁଷୀୟ ସେନା ୟୁକ୍ରେନ୍ ମାଟିରେ ଲଢ଼େଇ ଜାରି ରଖିଛି। ଯୁଦ୍ଧରେ ପାଖାପାଖି ୧,୦୦,୦୦୦ ରୁଷୀୟ ଯବାନ ପ୍ରାଣ ହରାଇଥିବା ଆମେରିକୀୟ ମିଲିଟାରି ଜେନେରାଲ ମାର୍କ ମିଲି କହିଛନ୍ତି। ୟୁକ୍ରେନ୍‌ର ସମାନ ସଂଖ୍ୟକ ସୈନିକ ପ୍ରାଣ ହରାଇବା ସହ ଆହତ ହୋଇଥିବା ଖବର ପ୍ରକାଶ ପାଇଛି।

### ରାଗିଂ କରି ବିଶ୍ୱବିଦ୍ୟାଳୟ ହଷ୍ଟେଲରୁ ୧୮ ଛାତ୍ର ବହିଷ୍କୃତ

**ଡିବ୍ରୁଗଡ଼,୨୯।୧୧:** ବରିଷ୍ଠ ଛାତ୍ରମାନଙ୍କ ର୍‍ୟାଗିଂ ଯୋଗୁ ରବିବାର ଡିବ୍ରୁଗଡ଼ ବିଶ୍ୱବିଦ୍ୟାଳୟର ପ୍ରଥମ ସେମିଷ୍ଟର ଛାତ୍ର ହଷ୍ଟେଲ୍ ବିଲ୍ଡିଂରୁ ଡେଇଁ ଗୁରୁତର ହୋଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ୧୮ ଜଣ ଛାତ୍ରଙ୍କୁ ୟୁନିଭର୍ସିଟି କର୍ତ୍ତୃପକ୍ଷ ହଷ୍ଟେଲରୁ ବହିଷ୍କାର କରିଛନ୍ତି। ଏହା ବ୍ୟତୀତ ପୋଲିସ ଗିରଫ କରିଥିବା ୩ ଅଭିଯୁକ୍ତ ଛାତ୍ରଙ୍କୁ ତଦନ୍ତ ଶେଷ ପର୍ଯ୍ୟନ୍ତ ନିଲମ୍ବନ କରାଯାଇଛି। ଏମ୍.କମ୍ ପ୍ରଥମ ସେମିଷ୍ଟର ଛାତ୍ର ଆନନ୍ଦ ଶର୍ମାଙ୍କୁ ସିନିୟର ଛାତ୍ରମାନେ ଗତ ୨୬ ତାରିଖ ଅପରାହ୍ନ ସାଢ଼େ ୪ଟାରୁ ତା ପରଦିନ ଭୋର ୫ଟା ପର୍ଯ୍ୟନ୍ତ ନିର୍ଯାତନା ଦେଇଥିଲେ। ନିର୍ଯାତନା ସହି ନ ପାରି ଛାତ୍ର ଜଣକ ପିଏନ୍‌ଜିବି ହଷ୍ଟେଲ୍ ବି ବ୍ଲକ୍ ଦ୍ୱିତୀୟ ମହଲାରୁ ଡେଇଁ ପଡ଼ିଥିଲେ।

# ବିତର୍କିତ 'କଶ୍ମୀର ଫାଇଲ୍ସ'



ଅଭିନେତ୍ରୀ ସ୍ତ୍ରୀ ପଲ୍ଲବୀ ଜୋଷୀଙ୍କ ସହ 'ଦି କଶ୍ମୀର ଫାଇଲ୍ସ' ନିର୍ଦ୍ଦେଶକ ବିବେକ ଅଗ୍ନିହୋତ୍ରୀ

**ପଣଜୀ/ନୂଆଦିଲ୍ଲୀ,୨୯।୧୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ସମର୍ଥିତ ଚଳିତବର୍ଷର ବହୁଚର୍ଚ୍ଚିତ ହିନ୍ଦୀ ଫିଲ୍ମ 'ଦି କଶ୍ମୀର ଫାଇଲ୍ସ' ପୁଣିଥରେ ବିବାଦ ଘେରକୁ ଚାଲିଆସିଛି। ଭାରତର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍‌ଏଫ୍‌ଆଇ) ବିଚାରକ ମଣ୍ଡଳୀ ଅଧ୍ୟକ୍ଷ ନଦାଭ ଲାପିଡ୍ ସୋମବାର ଏହାକୁ ଏକ ଅଶ୍ଳୀଳ ସିନେମା ଭାବେ ଅଭିହିତ କରିବା ପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଗୋଆରେ ଗତ ୨୨ ତାରିଖରେ ଆଇଏଫ୍‌ଏଫ୍‌ଆଇର ଇଣ୍ଡିଆନ୍ ପାନୋରାମା ବର୍ଗରେ 'କଶ୍ମୀର ଫାଇଲ୍ସ' ପ୍ରଦର୍ଶିତ ହୋଇଥିଲା। ବିବେକ ଅଗ୍ନିହୋତ୍ରୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ପ୍ରଯୋଜନାରେ ମାତ୍ର ୧୫ରୁ ୨୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। କିନ୍ତୁ ଏହାର ସମ୍ବେଦନଶୀଳ ତଥା ମର୍ମସ୍ପର୍ଶୀ ବିଷୟବସ୍ତୁକୁ ନେଇ ଦର୍ଶକଙ୍କ ମନରେ ଉତ୍ସୁକତା ଲାଗିରହିବାରୁ ଏହା ବିଶେଷ ଆଦୃତି ଲାଭ କରିଥିଲା। ପ୍ରଧାନମନ୍ତ୍ରୀଙ୍କ ସମର୍ଥନ କ୍ରମେ ୮ ଭାଜପା ଶାସିତ ରାଜ୍ୟରେ ଟ୍ୟାକ୍ସ ଫ୍ରି ହୋଇଥିବା 'କଶ୍ମୀର ଫାଇଲ୍ସ'ବକ୍ସ ଅଫିସ୍‌ରେ ୩୪୦.୯୨ କୋଟି ଟଙ୍କା କଲେକ୍ସନ କରିସାରିଛି। ଆଇଏଫ୍‌ଏଫ୍‌ଆଇରେ ଏହା ସମାଲୋଚିତ ହେବା ପରେ ୪୮ ବର୍ଷୀୟ ବିବେକ ଜୁରି ଅଧ୍ୟକ୍ଷ ଲାପିଡ୍‌ଙ୍କୁ ଚ୍ୟାଲେଞ୍ଜ କରିଛନ୍ତି। ଡାଇରେକ୍ଟର ବିବେକ ନିଜ ପ୍ରତିକ୍ରିୟାରେ କହିଛନ୍ତି, ମହାନ୍ ଇସ୍ରାଏଲୀ ଫିଲ୍ମ ମେକର ଲାପିଡ୍‌ଙ୍କ ସମେତ ବିଶ୍ୱର ବୁଦ୍ଧିଜୀବୀମାନେ ଏହି ଫିଲ୍ମର ଏପରି ଏକ ଇଭେଣ୍ଟ (ଫ୍ରେମ୍ କିମ୍ବା ଡାଇଲଗ୍) ଖୋଜି ବାହାର କରନ୍ତୁ, ଯାହା ସତ୍ୟ ହୋଇ ନ ଥିବ। 'କଶ୍ମୀର ଫାଇଲ୍ସ'ରେ ଗୋଟିଏ ବି ଅସତ୍ୟ ବାହାର କରିଦେଲେ ସେ ଫିଲ୍ମ ତିଆରି କରିବା ବନ୍ଦ କରିଦେବେ ବୋଲି ବିବେକ ଏକ ଭିଡିଓ ମେସେଜ୍‌ରେ କହିଛନ୍ତି। ବିବେକଙ୍କ ମତରେ ନିଜ ଫିଲ୍ମକୁ ଆତଙ୍କବାଦୀ ସଙ୍ଗଠନ ଓ ସହରୀ ନକ୍ସଲ ମଧ୍ୟ ପୂର୍ବରୁ ବିରୋଧ କରିଆସିଛନ୍ତି।

> ଅସତ୍ୟ ଉପରେ ସତ୍ୟର ବିଜୟ ହେବା।
> **-ଅନୁପମ ଖେର, ଅଭିନେତା**
>
> ଶେଷରେ ଘୃଣାକୁ ତିରସ୍କାର ହିଁ ମିଳିଥାଏ।
> **-ସୁପ୍ରିୟା ଶ୍ରୀନାଟେ, କଂଗ୍ରେସ ମୁଖପାତ୍ର**
>
> କଶ୍ମୀର ଫାଇଲ୍ସ ଉପରେ ବିତର୍କ ଭାରତ-ଇସ୍ରାଏଲ ସମ୍ପର୍କକୁ ଆହୁରି ମଜଭୁତ କରିବ।
> **-କୋବ୍‌ବି ଶୋଶାନି, ଭାରତରେ ଇସ୍ରାଏଲର କନ୍‌ସୁଲ ଜେନେରାଲ**
>
> ଲାପିଡ୍‌ଙ୍କ ମନ୍ତବ୍ୟ କଶ୍ମୀରୀ ହିନ୍ଦୁଙ୍କ ପାଇଁ ଏକ ଅପମାନ।
> **-ସଭିଓ ରୋଡ୍ରିଗୁଏସ୍, ଭାଜପାର ଗୋଆ ମୁଖପାତ୍ର**
>
> ଆଇଏଫ୍‌ଏଫ୍‌ଆଇ ମଞ୍ଚରେ ଲାପିଡ୍ ଯାହା କହିଛନ୍ତି, ତାହା ସମ୍ପୂର୍ଣ୍ଣ ଭାବେ ତାଙ୍କ ବ୍ୟକ୍ତିଗତ ମତ।
> **-ସୁଦୀପ୍ତୋ ସେନ, ଆଇଏଫ୍‌ଏଫ୍‌ଆଇ ଜୁରି ସଦସ୍ୟ**

## ନଦାଭ ଲାପିଡ୍ କିଏ

**'ଦି କଶ୍ମୀର ଫାଇଲ୍ସ'କୁ ନଦାଭ ଲାପିଡ୍ ସମାଲୋଚନା କରିବା ପରେ ତାଙ୍କ ସମ୍ପର୍କରେ ଗୁଗଲରେ ୟୁଜର୍ସ ତଥ୍ୟ ଖୋଜିବାରେ ଲାଗିଛନ୍ତି। ପ୍ୟାରିସ୍‌ରେ ରହୁଥିବା ଇସ୍ରାଏଲୀ ଫିଲ୍ମମେକର ଲାପିଡ୍ ପୂର୍ବରୁ ମଧ ଆଇଏଫ୍‌ଏଫ୍‌ଆଇ ଜୁରି ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଛନ୍ତି। କିନ୍ତୁ ଏପରି ବିବାଦ କେବେ ସୃଷ୍ଟି ହୋଇ ନ ଥିଲା।**



୧୯୭୫ରେ ଇସ୍ରାଏଲ୍‌ର ତେଲ-ଆଭିଭରେ ଜନ୍ମିତ ସ୍କ୍ରିନ୍ ରାଇଟର ତଥା ଫିଲ୍ମ ପ୍ରଯୋଜକ ନଦାଭ ଲାପିଡ୍ ତେଲ୍-ଆଭିଭ ୟୁନିଭର୍ସିଟିରେ ଦର୍ଶନଶାସ୍ତ୍ର ଏବଂ ପ୍ୟାରିସ୍‌ରେ ସାହିତ୍ୟ ଅଧ୍ୟୟନ କରିଥିଲେ। ସେ ୨୦୦୬ରେ ଜେରୁଜେଲମ୍‌ସ୍ଥିତ ସାମ୍ ସ୍ପିଏଜେଲ ଫିଲ୍ମ ସ୍କୁଲରେ ମଧ ପାଠ ପଢ଼ିଥିଲେ। ୪୭ ବର୍ଷୀୟ ଲାପିଡ୍ ଇସ୍ରାଏଲର ଅନେକ ଡକ୍ୟୁମେଣ୍ଟାରିରେ ସିନେମାଟୋଗ୍ରାଫର ଭାବେ ମଧ କାର୍ଯ୍ୟ କରିଥିଲେ। ତାଙ୍କ ପ୍ରଥମ ଫିଲ୍ମ 'ପୋଲିସମ୍ୟାନ୍'କୁ ୨୦୧୧ରେ ଲୋକାର୍ନୋ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ସ୍ୱତନ୍ତ୍ର ଜୁରି ପ୍ରାଇଜ ପ୍ରଦାନ କରାଯାଇଥିଲା। ଲାପିଡ୍ ୩ଟି କ୍ଷୁଦ୍ର ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଥିଲେ। ସେଗୁଡ଼ିକ ହେଲା 'ଏମିଲିଜ୍ ଗର୍ଲଫ୍ରେଣ୍ଡ୍', 'ରୋଡ୍' ଏବଂ 'ମହମୁଦ୍ ୱାର୍କ୍ସ ଇନ୍ ଦି ଇଣ୍ଡଷ୍ଟ୍ରି'। ୨୦୧୪ରେ ତାଙ୍କର ଫିଲ୍ମ 'ଦି କିଣ୍ଡରଗାର୍ଟେନ୍ ଟିଚର' ସେହିବର୍ଷର ଇଣ୍ଟରନ୍ୟାଶନାଲ କ୍ରିଟିକ୍ସ ୱିକ୍‌ରେ ପ୍ରଦର୍ଶିତ ହୋଇଥିଲା। ଏହି ଫିଲ୍ମକୁ ଇଂଲିଶ୍‌ରେ ରିମେକ୍ କରାଯାଇଥିଲା, ଯହିଁରେ ଜଣାଶୁଣା ଆମେରିକୀୟ ଅଭିନେତ୍ରୀ ମଗ୍‌ଗି ଜିଲ୍‌ଏନ୍‌ହଲ ଅଭିନୟ କରିଥିଲେ। ଏହି ଫିଲ୍ମ ଜଣେ ଶିକ୍ଷକ ଓ ତାଙ୍କର ବିସ୍ମୟ ଛାତ୍ରଙ୍କୁ ନେଇ ଗତିଶୀଳ ହୋଇଛି। ଲାପିଡ୍‌ଙ୍କ ଫିଲ୍ମ 'ସିନୋନିମ୍ସ' ୨୦୧୯ ବର୍ଲିନ୍ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ଗୋଲ୍ଡେନ୍ ବିୟର ଆୱାର୍ଡ ହାସଲ କରିଥିଲା। ୨୦୨୧ରେ ଲାପିଡ୍‌ଙ୍କ 'ଏହେଡ୍ସ ନି' ଅନ୍ତର୍ଜାତୀୟ ସ୍ତରରେ ଆଦୃତି ଲାଭ କରିଥିଲା। କାନ୍ସରେ ଏହାକୁ ଜୁରି ପ୍ରାଇଜ ଦିଆଯାଇଥିଲା।

## କ୍ଷମା ମାଗିଲେ ଇସ୍ରାଏଲ ରାଷ୍ଟ୍ରଦୂତ

ନୂଆଦିଲ୍ଲୀରେ ଅବସ୍ଥାପିତ ଇସ୍ରାଏଲୀ ରାଷ୍ଟ୍ରଦୂତ ନାଓର ଗିଲୋନ୍ ମଙ୍ଗଳବାର ନଦାଭ ଲାପିଡ୍‌ଙ୍କ ମନ୍ତବ୍ୟକୁ ଖୋଲାଖୋଲି ବିରୋଧ କରିବା ସହ ତାଙ୍କ ପାଇଁ ଭାରତକୁ କ୍ଷମା ମାଗିଛନ୍ତି। ସେ ଟୁଇଟରରେ ନଦାଭଙ୍କ ଉଦ୍ଦେଶ୍ୟରେ ଏକ ଖୋଲାଚିଠି ଜାରି କରିଛନ୍ତି। ଭାରତୀୟ ଭଉଣୀ ଭାଇମାନେ ଯେପରି ବୁଝିପାରିବେ ସେଥିଲାଗି ସେ ହିବ୍ରୁରେ ନ ଲେଖି ଇଂଲିଶରେ ଏହାକୁ ପ୍ରକାଶ କରିଛନ୍ତି। ନଭାଦ କାହିଁକି ଲଜ୍ଜିତ ହେବା ଉଚିତ ତା'ର କାରଣ ସେ ଉକ୍ତ ଚିଠିରେ ଲେଖିଛନ୍ତି। ଭାରତୀୟ ସଂସ୍କୃତିରେ ଅତିଥି ହେଉଛନ୍ତି ଭଗବାନ ସଦୃଶ। ଆଇଏଫ୍‌ଏଫ୍‌ଆଇକୁ ଜୁରି ଅଧ୍ୟକ୍ଷ ଭାବେ ନିମନ୍ତ୍ରିତ ହୋଇ ଆସିବା ପରେ ନଦାଭଙ୍କୁ ମିଳିଥିବା ସମ୍ମାନ, ବିଶ୍ୱାସ ଓ ଆତିଥ୍ୟର ସେ ଅତି ନିକୃଷ୍ଟ ଭାବେ ଦୁରୁପଯୋଗ କରିଥିବା ରାଷ୍ଟ୍ରଦୂତ କହିଛନ୍ତି।

## ୧୦ ବର୍ଷର ବାଳିକାଙ୍କୁ ବଳାତ୍କାର ପରେ ହତ୍ୟାକଲେ ନାବାଳକ

**ବେମେତାରା,୨୯।୧୧**

ଛତିଶଗଡ଼ର ବେମେତାରା ଜିଲାରେ ଜଣେ ନାବାଳକ ପଡ଼ିଶା ଘରର ଜଣେ ୧୦ ବର୍ଷର ବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ୧୭ ବର୍ଷୀୟ ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଅଟକ ରଖିଛି। ରାୟପୁରଠାରୁ ୯୦ କିଲୋମିଟର ଦୂର ବେମେତରାର ସିଟି କୋଟୱାଲି ଥାନା ଅନ୍ତର୍ଗତ ଏକ ଗାଁରେ ଶନିବାର ଏହି ଅପରାଧ ଘଟିଛି। ପୀଡ଼ିତା ରହସ୍ୟଜନକ ଭାବେ ଘର ବାହାରେ ଝୁଲୁଥିବା ଖବର ପାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଝିଅଟିକୁ ବଳାତ୍କାର କରାଯିବା ପରେ ତଣ୍ଟିଚିପି ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପଚରାଉଚରା ପରେ ପୋଲିସ ଅଭିଯୁକ୍ତଙ୍କୁ ଠାବ କରିଥିଲା। ନାବାଳକ ଜଣକ ମୋବାଇଲ୍ ଫୋନ୍‌ରେ ଅଶ୍ଳୀଳ ଫିଲ୍ମ ଦେଖିବା ପରେ ପୀଡ଼ିତାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲା ବୋଲି ପୋଲିସ ନିକଟରେ ସ୍ୱୀକାର କରିଛି। ଝିଅଟି ଅପରାଧ ସମ୍ପର୍କରେ ପରିବାରକୁ ଜଣାଇଦେବ ଭାବି ସେ ଏକ ଉତ୍ତରୀୟରେ ତାଙ୍କ ଗଳା ଚିପି ହତ୍ୟା କରି ମୃତଦେହକୁ ଝୁଲାଇ ଦେଇଥିଲେ ଏବଂ ଛାତ ଉପର ବାଟେ ଖସି ପଳାଇଥିଲେ। ଅଭିଯୁକ୍ତଙ୍କ ନାମରେ ଆଇପିସିର ଧାରା ୩୭୬, ୩୭୬ଏବି, ୩୦୨, ୨୦୧ ଏବଂ ୪୫୦ ସମେତ ପୋକ୍ସୋ ଆଇନରେ ମାମଲା ରୁଜୁ ହୋଇଛି। ସ୍ଥାନୀୟ କୋର୍ଟ ତାଙ୍କୁ ଦୁର୍ଗ ଜିଲାର ଜୁଭେନାଇଲ୍ ହୋମ୍‌କୁ ପଠାଇଦେଇଛନ୍ତି।



ବେଜିଂରେ କୋଭିଡ୍ କଟକଣା ପ୍ରତିବାଦରେ ସାଦା କାଗଜ ଧରିଛନ୍ତି ବିକ୍ଷୋଭକାରୀ।

## ଆନ୍ଦୋଳନ ପରେ ଚାଇନାର ସହରରେ ପୋଲିସ ଛାଉଣୀ

**ସାଂଘାଇ,୨୯।୧୧**

ଚାଇନାରେ ଜିରୋ-କୋଭିଡ୍ ନୀତିକୁ ବିରୋଧ କରି ବିଭିନ୍ନ ସହରରେ ଆନ୍ଦୋଳନ ଜାରି ରହିଥିବାବେଳେ ରାଜନୈତିକ ସ୍ୱାଧୀନତା ପ୍ରଦାନ ସହ ଲକ୍‌ଡାଉନ୍ କଟକଣା ହଟାଇବା ଦାବିରେ ଦେଶବ୍ୟାପୀ ର୍‍ୟାଲି ନିମନ୍ତେ ଆହ୍ୱାନ ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ଶି ଜିନ୍‌ପିଙ୍ଗ୍ ସରକାର ବେଜିଂ, ସାଂଘାଇ ସମେତ ବିଭିନ୍ନ ସହରକୁ ପୋଲିସ ଓ ସୁରକ୍ଷା ବଳ ଛାଉଣିରେ ପରିଣତ କରିଛନ୍ତି। କୋଭିଡ୍ କଟକଣା ଓ ଲକ୍‌ଡାଉନ୍‌କୁ ନେଇ ଚାଇନାରେ ଉତ୍ତେଜନା ଦେଖାଦେଇଛି। ଉତ୍ୟକ୍ତ ଲୋକେ ରାଜନୈତିକ ପରିବର୍ତ୍ତନ ନିମନ୍ତେ ଆହ୍ୱାନ ଦେଇଛନ୍ତି। ଚାଇନାର କମ୍ୟୁନିଷ୍ଟ ଶାସକ ବହୁ ଦଶନ୍ଧି ମଧ୍ୟରେ କେବେ ଏଭଳି ବିରୋଧର ସମ୍ମୁଖୀନ ହୋଇ ନ ଥିଲେ। ଆନ୍ଦୋଳନକୁ ଜାତିସଂଘ, ଆମେରିକା ଓ ଅନ୍ୟ ରାଷ୍ଟ୍ର ସମର୍ଥନ ଜଣାଇବା ପରେ ଜିନ୍‌ପିଙ୍ଗ୍ ସରକାର ଲକ୍‌ଡାଉନ୍ ପ୍ରଭାବ କମ୍ କରିବାକୁ ପଦକ୍ଷେପ ନେବେ ବୋଲି ମଙ୍ଗଳବାର କହିଛନ୍ତି। ପରିବର୍ତ୍ତିତ ସ୍ଥିତି ସହ ଜିରୋ-କୋଭିଡ୍ ନୀତିକୁ ବଦଳାଇବାକୁ ଉଦ୍ୟମ ହେଉଛି। ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷିତ ରଖି ଲକ୍‌ଡାଉନ୍ ଯେପରି ସାମାଜିକ-ଅର୍ଥନୈତିକ ବିକାଶ ଉପରେ ପ୍ରଭାବ ନ ପକାଇବ ସେଥିପାଇଁ ପଦକ୍ଷେପ ନିଆଯାଉଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍ କହିଛନ୍ତି।

କଠୋର କୋଭିଡ୍ କଟକଣାକୁ ନେଇ ଦୀର୍ଘଦିନ ହେଲା ଜନ ଅସନ୍ତୋଷ ଲାଗି ରହିଥିଲା। ଗତ ସପ୍ତାହରେ ଉରୁମ୍‌କି ଅଗ୍ନିକାଣ୍ଡରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। କୋଭିଡ୍ କଟକଣା ଯୋଗୁ ନିଆଁଲିଭା ଓ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେବାରୁ ୧୦ ଜଣଙ୍କ ଜୀବନ ଗଲା ବୋଲି ଅଭିଯୋଗ କରି ଲୋକେ ରାସ୍ତାକୁ ଓହ୍ଲାଇଥିଲେ।

## କୁରୁକ୍ଷେତ୍ରରେ ଅନ୍ତର୍ଜାତୀୟ ଗୀତା ମହୋତ୍ସବ

### ଉଦ୍‌ଘାଟନ କଲେ ରାଷ୍ଟ୍ରପତି

**କୁରୁକ୍ଷେତ୍ର,୨୯।୧୧(ଆଇଏଏନ୍‌ଏସ୍)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ହରିୟାଣାର କୁରୁକ୍ଷେତ୍ରରେ ଅନ୍ତର୍ଜାତୀୟ ଗୀତା ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି। ପୁରୁଷୋତ୍ତମପୁର ବାଗ୍‌ରେ ଥିବା ଶ୍ରୀକୃଷ୍ଣଙ୍କ ରଥ ନିକଟରେ ରାଷ୍ଟ୍ରପତି ଯଜ୍ଞ କରିଥିଲେ। ଏହି କାର୍ଯ୍ୟକ୍ରମରେ ହରିୟାଣା ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ ଏବଂ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ଉପସ୍ଥିତ ଥିଲେ। ଏଥିସହିତ ରାଷ୍ଟ୍ରପତି ମୁର୍ମୁ ପୁରୁଷୋତ୍ତମ ବାଗ୍‌ରେ ନିର୍ମିତ ଗୀତା ଶିଳ୍ପ ଉଦ୍ୟାନକୁ ଉଦ୍‌ଘାଟନ କରିଛନ୍ତି।



କୁରୁକ୍ଷେତ୍ରରେ କୃଷ୍ଣ-ଅର୍ଜ୍ଜୁନ ବ୍ରୋଞ୍ଜ ରଥ ପ୍ରତିମୂର୍ତ୍ତି ଆଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ହରିୟାଣା ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ ଏବଂ ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟାର।

# କାର୍ ସହ ଶର୍ମିଳାଙ୍କୁ ଟାଣିନେଲା କ୍ରେନ୍

### କେସିଆର୍‌ଙ୍କ ଘରକୁ ଯିବାବେଳେ ଗିରଫ

**ହାଇଦ୍ରାବାଦ,୨୯।୧୧**

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନମୋହନ ରେଡ୍ଡୀଙ୍କ ଭଉଣୀ ତଥା ୱାଇଏସ୍‌ଆର୍ ତେଲଙ୍ଗାନା ପାର୍ଟି (ୱାଇଏସ୍‌ଆର୍‌ଟିପି) ନେତ୍ରୀ ଶର୍ମିଳା ହାଇଦ୍ରାବାଦରେ ମଙ୍ଗଳବାର ପଦଯାତ୍ରାରେ ବାହାରିଥିବାବେଳେ ପୋଲିସ କ୍ରେନ୍ ସହାୟତାରେ ତାଙ୍କ କାର୍‌କୁ ରାସ୍ତାରୁ ଉଠାଇନେଇଛି। ଏହି ସମୟରେ ଶର୍ମିଳା କାର୍‌ରେ ବସିଥିଲେ। ଥାନାରେ ଶର୍ମିଳା କାର୍‌ରୁ ବାହାରିବାକୁ ମନା କରିଦେବାରୁ ଏସ୍‌ୟୁଭି ଡୋର୍ ଖୋଲିବା ପାଇଁ ପୋଲିସ ତାଲା ମରାମତି କରୁଥିବା ଜଣେ ଲୋକଙ୍କୁ ଡାକିଥିଲା। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ବାସଭବନ ଅଭିମୁଖେ ପଦଯାତ୍ରା ଉଦ୍ୟମ ଅଭିଯୋଗରେ ତାଙ୍କୁ ମଙ୍ଗଳବାର ଦ୍ୱିତୀୟ ଥର ପାଇଁ ଗିରଫ କରାଯାଇଛି।

ଝିଅଙ୍କୁ ଭେଟିବା ପାଇଁ ୱାଇଏସ୍ ବିଜୟଲକ୍ଷ୍ମୀ ହାଇଦ୍ରାବାଦ ଘରୁ ବାହାରିବାକୁ ଉଦ୍ୟମ କରୁଥିବାବେଳେ ତାଙ୍କୁ ଗୃହବନ୍ଦୀ କରାଯାଇଛି। ସୋମବାର ୱାରାଙ୍ଗଲ୍‌ରେ ଶର୍ମିଳାଙ୍କ ଗାଡ଼ି ଉପରେ ଶାସକ ଟିଆର୍‌ଏସ୍ ସମର୍ଥକମାନେ ଆକ୍ରମଣ କରିଥିଲେ। ଏହାକୁ ନେଇ ପଦଯାତ୍ରାରେ ଉତ୍ତେଜନା ଦେଖାଦେଇଥିଲା। ପରେ ପୋଲିସ ଶର୍ମିଳାଙ୍କ ସମେତ ପଦଯାତ୍ରାରେ ସାମିଲ ଥିବା ଦଳୀୟ ନେତା ଓ କର୍ମୀଙ୍କୁ ଗିରଫ କରିଥିଲା। ଟିଆର୍‌ଏସ୍ ସମର୍ଥକଙ୍କ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ଏକ କାର୍ ଚଳାଇ ମଙ୍ଗଳବାର ସକାଳେ ଶର୍ମିଳା ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ପ୍ରଗତି ଭବନ ଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ରାସ୍ତାରୁ ତାଙ୍କ ସହ କାର୍‌କୁ ଉଠାଇ ନେଇଥିଲା। କ୍ରେନ୍‌ରେ କାର୍‌କୁ ଟାଣିନିଆଯାଉଥିବାବେଳେ ପଛରେ ସମର୍ଥକ ଓ ଗଣମାଧ୍ୟମ ପ୍ରତିନିଧି ଦୌଡୁଥିବା ଦେଖାଯାଇଛି।



କାର୍‌ରେ ୱାଇଏସ୍‌ଆର୍‌ଟିପି ମୁଖ୍ୟ ଶର୍ମିଳା।

ଗତ ରବିବାର ନରସମପେଟ୍‌ଠାରେ ଏକ ଜନସଭାକୁ ଉଦ୍‌ବୋଧନ ଦେଇ ଶର୍ମିଳା ସ୍ଥାନୀୟ ଟିଆର୍‌ଏସ୍ ବିଧାୟକ ପେଦ୍ଧି ସୁଦର୍ଶନ ରେଡ୍ଡୀଙ୍କୁ ସମାଲୋଚନା କରିଥିଲେ। ତାଙ୍କ ମନ୍ତବ୍ୟ କେସିଆର୍‌ଙ୍କ ଦଳର କର୍ମୀମାନଙ୍କୁ କ୍ଷୁବ୍ଧ କରିଥିଲା ଓ ସୋମବାର ସେମାନେ ୱାଇଏସ୍‌ଆର୍ ତେଲଙ୍ଗାନା ପାର୍ଟିର ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଆକ୍ରମଣକାରୀଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଶର୍ମିଳା ଓ ତାଙ୍କ ସହ ପଦଯାତ୍ରାରେ ସାମିଲ ହୋଇଥିବା ଦଳୀୟ ନେତା ଓ କର୍ମୀଙ୍କୁ ଗିରଫ କରିଥିଲା।

# ସୋରିଷରେ ପାଉଁଶିଆ ରୋଗ ଦମନ

**ସୋ**ରିଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ଜାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ



ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ଲାଗି ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ । କରତିଆ ମାଛି/ପତ୍ରଛଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ଗହମ ଚାଷରେ କୋଡ଼ାଖୁସା

**ଗ**ହମ ବୁଣିବାର ୨୧ ଦିନ ପରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ । ଗହମ ଫସଲରେ ମୁକୁଟ ବା ଶିଖା ଚେର ବାହାରିବା ସମୟ ହେଉଛି ଫସଲର ଜଳ ଆବଶ୍ୟକତାର ସଙ୍କଟ କାଳ । ତେଣୁ ମାଟିର ବତରକୁ ଚାହିଁ ଜଳସେଚନ ବ୍ୟବସ୍ଥା କରନ୍ତୁ । ମଞ୍ଜି ଗଜା ହେବାର ୨୧ ଦିନ ପରେ ହେକ୍ଟର ପ୍ରତି ୨୫–୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ସଅଳ ବୁଣା ହୋଇଥିବା ଗହମ ୩୫ ଦିନର ହୋଇଥିଲେ ହେକ୍ଟର ପ୍ରତି ୨୫–୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।



# ରବି ଚିନାବାଦାମ ଚାଷ

**ର**ବି ଚିନାବାଦାମ ଚାଷ ପାଇଁ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୦ କି.ଗ୍ରା.ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୪୦ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ । ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨.୫ ଗ୍ରାମ୍ କ୍ୟାପ୍‌ଟାନ୍ କିମ୍ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ । ଖରାଦିନିଆ ଚିନାବାଦାମ ଚାଷପାଇଁ ଜଳସେଚନର ସୁବିଧା ଥିବା ନିଗିଡ଼ା ବାଲିଆ ଜମି ଚୟନ କରନ୍ତୁ ।



# ଧାନ କାଟିବା ପୂର୍ବରୁ...

## ଡିସେମ୍ବର ମାସ କୃଷି ସୂଚନା



**ଧା**ନ କାଟିବାର ୧ ସପ୍ତାହ ପୂର୍ବରୁ କିଆରିରୁ ଜଳ ନିଷ୍କାସନ କରିଦିଅନ୍ତୁ । ଧାନରେ କେଣ୍ଡାକଟା ପୋକ ଦେଖାଦେଲେ ଅପରାହ୍ନରେ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫% ଏସ୍‌ସି କିମ୍ବା ୧ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଭାଗ ସେଚଗୁଣ୍ଡ ସିଞ୍ଚନ କରନ୍ତୁ ଓ ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ସନ୍ଧ୍ୟାରେ ହୁଡ଼ା ଉପରେ ସିଞ୍ଚନ କରନ୍ତୁ । ଡାଲୁଆଧାନ ବିହନକୁ ୨୪ ଘଣ୍ଟା ପାଣିରେ ଭିଜାଇ, ଗଜାକରି ଗାଲି ଫିଂଚିବା ପରେ କାଦୁଅ ତଳିପଟିରେ ବୁଣନ୍ତୁ । ତଳିପଟିର ଓସାର ୩–୪ ଫୁଟ ରଖନ୍ତୁ। ପ୍ରତି ପଟି ପରେ ୧ ଫୁଟ ନାଳୀ ରଖନ୍ତୁ। ତଳିଘରା ପାଇଁ ୧୦ ଡେସିମିଲ ତଳିପଟିରେ ୪୦ ଝୁଡ଼ି ଶଢ଼ା ଗୋବରଖତ, ୧୨ କି.ଗ୍ରା. ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨ କି.ଗ୍ରା. ମ୍ୟୁରେଟ ଅଫ୍ ପଟାସ ସାର ଶେଷଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦିଅନ୍ତୁ। ବିହନରୁ କଣ୍ଡା ଓ ଅଗାଡ଼ି ବାହାର କରିବା ପାଇଁ ଲୁଣପାଣି ଉପଚାର କରନ୍ତୁ। ଧାନର ସହଳ କିସମ ମଧ୍ୟରେ ରହିଛି ପାରିଜାତ, ଖଣ୍ଡଗିରି, ଯୋଗେଶ, ସିଦ୍ଧାନ୍ତ, ମନ୍ଦାକିନୀ, ପଥରା, ଜ୍ୟୋତିର୍ମୟୀ, ସହଭାଗୀ ଧାନ। ମଧ୍ୟମ କିସମଗୁଡ଼ିକ ହେଉଛି ଲଲାଟ, ତପସ୍ୱିନୀ, ତେଜସ୍ୱିନୀ, ମନସ୍ୱିନୀ, ନବୀନ, ଏସ୍‌ଟିୟୁ–୧୦୦୧। ଏହି ମାସ ଶେଷଶୁଦ୍ଧା ଡାଲୁଆଧାନ ପାଇଁ ତଳି ପକାଇବା କାମ ଶେଷ କରନ୍ତୁ । ତଳି ପକାଇବା ପାଇଁ ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ । ବିହନ ବିଶୋଧନ ପାଇଁ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୧ କି.ଗ୍ରା. ବିହନ ପ୍ରତି ବ୍ୟବହାର କରନ୍ତୁ ।

**ସୂର୍ଯ୍ୟମୁଖୀ :** ସୂର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶୁଁବାଲୁଆ, ଧଳାମାଛି, ଥ୍ରିପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷ କରି ଥ୍ରିପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ଏକ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ। ସକାଳ ସମୟରେ କୌଣସି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା– ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ ବିଷାକ୍ତ ଔଷଧ ପ୍ରୟୋଗ କରନ୍ତୁ ନାହିଁ । ନିମଜାତୀୟ ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।

**କପା :** ବକରା ଫାଟିବାର ୪୦ ଦିନ ମଧ୍ୟରେ ୪ ରୁ ୫ ଥର ଅମଳ କରନ୍ତୁ । କାକର ପଡୁଥିଲେ ଦିନ ୧୦ଟା ପରେ ଅମଳ କରନ୍ତୁ । ଅମଳ କରି ପ୍ରଥମ ତୋଳା, ପରବର୍ତ୍ତୀ ତୋଳାଗୁଡ଼ିକୁ ଅଲଗା ଅଲଗା ଶୁଖାଇ ବସ୍ତାରେ ରଖନ୍ତୁ ।

**ପିଆଜ :** ତଳିଗୁଡ଼ିକ ୧୨–୧୫ ସେ.ମି. ଉଚ୍ଚ ହୋଇଗଲେ ସେଗୁଡ଼ିକ ଉପରବେଳା ଉପାଡ଼ି ଲଗାନ୍ତୁ । ତଳି ରୋଇବାର ଦୁଇଦିନ ଆଗରୁ ହେକ୍ଟର ପ୍ରତି ୬୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ଫସ୍‌ଫରସ୍ ଓ ୧୦୦ କି.ଗ୍ରା. ପଟାସ୍ ମୂଳସାର ଭାବେ ପ୍ରୟୋଗ କରି ପଟାଳି ପ୍ରସ୍ତୁତ କରନ୍ତୁ । ଉକୁଣିପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଫଳଚାଷ :** ଆମ୍ବ ବଉଳର ସୁରକ୍ଷା ପାଇଁ ବଉଳ ଆସିବାର ୭ ରୁ ୧୫ ଦିନ ପୂର୍ବରୁ ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ ୧ ଲିଟର ପାଣିରେ ଗୋଳାଇ ପତ୍ର ଓ ଡାଳରେ ଭଲଭାବେ ସିଞ୍ଚନ କରନ୍ତୁ । ବଉଳ ହେବାର ୭ ଦିନ ପରେ ଓ ଆମ୍ବଚଣା କଷି ଅବସ୍ଥାରେ ଏହାକୁ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହିତ ଆଉଥରେ ସିଞ୍ଚନ କରନ୍ତୁ । ଅଷ୍ଟପଦୀରୁ ରକ୍ଷା ପାଇବା ପାଇଁ ୧ ମି.ଲି. ସ୍ପିରୋମେସିଫେନ୍ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ପ୍ରାଣୀପାଳନ :** ଶୀତଦିନେ ଗାଈଙ୍କଠାରେ ଭୂତାଣୁଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ । ତେଣୁ ଫାଟୁଆ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଟିକା ଦିଅନ୍ତୁ । ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଥିବା ଘରର ଜାଳି କିମ୍ବା ଝରକାରେ ବସ୍ତା ଝୁଲାଇଲେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷା ପାଇବେ। ଛେଳି ଥିବା ଘରେ ତଳେ ଭାଡ଼ି ବା ବାଉଁଶ ଚାଞ୍ଚଡ଼ାର ବନ୍ଦୋବସ୍ତ କଲେ ଛେଳିମାନଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ। ଜଳସେଚନ ସୁବିଧା ଥିବା ଅଞ୍ଚଳରେ ଓ ଅଧିକ ଥଣ୍ଡା ପଡୁଥିବା ଅଞ୍ଚଳରେ ଏହି ମାସ ବର୍ସିମ୍ ଏବଂ ଓଟ୍ ଘାସ ଚାଷ କରନ୍ତୁ ।

**ମତ୍ସ୍ୟଚାଷ :** ୧ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ୧୨୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ସହିତ ୩ କି.ଗ୍ରା ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ଖାଇବାକୁ ଦିଅନ୍ତୁ । ପୋଖରୀରେ ଜୈବିକ ସାର ପ୍ରୟୋଗର ୭ ଦିନ ପୂର୍ବରୁ ଅମ୍ଳତା ୭.୫ ରୁ କମ୍ ଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୧୦୦ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ପୋଖରୀର ନିମ୍ନସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ, ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ ।

–କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର –୩

## ଆଖୁରେ ଶର୍କରା ଅଂଶ ପରୀକ୍ଷା



**ଆ**ଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଆବଶ୍ୟକ। ଆଖୁ ଗଛକୁ ଧାରୁଆ କତୁରିରେ ଭୂମି ପତନ ସହ ସମାନକରି କାଟିଦିଅନ୍ତୁ। ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ । ମୂଳିଆଖୁ ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗିଦିଅନ୍ତୁ । ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନକରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବର ଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ । ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୭୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍‌ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ଗେଣ୍ଡୁଫୁଲ ପାଇଁ ପଟାଳି



**ଖ**ରାଦିନିଆ ଗେଣ୍ଡୁଚାଷ ପାଇଁ ପଟାଳି ପ୍ରସ୍ତୁତ କରି ସିରାକୋଲ୍ ବି.ଏମ୍.–୨ ଏବଂ ବି.ଏମ୍.–୩ କିସମର ଗେଣ୍ଡୁଚାରା ଲଗାନ୍ତୁ । ଡେଙ୍ଗା କିସମଗୁଡ଼ିକ ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଏବଂ ବାମନ କିସମଗୁଡ଼ିକ ଧାଡ଼ିକୁ ଧାଡ଼ି ୨୦–୩୦ ସେ.ମି. ଓ ଗଛକୁ ଗଛ ୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଗୋଲାପ ଗଛ କାଟଛାଣ୍ଟ ପରେ ଉକୁଣିଆ ଓ ଜଉପୋକ ଦମନ ପାଇଁ ୨ ମି.ଲି. ଡାଇମିଥଏଟ୍ ବା ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଗେଣ୍ଡୁ ଫୁଲ ଚାଷରେ ପତ୍ରପୋଡ଼ା, କଢ଼ ଶଢ଼ା, ଫୁଲଶଢ଼ା ରୋଗ ପାଇଁ କାର୍ବେଣ୍ଡାଜିମ୍ ୧ ଗ୍ରାମ୍ / ମାଙ୍କୋଜେବ୍ ୨.୫ ଗ୍ରାମ୍ /୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ନୂଆ ଗେଣ୍ଡୁର କିସମ – ସିରାକୋଲ୍, ଜାଏଣ୍ଟ ଡବଲ୍ ଆଫ୍ରିକାନ୍ ୟେଲୋ, ଜାଏଣ୍ଟ ଡବଲ୍ ଆଫ୍ରିକାନ୍ ଅରେଞ୍ଜ, ବି.ଏମ୍.–୨ ଏବଂ ବି.ଏମ୍.–୩ । ଚାରା ମାସକର ବା ୪୦ ଦିନର ହୋଇଥିଲେ ଅଗ୍ରମୁକୁଳ ଭାଙ୍ଗି ଦିଅନ୍ତୁ। ମୂଳସାର ଦେବାର ୧ ମାସ ପରେ କୋଡ଼ାଖୁସା କରି ହେକ୍ଟର ପ୍ରତି ୧୦୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଗ୍ଲାଡିଓଲସ୍ ଚାଷ କରିଥିଲେ ଦୁଇ ପତ୍ର ଅବସ୍ଥାରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଏବେ ବି ଗ୍ଲାଡିଓଲସ୍ ଲଗାଇପାରିବେ । ଲଗାଇବା ପୂର୍ବରୁ କନ୍ଦାକୁ ଶତକଡ଼ା ୦.୨ ଭାଗ କାର୍ବେଣ୍ଡାଜିମ୍‌ରେ ଅଧଘଣ୍ଟାଏ ପର୍ଯ୍ୟନ୍ତ ବୁଡ଼ାଇ ଲଗାନ୍ତୁ । ଲିଲିୟମ୍‌ର କନ୍ଦା ସଂଗ୍ରହକରି ଶତକଡ଼ା ୦.୨ ଭାଗ କାର୍ବେଣ୍ଡାଜିମ୍‌ରେ ଅଧଘଣ୍ଟାଏ ପର୍ଯ୍ୟନ୍ତ ବୁଡ଼ାଇ ଲଗାନ୍ତୁ ।

# ଆଳୁରେ ହୁଡ଼ା ଟେକୁଥିଲେ...



**ଆ**ଳୁ ଫସଲ ୨–୩ ସପ୍ତାହର ହୋଇଯାଇଥିଲେ ପ୍ରଥମ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଏହି ସମୟରେ ୫୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ପଟାସ୍ ଆଳୁ ଗଛରେ ଧାଡ଼ିରେ ଦୁଇପାଖରେ ୭–୧୦ ସେ.ମି. ଦୂରତାରେ ୨–୩ ସେ.ମି. ଗଭୀରରେ ପ୍ରୟୋଗ କରନ୍ତୁ । ଆଳୁ ଫସଲକୁ ସଅଳ ପତ୍ରପୋଡ଼ା ରୋଗରୁ ରକ୍ଷା ପାଇବା ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଆଗତୁରା ଆଳୁଗଛରେ ଭଲଭାବରେ ସିଞ୍ଚନ କରନ୍ତୁ । ସିଞ୍ଚନ ବେଳେ ଏହାର ପତ୍ରର ଉପର ଓ ତଳପାଖରେ ପଡ଼ିବା ଆବଶ୍ୟକ। ଅନ୍ୟପକ୍ଷରେ ପିଆଜ ଫସଲରେ ଗଛ ରୋଇବାର ୩ ଦିନ ପୂର୍ବରୁ ହେକ୍ଟର ପ୍ରତି ୧୦୦୦ ମି.ଲି. ବାସାଲିନ୍‌କୁ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ ବା ୧୫୦୦ ମି.ଲି. ଟ୍ରିବୁଲିନ୍ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଏହାଦ୍ୱାରା ଅନାବନା ଘାସ ଦାଉରୁ ରକ୍ଷା ମିଳିଥାଏ। କୋବି ଜାତୀୟ ଫସଲରେ ବନ୍ଧାକୋବିର ବିନ୍ଧାପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି କୀଟର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ଲିଟର ଫିପ୍ରୋନିଲ୍ କିମ୍ବା ୨୦୦ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜଏଟ୍ ବା ୫୦୦ ଗ୍ରାମ୍ ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଶୀତଦିନରେ ଭଲଭାବରେ ବଢୁଥିବା ପୋଦିନା, ଧନିଆ, ମେଥି, କୋଶଳା, ପାଳଙ୍ଗ ଆଦି ଶାଗ ଚାଷ କରନ୍ତୁ । ମଝିଆଳି କିସମ ଫୁଲକୋବିରେ ଲିଟର ପ୍ରତି ୩ ଗ୍ରାମ୍ ହିସାବରେ ବୋରନ୍ ସିଞ୍ଚନ କରନ୍ତୁ ।

# ଶୀତଦିନେ ଗୃହପାଳିତ ପ୍ରାଣୀଙ୍କ ଯତ୍ନ



ଡା. ନିରାକାର ଜେନା

**ଆ**ମ ରାଜ୍ୟରେ ସାଧାରଣତଃ ଡିସେମ୍ବର ଏବଂ ଜାନୁୟାରୀରେ ଜଳବାୟୁର ତାପମାତ୍ରା ବହୁ ତଳକୁ ଖସିଯାଇଥାଏ। ଏପରି କି ଅନେକ ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ତଳେ ଥାଏ। ଅତ୍ୟଧିକ ଥଣ୍ଡା ଯୋଗୁ ଗୃହପାଳିତ ପ୍ରାଣୀମାନେ ଥଣ୍ଡା, ଜ୍ୱର, କାଶ ସହ ଫାଟୁଆ, ସାହାଣା, ବଜବଜିଆ, ପିପିଆର୍, ରେନିଟି ଭଳି ରୋଗରେ ଆକ୍ରାନ୍ତ ହେବା ସଙ୍ଗେ ସଙ୍ଗେ ସେମାନଙ୍କର ଉତ୍ପାଦିକା କ୍ଷମତାରେ ମଧ୍ୟ ବ୍ୟାହତ ଘଟିଥାଏ। ତେଣୁ ଏହି ସମୟରେ ଗୋପାଳକ ତଥା ଗାଈ ଫାର୍ମ କରିଥିବା ବ୍ୟକ୍ତି ବିଶେଷଭାବେ ସତର୍କ ରହିବା ଆବଶ୍ୟକ। ଶୀତଦିନେ ଗୃହପାଳିତ ପ୍ରାଣୀଙ୍କ ଉପଯୁକ୍ତ ଯତ୍ନ ଲାଗି ନିମ୍ନଲିଖିତ ଦିଗ ପ୍ରତି ଧ୍ୟାନଦେବା ଜରୁରୀ।

**ଗୁହାଳ ପରିଚାଳନା ଏବଂ ଆଖପାଖ ପରିବେଶର ପରିବର୍ତ୍ତନ**

➤ ଶୀତଦିନେ ଗୃହପାଳିତ ପ୍ରାଣୀ ରହୁଥିବା ଗୁହାଳ ତଥା ଆଖପାଖ ପରିବେଶରେ ସାମାନ୍ୟ ପରିବର୍ତ୍ତନ ହେବା ଆବଶ୍ୟକ।

➤ ଅତ୍ୟଧିକ ଥଣ୍ଡା ସମୟରେ ଗୃହପାଳିତ ପ୍ରାଣୀଙ୍କୁ ଘରେ ବାନ୍ଧି ରଖିବା ଆବଶ୍ୟକ। ଏହି ସମୟରେ ବାହାରକୁ ଚରିବାକୁ ଛାଡ଼ନ୍ତୁ ନାହିଁ। ସେମାନଙ୍କୁ ସନ୍ଧ୍ୟା ପୂର୍ବରୁ ଗୁହାଳକୁ ନେଇ ଆସନ୍ତୁ।

➤ ଗୁହାଳର ଝରକା, କବାଟ, କାନ୍ଥ, ଛାତକୁ ଶୀତଦିନ ପୂର୍ବରୁ ମରାମତି କରିଦିଅନ୍ତୁ। ଖୋଲା ଗୁହାଳ ପ୍ରଣାଳୀରେ ଗୃହପାଳିତ ପ୍ରାଣୀ ରଖୁଥିଲେ, ଗୁହାଳ ଚାରିପଟେ ଅଖା, ପଲିଥିନ୍ କିମ୍ବା ଶୁଖିଲା ନଡ଼ା ଓ ଘାସରେ ତିଆରି ତାଟି ଦ୍ୱାରା ଆବଦ୍ଧ କରିବା ଆବଶ୍ୟକ।



➤ ଗୁହାଳ ମଧ୍ୟକୁ ସୂର୍ଯ୍ୟକିରଣ ଓ ବାୟୁ ଚଳାଚଳ ଠିକ୍ ଭାବରେ ହେବା ପାଇଁ ଧ୍ୟାନଦେବା ଦରକାର।

➤ ଅତ୍ୟଧିକ ଥଣ୍ଡା ସମୟରେ ଗୃହପାଳିତ ପ୍ରାଣୀଙ୍କୁ ବିଶେଷକରି ଛୋଟ, ବୟସ୍କ ଏବଂ ଗର୍ଭିଣୀ ପ୍ରାଣୀଙ୍କୁ ଅଖା, କମ୍ବଳ ମାଧ୍ୟମରେ ଢଙ୍କାଇବା ଜରୁରୀ।

➤ ଗୁହାଳ କିମ୍ବା ଗୁହାଳର ଚଟାଣ ସନ୍ତସନ୍ତିଆ କି ଓଦା ନ ହେବା ପାଇଁ ଯତ୍ନବାନ ହେବା ଆବଶ୍ୟକ। ସେଥିପାଇଁ ଗୁହାଳଟି ଉଚ୍ଚା ସ୍ଥାନରେ ନିର୍ମିତ ହେବା ସହ ମଳ, ମୂତ୍ର ଆଦି ନିଷ୍କାସନର ସୁବନ୍ଦୋବସ୍ତ କରିବା ଦରକାର। ଗୁହାଳ ସନ୍ତସନ୍ତିଆ ରହିଲେ ପ୍ରାଣୀଙ୍କଠାରେ ଝାଡ଼ା, ଜ୍ୱର, ନିମୋନିଆ, ହାଇପୋଥର୍ମିଆ ଆଦି ରୋଗ ସୃଷ୍ଟି ହୋଇଥାଏ।

➤ ଗୁହାଳ ଚଟାଣ ପକ୍କା ବା କଂକ୍ରିଟ ହୋଇଥିଲେ ପ୍ରାଣୀଙ୍କୁ ଥଣ୍ଡାରୁ ରକ୍ଷା ପାଇଁ ଚଟାଣ ଉପରେ ୪–୬ ଇଞ୍ଚ ବହଳର ଶୁଖିଲା ବାଲି, କାଠଗୁଣ୍ଡ, କୁଟା, ଶୁଖିଲା ଘାସପତ୍ର ଆଦି ପକାଇବା ଦରକାର।

➤ ଗୁହାଳରେ ପ୍ରାଣୀଙ୍କ ଗହଳି କରିବା ଅନୁଚିତ। ଗହଳି ହେବା ଫଳରେ ନିମୋନିଆ ଭଳି ଶ୍ୱାସଜନିତ ରୋଗ ସୃଷ୍ଟି ହେବାର ଆଶଙ୍କା ବଢିଥାଏ।

**ବାୟୁ ଚଳାଚଳର ସୁବନ୍ଦୋବସ୍ତ**

➤ ଗୁହାଳ ମଧ୍ୟରେ ପରିବେଶ ଠିକ୍ ରଖିବା ପାଇଁ ଦୈନିକ ଦୁଇଥର ଗୁହାଳକୁ ସଫା କରିବା ଆବଶ୍ୟକ।

➤ ପ୍ରାଣୀଙ୍କୁ ପ୍ରତ୍ୟେକ ଦିନ ସଫା କପଡ଼ାରେ କିମ୍ବା ବ୍ରସ୍ ଦ୍ୱାରା ସଫା କରନ୍ତୁ।

➤ ପ୍ରାଣୀଙ୍କ ଲୋମକୁ ଶୀତଦିନରେ କାଟିବା ଅନୁଚିତ।

➤ ପ୍ରାଣୀମାନଙ୍କୁ ଥଣ୍ଡା ପାଣିରେ ନ ଗାଧୋଇବା ଭଲ।

**ସୁଷମ ଖାଦ୍ୟ ପରିଚାଳନା :** ଶୀତଦିନେ ସାଧାରଣତଃ ଗୃହପାଳିତ ପ୍ରାଣୀଙ୍କର ଖାଦ୍ୟ ଆବଶ୍ୟକତା ବଢ଼ିଥାଏ। ଏହି ସମୟରେ ସେମାନଙ୍କୁ ଛୁଇଁଜାତୀୟ ବର୍ସିମ ସବୁଜଘାସ ସହ ତନ୍ତୁଜାତୀୟ ନଡ଼ା, କୁଟା ଓ ଗହମ ଭୁଷି ଦେବା ଭଲ। ୧୦ଲିଟର ଦୁଗ୍ଧ ପ୍ରଦାନ କରୁଥିବା ଗୋଟିଏ ବଡ ଗାଈକୁ ଶୀତଦିନେ ୨୫–୩୦ କି.ଗ୍ରା. ଛୁଇଁଜାତୀୟ ସବୁଜ ଗୋଖାଦ୍ୟ ଦେବା ସଙ୍ଗେ ସଙ୍ଗେ ୧୦ କି.ଗ୍ରା. ନଡ଼ା ଓ ୩ କି.ଗ୍ରା. ସନ୍ତୁଳିତ ଦାନା ଦେଲେ ଭଲ ଲାଭ ମିଳିଥାଏ। ଦାନା ମଧ୍ୟରେ ମକା, ଗହମ, ଓଟ୍ ସହିତ ବାଦାମ, ପିଡ଼ିଆ, ସୋରିଷ ପିଡ଼ିଆ ଆଦି ଗୃହପାଳିତ ପ୍ରାଣୀଙ୍କ ଶରୀରକୁ ଉଷ୍ମ ରଖିଥାଏ। ଛୋଟ ଛୋଟ ପ୍ରାଣୀ ଏବଂ ବାଛୁରୀଙ୍କୁ ଦିନକୁ ୩/୪ ଥର ମା' କ୍ଷୀର ପିଇବାକୁ ଦିଅନ୍ତୁ। ପ୍ରାଣୀଙ୍କୁ ଏଦିନେ ଅତ୍ୟଧିକ ଥଣ୍ଡା ପାଣି ପିଇବାକୁ ନ ଦେଇ ନଖ ଉଷୁମ ପାଣି ପିଇବାକୁ ଦିଅନ୍ତୁ।

–ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ, ତିହିଡି, ଭଦ୍ରକ

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ:** କ୍ରମାଗତ ୬ଷ୍ଠ ଦିନ ଲାଗି ଷ୍ଟକ୍ ବଜାରର ଫଳାଫଳ ଭଲ ରହିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ ନିବେଶକଙ୍କ ମନରେ ଉତ୍ସାହ ଭରି ଦେଇଛି। ମଙ୍ଗଳବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୧୭୭(୧୭୭.୦୪) ପଏଣ୍ଟ ବଢ଼ି ୬୨,୬୮୨ (୬୨,୬୮୧.୮୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ ୫୫ (୫୫.୩୦) ପଏଣ୍ଟ ବୃଦ୍ଧି ଘଟି ୧୮,୬୧୮ (୧୮,୬୧୮.୦୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଡୁଗୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଗୋଦ୍ରେଜ୍‌ର ନୂତନ ଉତ୍ପାଦ ଉନ୍ମୋଚିତ

**ନୂଆଦିଲ୍ଲୀ,୨୯।୧୧:** ଗୋଦ୍ରେଜ୍ ଆପ୍ଲାଏନ୍ସେସ୍‌ର ନୂତନ ଉତ୍ପାଦ 'ଗୋଦ୍ରେଜ୍ ୫-ଷ୍ଟାର ରେଟେଡ୍ ଇଅନ୍ ଭେଲ୍‌ଭେଟ୍ ସିରିଜ୍ ୱାଶିଂମେଶିନର ଉନ୍ମୋଚନ ନିକଟରେ ହୋଇଯାଇଛି। ଏପରିକି କମ୍ପାନୀର ଫୁଲି ଅଟୋମେଟିକ୍ ଟପ୍-ଲୋଡ୍ ୱାଶିଂମେଶିନର ପ୍ରିମିୟମ ବର୍ଗମାଳାର ସମ୍ପ୍ରସାରଣ ମଧ କରାଯାଇଛି। ବିଶେଷ କରି ଉନ୍ନତ ପ୍ରଯୁକ୍ତି ସହ ସ୍ୱାସ୍ଥ୍ୟ ଏବଂ ପରିମଳ ସୁବିଧା ସୁଯୋଗକୁ ନେଇ ଏହା ସମସାମୟିକ ଗ୍ରାହକମାନଙ୍କ ଲାଗି ଏକ ପସନ୍ଦର ଉତ୍ପାଦ ହୋଇପାରିଛି। ଗୋଦ୍ରେଜ୍ ଇଅନ୍ ଭେଲ୍‌ଭେଟ୍ ସିରିଜ୍ ୱାଶିଂ ମେଶିନରେ ବହୁ ଉନ୍ନତ ପ୍ରକାର ସୁବିଧା ସୁଯୋଗ ରହିଛି।

ଏ ସମ୍ପର୍କରେ ଗୋଦ୍ରେଜ୍ ଆପ୍ଲାଏନ୍ସେସ୍‌ର ବ୍ୟବସାୟ ମୁଖ୍ୟ ଏବଂ କାର୍ଯ୍ୟନିର୍ବାହୀ ଉପସଭାପତି କମଲ ନନ୍ଦୀ କହିଛନ୍ତି, ସମଗ୍ର ଭୌଗୋଳିକ ଅଞ୍ଚଳ ଏବଂ ଚ୍ୟାନେଲ୍‌ରେ ପ୍ରିମିୟମ ଉତ୍ପାଦରେ ଅଭିବୃଦ୍ଧି ହେଉଥିବା ଆମେ ଜାଣିପାରୁଛୁ ଏବଂ ମହାମାରୀ ପୂର୍ବ ସମୟ ତୁଳନାରେ ଆମର ମୋଟ ଉତ୍ପାଦ ବର୍ଗମାଳାରେ ପ୍ରିମିୟମ ଉତ୍ପାଦର ଭାଗକୁ ଚଳିତ ବର୍ଷ ଦ୍ୱିଗୁଣିତ କରିବାକୁ ଚାହୁଁଛୁ। ସେହିଭଳି ଗୋଦ୍ରେଜ୍ ଆପ୍ଲାଏନ୍ସେସ୍‌ର ପ୍ରଡକ୍ଟ ଗ୍ରୁପ୍ ହେଡ୍-ୱାଶିଂମେଶିନ ରାଜୀନ୍ଦର କୌଲ କହିଛନ୍ତି, ଏହି ନୂତନ ୱାଶିଂ ମେଶିନର ଶୁଭ ଉନ୍ମୋଚନ ସହିତ ପ୍ରିମିୟମ ବର୍ଗରେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୫୦ ପ୍ରତିଶତ ଅଭିବୃଦ୍ଧି ହାସଲ କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ଆସନ୍ତା ମାସରେ ଅଧିକ ଦକ୍ଷତା ଏବଂ ଅଧିକ ପ୍ରଯୁକ୍ତି ସହ ଏହି ପ୍ଲାଟ୍‌ଫର୍ମକୁ ଆହୁରି ସମ୍ପ୍ରସାରିତ କରିବୁ। ଆସନ୍ତା ମାସରେ ଅଧିକ ଦକ୍ଷତା ଏବଂ ଅଧିକ ପ୍ରଯୁକ୍ତି ସହ ଏହି ପ୍ଲାଟଫର୍ମକୁ ଆହୁରି ସମ୍ପ୍ରସାରିତ କରିବୁ।

# ମାରୁତି ସୁଜୁକିର ନୂଆ 'ଇକୋ'ର ବଜାର ପ୍ରବେଶ




**ନୂଆଦିଲ୍ଲୀ,୨୯।୧୧**

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ନୂଆ ଇକୋର ଶୁଭାରମ୍ଭ ସହ ବଜାର ପ୍ରବେଶ କରାଯାଇଛି। ଏହା ନୂତନ ଓ ଶକ୍ତିଶାଳୀ ଇଞ୍ଜିନ ସହିତ ଉନ୍ନତ ଇନ୍ଧନ ଦକ୍ଷତା ପ୍ରଦାନ କରୁଛି। ଦେଶରେ ସର୍ବାଧିକ ବିକ୍ରି ହେଉଥିବା ଭ୍ୟାନ ମାରୁତି ସୁଜୁକି ଇକୋ କ୍ରମାଗତ ଭାବରେ ଏହି ସେଗ୍‌ମେଣ୍ଟରେ ନିଜର ଆଧିପତ୍ୟ ବଜାୟ ରଖିଛି। ନୂଆ ଇକୋ ନୂଆ ଇଣ୍ଟେରିୟର ଏବଂ ସଦ୍ୟତମ ଟେକ୍ନୋଲୋଜି ଓ ଫିଚର ସହିତ ସୁସଜ୍ଜିତ ରହିଛି। ଏ ସମ୍ପର୍କରେ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍‌ର ମାର୍କେଟିଂ ଏବଂ ସେଲ୍ସର ସିନିୟର ଏକ୍ଜିକ୍ୟୁଟିଭ ଅଫିସର ଶଶାଙ୍କ ଶ୍ରୀବାସ୍ତବ କହିଛନ୍ତି, ଏହାର ଶୁଭାରମ୍ଭ ଠାରୁ ଇକୋ ୯.୭୫ ଲକ୍ଷ ଗ୍ରାହକଙ୍କର ପସନ୍ଦରେ ପରିଣତ ହୋଇଛି। ନୂଆ ଇକୋ ଏକ ଭରସାଯୋଗ୍ୟ ଏବଂ ଗ୍ରାହକଙ୍କ ପାଇଁ ଆରାମଦାୟକ, ଷ୍ଟାଇଲିଶ ଏବଂ ପ୍ରଶସ୍ତ ପାରିବାରିକ ବାହନ ହେବା ସହିତ ବ୍ୟବସାୟିକ ବ୍ୟବହାର ପାଇଁ ଫ୍ଲେକ୍ସିବିଲିଟି ଯୋଗାଇ ଦେବ।

# ଆଇଓଟି ସମାଧାନ ପ୍ରଦାନ କରିବ ଏୟାରଟେଲ

**ଭୁବନେଶ୍ୱର,୨୯।୧୧:** ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ସହ ଏୟାରଟେଲ ଏକ ସେଲ୍ୟୁଲାର ଆଇଓଟି ସଲ୍ୟୁଶନ ଜନାଦେଶ ହାସଲ କରିଛି। ଉକ୍ତ ଜନାଦେଶର ଅଂଶ ଭାବେ ଏୟାରଟେଲ୍ ୨ଲକ୍ଷ ସ୍ମାର୍ଟ ମିଟର ପାଇଁ ଆଇଓଟି ସମାଧାନ ପ୍ରଦାନ କରିବ। ଯେଉଁଥିରୁ ୭୦,୦୦୦ସ୍ମାର୍ଟ ମିଟରକୁ ପ୍ରଥମ ପର୍ଯ୍ୟାୟରେ ବିତରଣ କରାଯିବ। ଏହି କନେକ୍ଟିଭିଟି ଜନାଦେଶକୁ ଏୟାରଟେଲ୍‌ର ମାଲିକାନାରେ ଥିବା ଆଇଓଟି ପ୍ଲାଟ୍‌ଫର୍ମ 'ଏୟାରଟେଲ୍ ଆଇଓଟି ହବ୍ ସହ କାର୍ଯ୍ୟକାରୀ କରାଯିବ। ଏହା ଆଡ୍‌ଭାନ୍ସଡ୍ ଆନାଲିଟିକ୍ସ ସହ ଏହି ସ୍ମାର୍ଟ ମିଟରଗୁଡ଼ିକର ମନିଟର କରିବା ଓ ୟୁଟିଲିଟି ଟ୍ରାକ୍‌ରେ ସାହାଯ୍ୟ କରିବ।


**CLASSIFIED DISPLAY** — ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ରଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ରଣ ଘରେ ବସି ପାଆନ୍ତୁ।
M:8895873378
:7656825209


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଡିସିବିଏଲ୍-ଏଲ୍‌ଭିପିଇଆଇର ରାଜିନାମା

**ଭୁବନେଶ୍ୱର,୨୯।୧୧**

ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ୍ (ଡିସିବିଏଲ୍) ଓ ଏଲ୍. ଭି. ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ନିକଟରେ ସ୍ୱାକ୍ଷର ହୋଇଯାଇଛି। ବିଶେଷକରି କମ୍ପାନୀର କାର୍ଯ୍ୟ ପରିସର ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ଜୀବନରେ ଉନ୍ନତି ଆଣିବା ନିମନ୍ତେ ଜାରି ରହିଥିବା ପ୍ରୟାସକୁ ଅଧିକ ତ୍ୱରାନ୍ୱିତ କରିବା ନେଇ ଉକ୍ତ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବା କୁହାଯାଇଛି। ଏପରିକି ପରବର୍ତ୍ତୀ ପର୍ଯ୍ୟାୟରେ ତାହା କ୍ଷେତ୍ର ସ୍ତରରେ କାର୍ଯ୍ୟ କରାଯିବା ସହ ପ୍ରୋଜେକ୍ଟ ଦୃଷ୍ଟି ଜରିଆରେ ଜଉରୁମାଲ ଗ୍ରାମରେ ଏହାର ଶୁଭାରମ୍ଭ ମଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ଡିସିବିଏଲ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଏବଂ ୟୁନିଟ୍ ହେଡ୍-ରାଜଗାଙ୍ଗପୁର ଚେତନ ଶ୍ରୀବାସ୍ତବ, ଏଲ୍‌ଭିପିଇଆଇର ଭାଇସ ଚେୟାର ଡା. ରାଜୀବ ଆର୍. ପପ୍ପୁରୁ, ଡା. ନୀଳାଦ୍ରି ଭୂଷଣ ପାଢ଼ୀ ଏଇଡି-ଡିସିବିଏଲ୍, ରାଜଗାଙ୍ଗପୁର ବିଡିଓ ପୀୟୂଷ ଲୋହାର, ଡା. ଦେବସ୍ମିତା ମାଝି, ଯୋଗିତା ଟିଗା (ସରପଞ୍ଚ ଜଉରୁମାଲ), ଲାଲୁ ଲାକ୍ରା (ପଞ୍ଚାୟତ ସମିତି ସଭ୍ୟ) ଏବଂ ବ୍ଲକ ଅଧକ୍ଷା ସବିନା ମିଞ୍ଜ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଡିସିବିଏଲ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ତଥା ରାଜଗାଙ୍ଗପୁର ୟୁନିଟ୍ ହେଡ୍ ଚେତନ ଶ୍ରୀବାସ୍ତବ କହିଛନ୍ତି, ଆମେ ଏଲ୍.ଭି. ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ ରାଜଗାଙ୍ଗପୁର ସହ ୨୦୧୫ରୁ ଅତି ଘନିଷ୍ଠ ଭାବେ ମିଶି କାର୍ଯ୍ୟ କରିଆସୁଛୁ। ଏହି ମିଳିତ ପ୍ରୟାସ ଆଇ ସେଣ୍ଟରକୁ ଲାଞ୍ଜିବେର୍ଣ୍ଣା ଅଞ୍ଚଳର ଜନସାଧାରଣଙ୍କ ନିକଟତର କରିପାରୁଛି ଏବଂ ସେମାନେ ଏହାର ସୁଯୋଗ ନେଉଛନ୍ତି ଏବଂ ଏହା ରାଜଗାଙ୍ଗପୁର ଓ ସୁନ୍ଦରଗଡ଼କୁ ଦୃଷ୍ଟିହୀନମୁକ୍ତ ଜିଲାରେ ପରିଣତ କରିବା ଦିଗରେ ଆମର ପ୍ରତିବଦ୍ଧତାକୁ ଦୋହରାଉଛି।




# ସିଓର ବାଏର ପ୍ରିମିୟମ ମୋବାଇଲ ଷ୍ଟୋର



**ଭୁବନେଶ୍ୱର,୨୯।୧୧**

ବର୍ତ୍ତମାନ ସମୟରେ ସ୍ମାର୍ଟଫୋନ୍ ସବୁ ବର୍ଗର ଲୋକଙ୍କ ପାଇଁ ଏକ ଅତ୍ୟାବଶ୍ୟକ ସାମଗ୍ରୀରେ ପରିଣତ ହୋଇଯାଇଛି। ଏଭଳି କିଛି ଅଭାବ ଓ ଆବଶ୍ୟକତାକୁ ନଜରରେ ରଖି ସ୍ଥାନୀୟ ବାପୁଜୀ ନଗରଠାରେ ସିଓର ବାଏର ପ୍ରିମିୟମ ମୋବାଇଲ ଷ୍ଟୋର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଅଭିନେତ୍ରୀ ପୁନମ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟୋରର ମୁଖ୍ୟ ତଥା ସିଓର ବାଏର ଏମ୍‌ଡି ସର୍ବପ୍ରିୟ ମାତୃଦତ୍ତ ଏବଂ ଆଭାରାଣୀ ଚୌଧୁରୀଙ୍କ ସମେତ ଅନ୍ୟମାନେ ମଧ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ୧୦ ଜଣ ମୂକ ବଧିର ପିଲାଙ୍କୁ ମାଗଣାରେ ଫୋନ ଦିଆଯାଇଥିବା କଥା ଷ୍ଟୋରର ମୁଖ୍ୟ ସର୍ବପ୍ରିୟ ମାତୃଦତ୍ତ କହିଥିଲେ।

# Classified Everyday
0674-2580101, 2549949


MATRIMONIAL

**BRIDE WANTED**

Gudia girl, M.Com, 27.5, 1993, 5'-00", Colour Shyamal. Contact No.-9778642153, 7751840747. D-2076

ଆଭିଜାତ୍ୟ ପରିବାରର ସୁନ୍ଦର ବଙ୍ଗାଳୀ ବ୍ରାହ୍ମଣ ପାତ୍ର B.Com, ବୟସ- 30, ବ୍ୟବସାୟୀ ପାଇଁ ପୁରୀ ଜିଲ୍ଲା ନିବାସୀ ବଙ୍ଗାଳୀ ବ୍ରାହ୍ମଣ ପାତ୍ରୀ 24+ ଆବଶ୍ୟକ। ଯୋଗାଯୋଗ- 7003424901, 7pm. to 10pm. D-69076

Teli groom 30/ 5'8" B.Tech. Comp. Science, MNC Bangalore wanted general caste bride. Mobile: 9778072479. D-2118

SC (Gokha) boy- 1992, 5'7", B.Tech Employed in a company job at BBSR Father Retired Central Govt. Employee settled in BBSR, wants any graduate girl for immediate marriage. 9938678229. D-2128

Required bride for Bengali Kayastha groom 33 years B.Com. working as Stock Exchange Trading. 7377497659, 8249950627. D-69077

Divorce khandayat boy 46/ OAS/ (Caste no bar) 'SUHAG'. 9938199964, 9090486408. D-2122

**GROOM WANTED**

34 ବୟସ୍କା Marwadi Widow Government ଚାକିରିଆ ଝିଅଙ୍କୁ Odia/ Non- Odia ପୁଅ ଦରକାର। (Caste no bar). 6371298869. D-2103

ଏକାକୀ ରହୁଥିବା 54 ବୟସ୍କା ବିଧବା ସରକାରୀ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟରତ ଖଣ୍ଡାୟତ ଝିଅଙ୍କ ପାଇଁ ଯୋଗ୍ୟ ବରପାତ୍ର ଆବଶ୍ୟକ। 8658185147. D-2107


REAL ESTATE

**SALE**

4BHK Duplex near Nandankanan Square. Land-1300 Construction-1800, Price-85 Lakh. 8984071303. D-2112

ଭୁବନେଶ୍ୱରର ନଖରା, ପଟିଆ ଓ ହଂସପାଳରେ Simplex, Duplex, Flat ସୁଲଭ ମୂଲ୍ୟରେ ମିଳୁଛି। 9861560117, 7381230964. D-74155

**NH side plot (gharabari, boundarywall). Nakhara to Niali road Cuttack. 8249851363.** D-74603

ବରମୁଣ୍ଡାରୁ ୧୪କି.ମି. ଭିତରେ sqft.-130/-, 450/- 950/-, ପ୍ଲଟ୍ ଦିଆଯାଉଛି। 9938016295. D-74159

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74157

ଜଟଣୀ NISER Institute ସାମ୍ନାରେ 1 K.M. ଦୂରତାରେ yellowzone ଏବଂ ଘରବାଡ଼ି 30ft road ଥାଇ ସ୍ଥିତିବାନ୍ ପ୍ଲଟ୍ କିଣି immediate ଘର କରନ୍ତୁ। sqft.-750/-. 9938066403, 9438315973. D-74158

**Yellowzone gharabari plot for sale, 2000sqft. (15 Nos.) at Mouza- Sankarpur, Ghatikia in front of Tata Ariana, Vipul Garden backside, Bhubaneswar. Govt. road connected internal road-30ft. & road side plantation. Immediately possession then registration. Water & Electricity available. N.H.-5 to 1KM. per sqft.-2000/-. Contact: 8114744495, 8328943165.** D-2069

ଭୁବନେଶ୍ୱର-ପୁରୀ **NH**ରେ ଥିବା ସାଇ ଲାଇଫ୍ ଷ୍ଟାଇଲ୍ ପାଖରେ **4BHK**ର **Duplex** ଏବଂ ଘରବାରି ପାଚେରି ଥାଇ ସ୍ଥିତିବାନ ପ୍ଲଟ୍ **sqft.**କୁ **1600-Rs.** ରେ ବିକ୍ରି କରାଯାଉଛି। **Contact: 9439539146, 9777777525.** D-2075

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା **East College mainroad 200mtr.** ଦୂରତାରେ **SC/ General** ପ୍ଲଟ୍ **gated society** ଥାଇ ବିକ୍ରିହେବ। **8093419724, 9776602067.** D-74127




Newly open Spa positively health benefit with expert. Contact: 7749976301. D-73899

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74604

**Relax, Refresh your body, Mind at Saikrupa Spa with best therapies. 8984068077.** D-2048

**LOST**

ମୁଁ ନିରଞ୍ଜନ ଦେଓ, କୋଣାର୍କ ଇଣ୍ଡଷ୍ଟ୍ରିଜ୍ ଜାରକା ନାମରେ ଥିବା ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ଏସ୍.ବି.ଆଇ.ର ଦୁଇଟି ଚେକ୍ ହଜାଇ ଦେଇଛି। କେହି ପାଇଲେ ଦୟାକରି ଫୋନ୍ ନଂ.- 9040500090ରେ ଯୋଗାଯୋଗ କରନ୍ତୁ। ଧ-୬୩୨୩୩

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଦଶମ ଜନ୍ମଦିନର ଶୁଭେଚ୍ଛା**


(ଡୁଗୁ)
ଆରିୟନ୍ ପ୍ରିୟଦର୍ଶନ ପଟ୍ଟନାୟକ
ବାଙ୍କୁଆଳ, ଭୁବନେଶ୍ୱର
ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନ ସୁଖମୟ ହେଉ।
**ଶୁଭେଚ୍ଛା ସହ:** ଜେଜେମା, ଅଜା, ଆଈ, ବାବା, ମାମା, ଦାଦା, ମିନିଅପା, ଅଜୁପିଇସା, ମାମିଅପା, ଟୁଟୁପିଇସା, ମାନୁଅପା, ନବପିଇସା, ରାନୁଅପା, ଟିଲୁପିଇସା, ଲିପୁଭାଇ, ନବ୍ୟା, ଲିନା, ବନ୍ଧୁ ଓ ପରିବାରବର୍ଗ।
ଧ-୨୧୧୯

**ନିରୁଦ୍ଦିଷ୍ଟ**


ଗତ ଶନିବାର ତା୨୬।୧୧।୨୨ରିଖ ଅପରାହ୍ନ ୫ଟା ପରେ ଶ୍ୟାମସୁନ୍ଦର ବେହେରା ୩୯ ଲକ୍ଷ୍ମୀ ବଜାର ଜି. ଉଦୟଗିରି କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ଯେକୌଣସି ସହୃଦୟ ବ୍ୟକ୍ତି ଶ୍ୟାମସୁନ୍ଦର ବେହେରାଙ୍କ ସନ୍ଧାନ ପାଆନ୍ତି ତେବେ ନିମ୍ନୋକ୍ତ ମୋବାଇଲ ନଂ.- ୯୯୩୭୨୬୨୩୬୦ରେ କିମ୍ବା ନିକଟସ୍ଥ ଥାନାରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୨୧୨୧

**LEGAL NOTICE**

U/O 5 rule 20 CPC
ପୁରୀ ଫ୍ୟାମିଲ ଜଜ୍, ଫ୍ୟାମିଲ କୋର୍ଟ ପୁରୀ।
ସି.ପି. ନଂ.-୯୧/୨୦୨୦
କୃଷ୍ଣଚନ୍ଦ୍ର ନାୟକ ବ୪୦ର୍ଷ, ପି- ୰ନୀଳକଣ୍ଠ ନାୟକ, ଦୋଳଗୋବିନ୍ଦପୁର, ପୋ.ଅ: ବୀରପ୍ରତାପପୁର, ଥାନା- ଚନ୍ଦନପୁର, ଜିଲ୍ଲା- ପୁରୀ
...ଦରଖାସ୍ତକାରୀ
ବନାମ
୧. ଶ୍ରୀମତୀ ରିନାମଣୀ ନାୟକ ବ୩୮ର୍ଷ, କ୍ୟାରଫ- ଅଜୟ କୁମାର ପ୍ରଧାନ, ପିତା- ନକୁଳ ପ୍ରଧାନ, ୨. ଅଜୟ କୁମାର ପ୍ରଧାନ, ବ୪୧ର୍ଷ, ପିତା- ନକୁଳ ପ୍ରଧାନ, ସାକିନ: ଦୋଳଗୋବିନ୍ଦପୁର, ପୋ.ଅ: ବୀରପ୍ରତାପପୁର, ଥାନା: ଚନ୍ଦନପୁର, ଜିଲ୍ଲା: ପୁରୀ।
.....ପ୍ରତିବାଦୀ
ନୋଟିସ
ଦରଖାସ୍ତକାରୀ ଆପଣମାନଙ୍କ ବିରୁଦ୍ଧେ ଉପରୋକ୍ତ ଛାଡ଼ପତ୍ର ମୋକଦ୍ଦମା କରିଥିବାରୁ ବାରମ୍ବାର ସମନ ଗଲେ ମଧ ଆପଣମାନେ ଜାଣିଶୁଣି ସମନ ଗ୍ରହଣ କରୁନାହାନ୍ତି। ଏଣୁ ଏହି ନୋଟିସ ଦ୍ୱାରା ଜଣାଇ ଦିଆଯାଉଛି ଯେ ଆପଣମାନେ ସ୍ୱୟଂ ବା ଆପଣଙ୍କ ଦ୍ୱାରା ନିଯୁକ୍ତ ଓକିଲଙ୍କ ମାଧ୍ୟମରେ ତା ୧୯।୧୨।୨୨ରିଖରେ କୋର୍ଟରେ ହାଜର ହୋଇ ଜବାବ ଦେବେ ନଚେତ୍ ଆପଣମାନଙ୍କ ଗେରହାଜିରରେ ଆଇନଗତ ଭାବେ ଉପରୋକ୍ତ କୋମଦ୍ଦମା ଫଏସଲା କରାଯିବ।
ସ୍ୱା./- ଆଦେଶ ମତେ
ଧ-୨୧୨୭

**AFFIDAVIT**

By virtue of an affidavit sworn before the Notary Public, Sambalpur, I, Md. Riyaz Khan, R/o- At. Sunapali, P.O. Dhankauda, Dist. Sambalpur declare that my name has been mentioned in some documents as Md. Riyazuddin Abbaskhan and Md. Riyaz Khan and Mohammad Riyaz Khan. That all the above names are belongs to one and same person. D-2123

**ମନେ ପଡ଼ନ୍ତି**

**ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


ସ୍ୱର୍ଗତ ଆର୍ତ୍ତତ୍ରାଣ ଆଚାର୍ଯ୍ୟ
ବିଜ୍ଞାନ ଶିକ୍ଷକ, କୁତାମଚଣ୍ଡୀ ବିଦ୍ୟାପୀଠ
ବଣିଆ ସାହି ଡିହ
ଗ୍ରାମ: କାଳିଆବୋରା, ଜଗତ୍‌ସିଂହପୁର
ଆବିର୍ଭାବ: ମାଘ କୃଷ୍ଣ ଦଶମୀ (୧୨।୦୧।୧୯୬୧)
ତିରୋଧାନ: କୁମାର ପଞ୍ଚମୀ (୩୦।୧୧।୨୦୦୦)
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ତାହିଁ ତାହିଁ ବାଇଶି ବରଷ ବିତିଗଲା। ତୁମ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ଉପରେ ସର୍ବଦା ରହିଥାଉ। ତୁମର ପବିତ୍ର ଆତ୍ମାକୁ ଶ୍ରୀଜଗନ୍ନାଥ ମହାପ୍ରଭୁ ଶାନ୍ତି ଦିଅନ୍ତୁ।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୧୨୦

**ପ୍ରଥମ ଶ୍ରାଦ୍ଧ ବାର୍ଷିକରେ ଶ୍ରଦ୍ଧାଞ୍ଜଳି**


୰ପଙ୍କଜ କୁମାର କର
ଜୟପୁର, ସାକ୍ଷୀଗୋପାଳ
ଆବିର୍ଭାବ : ୨୧.୦୨.୧୯୫୨
ତିରୋଧାନ : ୧୦.୧୨.୨୦୨୧
ଆପଣଙ୍କ ଅମରାତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପତ୍ନୀ-ବିଦ୍ୟୁତ୍‌ପ୍ରଭା କର, ପୁତ୍ର-ଶିଶିର କୁମାର କର, କନ୍ୟା-ମଞ୍ଜୁଶ୍ରୀ ପାଣି, ନାତି-ପୂର୍ଣ୍ଣାୟନ, ବନ୍ଧୁ ଓ କର ପରିବାରବର୍ଗ।
ଧ-୭୩୯୦୦

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**ଧରିତ୍ରୀ DHARITRI — Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚନ୍ଦ୍ରମଣି



@ ପ୍ରଦୋଷ



@ ପ୍ରଜ୍ଞା ପାରମିତା



@ ଶାନ୍ତନୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମଜୁରି ନ ଦେବା ଦିନେଶଙ୍କ ପାଇଁ କାଳ ହେଲା

**ଇଟା ଫ୍ୟାକ୍ଟ୍ରି ମାଲିକ ହତ୍ୟା ଘଟଣାର ପର୍ଦ୍ଦାଫାଶ**

- ଅଭିଯୁକ୍ତଙ୍କୁ ଧରାଇଲା ମୋବାଇଲ
- ସ୍ପେଶାଲ ସ୍କ୍ୱାଡ୍‌କୁ ଚାପୁଡ଼ା ମାରି ଖସିଯିବାକୁ ଉଦ୍ୟମ

ମହାକାଳପଡ଼ା,୨୯।୧୧ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଖରିନାସୀ ମୁଖ୍ୟ ରାସ୍ତାପାର୍ଶ୍ୱ ମା'ମନସା ଜ୍ୟୋତି ବୈଦ୍ୟ ଫ୍ଲାଏ ଆଶ୍ ଇଟା ଫ୍ୟାକ୍ଟ୍ରି ମାଲିକ ଦିନେଶ ବୈଦ (୩୪)ଙ୍କୁ ରବିବାର ବିଳମ୍ବିତ ରାତିରେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ଫ୍ୟାକ୍ଟ୍ରିରେ କାମ କରୁଥିବା ଶ୍ରମିକ ତଥା ଭଦ୍ରକ ଜିଲା ପୀରହାଟ ଥାନା ତଳଦପା ଗାଁର ପରମାନନ୍ଦ ମଲ୍ଲିକ (୪୦)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଉକ୍ତ ଘଟଣା ପରଠୁ ପରମାନନ୍ଦ ଫେରାର ଥିବାରୁ ତାଙ୍କ ଉପରେ ପୋଲିସର ସନ୍ଦେହ ସୃଷ୍ଟି ହୋଇଥିଲା। ଏସ୍‌ପି ମଡକର ସନ୍ଦିତ ସମ୍ପଦଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ପେଶାଲ୍ ସ୍କ୍ୱାଡ୍ ଜମ୍ବୁ ସାମୁଦ୍ରିକ ଥାନା ଆଇଆଇସି ପରେଶ କୁମାର ମହାନ୍ତିଙ୍କ ନେତୃତ୍ୱରେ ଗଠନ କରାଯାଇଥିଲା। ସେମାନେ ପରମାନନ୍ଦଙ୍କ ମୋବାଇଲକୁ ଟ୍ରାକିଂ କରି କେନ୍ଦ୍ରାପଡ଼ା ନିକଟ ଦୁହୁରିଆ ଛକରୁ ମଙ୍ଗଳବାର ସକାଳେ ଗିରଫ କରିଥିଲେ।

ଗିରଫ ପରେ ପରମାନନ୍ଦ କହିଛନ୍ତି, ମାଲିକ ଦିନେଶ ଠିକ୍ ଭାବେ ମଜୁରୀ ଦେଉ ନ ଥିଲେ। ଯେବେ ମଜୁରୀ ମାଗିଛି ସେ ମୋତେ ମାରଧର କରନ୍ତି। ଘଟଣାଦିନ ରାତି ୧୦ଟା ପରେ ଅନ୍ୟ ଶ୍ରମିକମାନେ କାମ ସାରି ଘରକୁ ଫେରିଥିଲେ। ଆମେ କୁକୁଡ଼ା ମାଂସ ଭୋଜି କରି ଖାଇଥିଲୁ। ଏହାପରେ ମଜୁରୀ ମାଗିବାରୁ ଦିନେଶ ତାଙ୍କୁ ଦୁଇ ଚାପୁଡ଼ା ମାରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ପରମାନନ୍ଦ ପାହାଚରେ ବସିଥିବା ଦିନେଶଙ୍କ ମୁଣ୍ଡକୁ ଏକ ଶାବଳରେ ଜୋରରେ ପିଟିଦେଇଥିଲେ। ଦିନେଶ ତଳେ ପଡି ଜୀବନ ବଞ୍ଚାଇବାକୁ ଚେଷ୍ଟା କରୁଥିବାବେଳେ ତାଙ୍କୁ ପୁଣି ଥରେ ଶାବଳରେ ପିଟିଥିଲେ। ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେତୁ ଦିନେଶ ଚେତା ଶୂନ୍ୟ ହୋଇ ପଡିଥିଲେ। ଘଟଣାସ୍ଥଳରେ ଦିନେଶଙ୍କ ମୃତ୍ୟୁ ଘଟିଥିଲା। ପରେ ପରମାନନ୍ଦ ଚମ୍ପଟ ମାରିଥିଲେ। ସେ ସାଇକେଲରେ କିଛି ବାଟ ଯାଇଥିଲେ। ପରେ ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ବନ୍ଧରେ ସାଇକେଲକୁ ଫିଙ୍ଗି ଏକ ଡାଲା ଅଟୋରେ କେନାଲ ବ୍ରିଜ ଦେଇ ବସ୍‌ରେ କଟକ ବାଦାମବାଡିରେ ପହଞ୍ଚିଥିଲେ। ସେଠାରୁ ଏକ ଅଟୋରିକ୍ସାରେ ହାଇକୋର୍ଟ ଛକ, ଖାଞ୍ଜିରିମଙ୍ଗଳା ଆଦି ଅଞ୍ଚଳ ବୁଲିବା ପରେ ଘରକୁ ଯିବା ବାଟ ପାଇ ନ ଥିଲେ। ଶେଷରେ ସେ ଏକ ଅଟୋରିକ୍ସା ଭଡ଼ା କରି କେନ୍ଦ୍ରାପଡ଼ା ଅଭିମୁଖେ ଆସୁଥିଲେ। ପୋଲିସର ସ୍ପେଶାଲ ସ୍କ୍ୱାଡ ଅଟୋରିକ୍ସାକୁ ଦୁହୁରିଆ ଛକରେ ଅଟକାଇ ତାଙ୍କୁ ମାଡ଼ି ବସିଥିଲା। ହେଲେ ପୋଲିସକୁ ଚାପୁଡ଼ା ମାରି ସେ ଚାଷ ଜମିରେ ଦୌଡ଼ି ଫେରାର ହେବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ପୋଲିସ ତାଙ୍କୁ କାବୁ କରି ନେଇଥିଲା। ପରେ ପୋଲିସ ପରମାନନ୍ଦଙ୍କୁ ଘଟଣାସ୍ଥଳକୁ ଆଣି ସିନ ରିକ୍ରିଏଶନ କରିଥିଲା। ଏହି ହତ୍ୟା ପଛରେ ପରମାନନ୍ଦ ଛଡ଼ା ଆଉ କାହାର ସମ୍ପୃକ୍ତି ଅଛି କି ନାହିଁ ସେ ନେଇ ପୋଲିସର ସ୍ପେଶାଲ ସ୍କ୍ୱାଡ ଛାନ୍‌ଭିନ୍ କରୁଛି। ହତ୍ୟାକାଣ୍ଡରେ ବ୍ୟବହୃତ ଶାବଳ ସହ ପୋଲିସ ପରମାନନ୍ଦଙ୍କ ମୋବାଇଲ, ମନିପର୍ସରୁ ୧୧୨ଟଙ୍କା ଜବତ କରିଛି।



ଦିନେଶ ହତ୍ୟା ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ ପରମାନନ୍ଦ ମଲିକ।




ବାଣିଜ୍ୟ ମେଳା ମଞ୍ଚରେ ଜିତେନ୍ଦ୍ର ହରିପାଲ ସଂଗୀତ ପରିବେଷଣ କରୁଛନ୍ତି।

# ରଙ୍ଗବତୀ ଗୀତରେ ଝୁମିଲେ ଦର୍ଶକ

**୩୩ତମ ବାଣିଜ୍ୟ ମେଳାର ଶେଷ ସନ୍ଧ୍ୟା**

ଯାଜପୁର ଅଫିସ,୨୯।୧୧:

ଯାଜପୁର ରୋଡ୍ ୩୩ତମ ବାଣିଜ୍ୟ ମେଳାର ଶେଷଦିନରେ ମୁଖ୍ୟ ଆକର୍ଷଣ ଥିଲେ ପଦ୍ମଶ୍ରୀ ଜୀତେନ୍ଦ୍ର ହରିପାଲ। ତାଙ୍କ କଣ୍ଠରେ ସୁପ୍ରସିଦ୍ଧ ରଙ୍ଗବତୀ କନକ ଲତା, ହସିପଦେ କହିଦେ କଥା...ସଂଗୀତରେ ଦର୍ଶକ ଝୁମି ଉଠିଥିଲେ। ତାଙ୍କ ସାନବୋହୂ ମିନୁ ହରିପାଲ ଏଥିରେ ସହଯୋଗ କରିଥିଲେ। କାହ୍ନୁ ଡାକି ଦେସି ନିଶା ରାତିରେ ମା... ଚପ କରାଟି ଆଦି ସମ୍ବଲପୁରୀ ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ପୁଷ୍ପକ ସୁନା, ପାରସ ହରିପାଲ, ପ୍ରଭାତ ହରିପାଲ, ମନୁ ହରିପାଲ, କ୍ରିଷ୍ଣା ସିକନ୍ଦର, ବାଦଲ ନାଗ, ଅମିର ମହାନନ୍ଦ, କେଶବ ଦୀପ ପ୍ରମୁଖ ବାଦ୍ୟ ଯନ୍ତ୍ରରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମେଳାର ଅଧ୍ୟକ୍ଷ ଜିତେନ୍ଦ୍ର ପ୍ରତିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ମେଳାର ସଦସ୍ୟ ବଳଦେବ ନନ୍ଦ, ଦେବାଂଶୁ ସିଲ, ମାନସ ରଞ୍ଜନ ସାମଲ, ସଂଗ୍ରାମ ରାଉତ, ଗୋବିନ୍ଦ ଦାଶ ଓ ଶୁଭାଶିଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀ: ଆଜି ୪ ଘଣ୍ଟା ଦର୍ଶନ ବନ୍ଦ

ପୁରୀ ଅଫିସ,୨୯।୧୧

ମାର୍ଗଶୀର ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ବୁଧବାର ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଏହା ଗୁପ୍ତନୀତି ହୋଇଥିବାରୁ ଅପରାହ୍ନ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଦତ୍ତମହାପାତ୍ର ସେବକମାନେ ଏହି ବନକ ଲାଗି ନୀତିକୁ ସମ୍ପାଦନ କରିଥାନ୍ତି। ଶ୍ରୀମନ୍ଦିର ସତ୍ୱଲିପି ଅନୁଯାୟୀ, ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ଉତ୍ତାରେ ଏହି ନୀତି ଅନୁଷ୍ଠିତ ହୁଏ।

# ୨୮ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଯୁବକ ଗିରଫ

ଯାଜପୁର ଟାଉନ,୨୯।୧୧(ଡି.ଏନ.ଏ.):

ଯାଜପୁର ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ୨୮ଗ୍ରାମ ବ୍ରାଉନ୍‌ସୁଗାର ଜବତ କରାଯିବା ସହ ଜଣେ ଯୁବକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେ ହେଲେ ଯାଜପୁରସହର ମକେଇପୁର ଅଞ୍ଚଳସ୍ଥ ଆଙ୍କୁଲା ଗ୍ରାମର ଶ୍ରୀତମ୍ କୁମାର ଜେନା। ଶ୍ରୀତମ୍ ଏକ ସ୍କୁଟିରେ ବ୍ରାଉନ୍‌ସୁଗାର ବିକ୍ରି କରୁଥିବାବେଳେ ଅବକାରୀ ବିଭାଗର ଇନ୍ସପେକ୍ଟର ସ୍ୱପ୍ନାରାଣୀ ସାହୁଙ୍କ ନେତୃତ୍ୱରେ ଏସ୍‌ଆଇ ଦିଲୀପ କୁମାର ନାୟକ, ଏଏସ୍‌ଆଇ ଯଯାତି ପଣ୍ଡା, ଜୟପ୍ରକାଶ ବେହୁରିଆ, କନଷ୍ଟେବଳ ଗୟାଧର ସେଠୀ, ରାକେଶ ମୁର୍ମୁ ଓ ସ୍ୱର୍ଣ୍ଣଲତା ଦାସ ତାଙ୍କୁ ଗିରଫ କରିଥିଲେ। ଶ୍ରୀତମ୍‌ଙ୍କ ପାଖରୁ ବ୍ରାଉନ୍‌ସୁଗାର ସହ ଏକ ସ୍କୁଟି ଜବତ କରାଯାଇଛି। ଏହି ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨ଲକ୍ଷ ୮୦ ହଜାର ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଅବକାରୀ ଥାନାରେ ନଂ.୬୧/୨୨ରେ ମାମଲା ରୁଜୁ ହୋଇଛି।

# ଶ୍ରୀମନ୍ଦିରରେ ଘୋଡ଼ ଲାଗି ନୀତି ସମ୍ପନ୍ନ

ପୁରୀ ଅଫିସ,୨୯।୧୧

ମାର୍ଗଶୀର ମାସ ଶୁକ୍ଳପକ୍ଷ ଷଷ୍ଠୀ ବା ପ୍ରାବରଣ ଷଷ୍ଠୀ ମଙ୍ଗଳବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଓଢ଼ଣ ଷଷ୍ଠୀ ନୀତି ବା ଘୋଡ଼ ଲାଗି ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁ ମାଘ ମାସ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଏହି ବେଶ ହେବେ। ମଙ୍ଗଳବାର ମାର୍ଗଶୀର ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥି ଅବସରରେ ମହାପ୍ରଭୁଙ୍କ ସକାଳ ଧୂପବଢ଼ିବା ପରେ ମଇଲମ କରାଯାଇଥିଲା। ପରେ ପୂର୍ବ ରାତିରୁ ଅର୍ଥାତ ପଞ୍ଚମୀ ତିଥିରୁ ଅଧିବାସିତ ହୋଇଥିବା ଘୋଡ(ଶୀତବସ୍ତ୍ର)ଗୁଡ଼ିକୁ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ଶ୍ରୀମନ୍ଦିର ଚାରିପାଖରେ ତିନି ଘେରା ପ୍ରଦକ୍ଷିତ କରାଯାଇ ରତ୍ନସିଂହାସନକୁ ବିଜେ କରାଯାଇଥିଲା। ଶ୍ରୀମନ୍ଦିର ସହ ଘରେ ଥିବା ଠାକୁରଙ୍କୁ ମଧ ଲୋକମାନେ ଘୋଡ଼ଲାଗି କରିଛନ୍ତି।


ଚିଠି ନଂ.-୧୨୪୦ ତାରିଖ ୨୮.୧୧.୨୦୨୨

## ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ପୁରୀ

**ବିଜ୍ଞପ୍ତି**

No.g-71:

| କ୍ର. ନଂ. | ଶିଶୁଙ୍କ ପରିଚୟ | ଝିଅ/ପୁଅ | ବୟସ | | |
|---|---|---|---|---|---|
| ୧ | ନାମ-ଜଣାନାହିଁ<br>ପିତା-ଏକାଦଶ ସ୍ୱାଇଁ<br>ମାତା-ମମତା ସ୍ୱାଇଁ<br>ଠିକଣା-ନହରିଆ, ଝିଙ୍କିରିଆ, ଚନ୍ଦନପୁର,ପୁରୀ | ଝିଅ | ୧୬ ଦିନ | ଗତ ତା.୧୨.୧୧.୨୦୨୨ ରିଖ ଏକ ଶିଶୁକନ୍ୟାକୁ ଚାଇଲ୍ଡ ଲାଇନ ଏବଂ ଆଶା କର୍ମୀଙ୍କ ଦ୍ୱାରା ଜିଲ୍ଲା ଶିଶୁ ମଙ୍ଗଳ କମିଟି, ପୁରୀଙ୍କ ନିକଟରେ ଉପସ୍ଥାପିତ କରାଯାଇଥିଲା । ଜିଲ୍ଲା ଶିଶୁ ମଙ୍ଗଳ କମିଟି, ପୁରୀଙ୍କ ନିର୍ଦ୍ଦେଶାଙ୍କ ନଂ. ୧୦୭୧୧/CWC/୧୨.୧୧.୨୦୨୨ ଅନୁସାରେ ଶିଶୁଟିକୁ ନୀଳାଚଳ ସେବା ପ୍ରତିଷ୍ଠାନ, ଦୟାବିହାର, କଣାସଠାରେ ଥିବା ଶିଶୁଗୃହରେ ଲାଳନ ପାଳନ କରାଯାଉଅଛି । |  |

ଯଦି ଏହି ଶିଶୁର କେହି ଅଭିଭାବକ ବା ପରିବାରବର୍ଗ ଓ ଅନ୍ୟ ସମ୍ପର୍କୀୟ ଅଥବା ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ଭିତରେ ଶିଶୁ ମଙ୍ଗଳ କମିଟି, ଉତ୍କଳ ବାଳାଶ୍ରମ ପରିସର, ନରେନ୍ଦ୍ର କୋଣ, ପୁରୀ (ଫୋନ ନଂ.୯୪୩୭୧୧୪୪୬୧)/ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର (ଫୋନ ନଂ.୯୪୩୮୬୪୮୦୬୭), ପୁରୀଙ୍କ ସହ ଯୋଗାଯୋଗ କରନ୍ତୁ । ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା ୩୮ ଉପଧାରା (୧) ଅନୁସାରେ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବା ପାଇଁ ପଦକ୍ଷେପ ନିଆଯିବ ।

OIPR-33018/11/0010/2223 ସ୍ୱା./- ଜିଲ୍ଲାପାଳ, ପୁରୀ

## OFFICE OF THE PANCHAYAT SAMITI,PATNA
Dist-Keonjhar,Pin-758030 (ODISHA)
No.i-247: E-mail:ori-patna@nic.in

**TENDER CALL NOTICE NO.01/Pat/2022-23**

| | | |
|---|---|---|
| Date & time of availability of tender | : | dt.28.11.2022 to 12.12.2022 upto 01 PM |
| Last date/time of receipt of tender | : | dt.12.12.2022 till 5.00 PM |
| Date of Opening of tender | : | dt.13.12.2022 at 03.00 PM |
| Number of Work | : | 12 Nos. |
| Class of Contractor | : | C & B, D & C |
| Mode of receive of tender paper | : | Registered/Speed Post only |

Further details of the Tender Call Notice can be seen from the District Website: https://kendujhar.nic.in. Any corrigendum/addendum/ cancellation of Tender can be seen in the newspaper & also in District website.
The Authority reserves the right to reject any / all tenders without assigning any reason thereof.

Sd./-Block Development Officer
PATNA, Keonjhar
OIPR-19134/11/0001/2223

